ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ସେପ୍ଟେମ୍ବର ୮/୨୦୨୨ (୧୬+୪ ପୃଷ୍ଠା) Rayagada, Thursday, September 8/2022 Page (16+4) ₹ 7.00

୧୨ଶ ଭାଗ ୨୧୧ ସଂଖ୍ୟା www.orissakhabar.com/www.dharitri.com | Printed at Rayagada VOLUME 12 ISSUE 211 ମୂଲ୍ୟ ₹୭/-

ସେମିଫାଇନାଲରେ ଖାଚାନୋଭ

ୟୁଏସ୍ ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି ରୁଷିଆର କାରେନ୍ ଖାଚାନୋଭ୍।

୧୬

୧୪

ରିଲିଜ ପୂର୍ବରୁ ଅଡ଼ୁଆରେ 'ବ୍ରହ୍ମାସ୍ତ୍ର'

ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର' ଶୁକ୍ରବାର ବଡ଼ପରଦାକୁ ଆସିବାକୁ ଯାଉଥିବାବେଳେ ରିଲିଜ ପୂର୍ବରୁ ଏହାକୁ ତୀବ୍ର ବିରୋଧ କରାଯାଇଛି।

ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

ଆଜିର ସମ୍ପାଦକୀୟ

ସ୍ୱର୍ଗରେ କ୍ଷୁଧା

କଳିଙ୍ଗ ଷ୍ଟାଡିୟମର ଭାରୋତ୍ତୋଳନ ହଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅଲ୍‌ଟିମେଟ ଖୋ ଖୋ ଲିଗ୍ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧିତ କରୁଛନ୍ତି।

ବନ୍ୟାରେ ୧୪,୨୩୫ ଘର ନଷ୍ଟ

ଭୁବନେଶ୍ୱର,୭।୯(ବ୍ୟୁରୋ)

କ୍ଷୟକ୍ଷତି ରିପୋର୍ଟ

- ୧.୨୬ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ
- ୧୨୬.୬୨ କୋଟିର ସାଧାରଣ ସମ୍ପତ୍ତି କ୍ଷତି
- ୫୦୩୬ ହେକ୍ଟର ଜମି ବାଲିଚର
- ବନ୍ୟା ସହାୟତା ପାଇଁ ୧୨୮ କୋଟି ୫୮ ଲକ୍ଷ
- ମରାମତି, ପୁନରୁଦ୍ଧାର ଲାଗି ୮୭୧୫.୫୧ ଲକ୍ଷ ଟଙ୍କା ମଞ୍ଜୁର

ଗତ ମାସ ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ହୋଇଥିବା ବନ୍ୟା ଏବଂ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ରାଜ୍ୟର ୨୪ ଜିଲା ପ୍ରଭାବିତ ହୋଇଛି। ୧,୨୬,୧୬୨ ହେକ୍ଟର ଚାଷଜମର ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ ହାନି ହୋଇଛି। ୧୪,୨୩୫ ବାସଗୃହ ନଷ୍ଟ ହୋଇଥିବା ବେଳେ ୧୨୩୬ ଗୁହାଳ, ୫୦୩୬ ହେକ୍ଟର ଚାଷଜମି ବାଲିଚର, ୧୧୨୫ଟି ଡଙ୍ଗା ଓ ଜାଲ, ୨୮.୩୮୨ ହେକ୍ଟର ମାଛ ପୋଖରୀ ଓ ୪୮୩.୧୪୫ ହେକ୍ଟର ମାଛଯାଆଁଳ ଚାଷ କ୍ଷତିଗ୍ରସ୍ତ ହୋଇଛି।

କ୍ଷତିଗ୍ରସ୍ତ ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ବୌଦ୍ଧ, ନୟାଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେଉଁଝର, ମୟୂରଭଞ୍ଜ, ବଲାଙ୍ଗୀର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଓ ସୁନ୍ଦରଗଡ଼। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳମାନଙ୍କ କ୍ଷୟକ୍ଷତିର ଆକଳନକୁ ଭିତ୍ତିକରି ଏବଂ ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଘର ନିର୍ମାଣ ସହାୟତା, ବାସନକୁସନ ସହାୟତା, କୃଷିଭିତ୍ତିକ ସହାୟତା, ବାଲିଚର ସହାୟତା, ମୃତ ଗୋରୁଙ୍କ ପାଇଁ ସହାୟତା, କ୍ଷତିଗ୍ରସ୍ତ ଡଙ୍ଗା ଓ ଜାଲ, ମତ୍ସ୍ୟପୋଖରୀ, ମାଛଯାଆଁଳ ଚାଷ, ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର, ରେଶମ ଚାଷୀଙ୍କ ପାଇ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨୮ କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଜଳବନ୍ଦୀରେ ପ୍ରଭାବିତ ଲୋକମାନଙ୍କୁ ଖାଦ୍ୟ ସହାୟତା ବାବଦକୁ ଅଦ୍ୟାବଧି ଜିଲାପାଳମାନଙ୍କୁ ୯୯ କୋଟି ୯୨ ଲକ୍ଷ ୯୭ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଇତିମଧ୍ୟରେ ଜଳସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗୃହ ଓ ନଗର ଉନ୍ନୟନ ଏବଂ ଶକ୍ତି ବିଭାଗଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ୧୨୬ କୋଟି ୬୨ ଲକ୍ଷ ୯୩ ହଜାର ଟଙ୍କାର ସାଧାରଣ ସମ୍ପତ୍ତି କ୍ଷୟକ୍ଷତି ହୋଇଛି। ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗ ୫୨୭୭.୬୯ ଲକ୍ଷ ଟଙ୍କା ଆବଶ୍ୟକ କରୁଥିବାବେଳେ ପୂର୍ତ୍ତ ବିଭାଗ ୨୦୧୯.୪୪ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗ ☞ପୃଷ୍ଠା–୪

ରାଜ୍ୟରେ ହେବ ଖୋ ଖୋ ଷ୍ଟାଡିୟମ

ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି)

- ୨ କୋଟି ଟଙ୍କାର ପୁରସ୍କାର
- ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ମଧ୍ୟ ହେବ

କ୍ରୀଡ଼ାକ୍ଷେତ୍ରରେ ଓଡ଼ିଶା ଏବେ ଆଗକୁ ବଢୁଛି। ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବାରୁ ଏଠାରେ ଏବେ ହକି, ଆଥ୍‌ଲେଟିକ୍ସ, ଫୁଟ୍‌ବଲ, ଟେନିସ୍ ଆଦି ଏକାଧିକ ଖେଳର ବିଶ୍ୱସ୍ତରୀୟ ଭଉଭୂମି ଉପଲବ୍ଧ ହୋଇପାରିଛି। ଫଳସ୍ୱରୂପ ଓଡ଼ିଶାରେ ବିଶ୍ୱକପ୍ ସମେତ ପାଖାପାଖି ଏକ ଡଜନ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରି ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛନ୍ତି ଓଡ଼ିଶା ସରକାର। ପ୍ରୀଅଲିଜ୍‌ଭିତ୍ତିକ ଲିଗ୍ ହକିରେ କଳିଙ୍ଗ ଲାନ୍ସର୍ସ, ଫୁଟ୍‌ବଲରେ ଓଡ଼ିଶା ଏଫ୍‌ସି ପରି ଖୋ ଖୋରେ ରାଜ୍ୟର ଏକ ନିଜସ୍ୱ ଦଳ ଓଡ଼ିଶା ଜଗରନଟ୍ସ ସଦ୍ୟସମାପ୍ତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଅଂଶଗ୍ରହଣ କରିଥିଲା। କେବଳ ସେତିକି ନୁହେଁ, ସର୍ବପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇ ଇତିହାସ ରଚିଛି। ଫଳସ୍ୱରୂପ ଏବେ ସ୍ୱଦେଶୀ କ୍ରୀଡ଼ା ଖୋ ଖୋ ପାଇଁ ଆସିଛି ବଡ଼ ଖୁସି ଖବର। ଓଡ଼ିଶାରେ ଖୋ ଖୋ ଷ୍ଟାଡିୟମ ଏବଂ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ନିର୍ମାଣ ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଭାରୋତ୍ତୋଳନ ହଲ୍‌ରେ ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧନା ସହ ଆର୍ଥିକ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି। ଜଗରନଟ୍ସ ଦଳକୁ ୨ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ଓଡ଼ିଶାରେ ☞ପୃଷ୍ଠା–୪

ବାପାଙ୍କୁ ଗୁଳି କରି ହତ୍ୟା

- ଦେଶୀ ବନ୍ଧୁକ ଜବତ
- ଜଙ୍ଗଲରୁ ଧରାପଡ଼ିଲେ ଅଭିଯୁକ୍ତ

ଉଦଳା, ୭।୯(ଡି.ଏନ.ଏ.)

ସାମାନ୍ୟ ବଚସାରୁ ନିର୍ଦ୍ଦୟ ପାଲଟିଲେ ପୁଅ। ହାତ ଧରି ଚାଲି ଶିଖାଇଥିବା ବାପାଙ୍କୁ ଗୁଳି କରି ହତ୍ୟା କଲେ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କାଶୀକୁଣ୍ଡଳ ଗ୍ରାମରେ। ମୃତକ ହେଲେ ଟିଲ୍ଲୁ ନାଏକ। ପୋଲିସ ଅଭିଯୁକ୍ତ ପୁଅ କୈଳାସଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କୈଳାସ ଘରକୁ ଫେରି ଖାଉଥିଲେ। ଏହି ସମୟରେ ତାଙ୍କ ବାପା ଟିଲ୍ଲୁ ପହଞ୍ଚି କୌଣସି କଥାକୁ ନେଇ ଗାଳି କରିଥିଲେ। ଏହାକୁ ନେଇ ବାପ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ କୈଳାସ। ସେ ଖାଇବା ପାଖରୁ ଉଠିଯାଇ ☞ପୃଷ୍ଠା–୪

ଜଟଣୀରେ ହେବ କ୍ୟାନ୍‌ସର ହସ୍ପିଟାଲ

୪

୧୧୦ ସ୍ଥାନରେ ଆଇଟି ଚଢ଼ାଉ

ଅଣସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକର ଟିକସ ଠକେଇ

ନୂଆଦିଲ୍ଲୀ,୭।୯

କେତେକ ନିର୍ଦ୍ଦିଷ୍ଟ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ (ଆର୍‌ୟୁପିପି) ଏବଂ ସେଗୁଡ଼ିକର ସନ୍ଦେହଜନକ ଆର୍ଥିକ କାରବାର ବିରୋଧରେ ବୁଧବାର ଆୟକର (ଆଇଟି) ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ଆୟକର ଠକେଇ ଅଭିଯୋଗରେ ଗୁଜରାଟ, ଦିଲ୍ଲୀ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ହରିୟାଣା ଓ ଅନ୍ୟ କେତେକ ରାଜ୍ୟର ଅନ୍ୟୂନ ୧୧୦ ସ୍ଥାନରେ ଆଇଟି ଟିମ୍ ଓ ସ୍ଥାନୀୟ ପୋଲିସ ଯାଞ୍ଚ କରିଛନ୍ତି। ସେହିପରି ଦିଲ୍ଲୀର ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ଏନ୍‌ଜିଓ ଅକ୍ସଫାମ୍ ଇଣ୍ଡିଆ ଏବଂ ବେଙ୍ଗାଲୁରୁସ୍ଥିତ ପବ୍ଲିକ୍ ସ୍ପିରିଟେଡ୍ ମିଡିଆ ଫାଉଣ୍ଡେଶନ ଅଫିସରେ ମଧ୍ୟ ଆଇଟି ଅଧିକାରୀମାନେ ଚଢ଼ାଉ କରିଥିବା ଜଣାପଡ଼ିଛି। ଗତ ଜୁନ୍‌ରେ ନିର୍ବାଚନ କମିଶନ (ଇସି) ୧୧୧ଟି ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳକୁ 'ନନ୍–ଏକ୍ସିଷ୍ଟେଣ୍ଟ' ବା ଅସ୍ତିତ୍ୱବିହୀନ ବୋଲି ଚିହ୍ନଟ କରିଥିଲେ। ତିନୋଟି ରାଜନୈତିକ ଦଳର ବିସ୍ତୃତ ବିବରଣୀ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ସକାଶେ ରାଜସ୍ୱ ବିଭାଗକୁ ପ୍ରଦାନ କରିଥିଲେ। ଏହି ଦଳଗୁଡ଼ିକ ବିରୋଧରେ 'ଗମ୍ଭୀର ଆର୍ଥିକ ଅନିୟମିତତା' ଅଭିଯୋଗ ରହିଛି। ବୁଧବାର ଅପରାହ୍ନରେ ଆଇଟ ଅଧିକାରୀମାନେ ନୂଆଦିଲ୍ଲୀର ଚାଣକ୍ୟପୁରୀରେ ଥିବା ସେଣ୍ଟର ଫର୍ ପଲିସି ରିସର୍ଚ୍ଚ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଦସ୍ତାବିଜ ଯାଞ୍ଚ କରିଥିଲେ। ୧୦ ସଦସ୍ୟ ବିଶିଷ୍ଟ ଟିମ୍ ଏହି ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ନେଇ ତନାଘନା କରିଥିବା କୁହାଯାଉଛି। ତେବେ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ନିଜକୁ ଏକ ☞ପୃଷ୍ଠା–୪

୪୭% ଆଣ୍ଟିବାୟୋଟିକ୍‌କୁ ମିଳିନି ମଞ୍ଜୁରୀ

ଭାରତୀୟଙ୍କ ଔଷଧ ସେବନ ଉଦ୍‌ବେଗଜନକ: ଲାନ୍‌ସେଟ୍

ନୂଆଦିଲ୍ଲୀ, ୭।୯

କୋଭିଡ୍–୧୯ ମହାମାରୀବେଳେ ଡୋଲୋ–୬୫୦ ଟାବ୍‌ଲେଟ୍‌ର ବହୁଳ ବ୍ୟବହାର ବିତର୍କକୁ ଆସିଥିବାବେଳେ ଏବେ ଭାରତୀୟଙ୍କ ଆଣ୍ଟିବାୟୋଟିକ୍ ଔଷଧ ସେବନ ଉଦ୍‌ବେଗଜନକ ହୋଇଛି। ୨୦୧୯ରେ ଭାରତରେ ବ୍ୟବହୃତ ଟାବ୍‌ଲେଟ୍ ମଧ୍ୟରୁ ସର୍ବାଧିକ ହେଉଛି ଆଜିଥ୍ରୋମାଇସିନ୍। ଏ ନେଇ ଲାନ୍‌ସେଟ୍ ରିଜିଓନାଲ ହେଲ୍‌ଥ ସାଉଥ୍‌ଇଷ୍ଟ ଏସିଆ ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇଛି। ଚିନ୍ତାର ବିଷୟ ହେଉଛି ଘରୋଇ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଆଣ୍ଟିବାୟୋଟିକ୍ ଔଷଧ ମଧ୍ୟରୁ ୪୭%କୁ କେନ୍ଦ୍ରୀୟ ଡ୍ରଗ୍ ନିୟନ୍ତ୍ରକଙ୍କ ମଞ୍ଜୁରୀ ମିଳିନାହିଁ।

ଆଣ୍ଟିବାୟୋଟିକ୍‌ର ବିକ୍ରି ଓ ବ୍ୟବହାର ଉପରେ ନିୟନ୍ତ୍ରଣ ରଖାଯିବା ପାଇଁ ଗାଇଡ୍‌ଲାଇନ୍ ଅଣାଯିବା ଉଦ୍ଦେଶ୍ୟରେ ଏହି ଅଧ୍ୟୟନ କରାଯାଇଥିଲା। ବୋଷ୍ଟନ ୟୁନିଭର୍ସିଟି ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ସହ ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀର ସେଣ୍ଟିଲ ଗଣେଶ ଏବଂ ଶକ୍ତିଭେଲ୍ ସେଲଭରାଜ୍‌ଙ୍କ ଦ୍ୱାରା ଏହି ଗବେଷଣା କରାଯାଇଛି। ଏଥିପାଇଁ ଗବେଷକମାନେ ଫାର୍ମା–ଟ୍ରାକ୍‌ର ତଥ୍ୟକୁ ବିଶ୍ଳେଷଣ



କରିଥିଲେ। ପ୍ରାୟ ୫ ହଜାର ଫାର୍ମାସ୍ୟୁଟିକାଲ୍ (ଔଷଧ ପ୍ରସ୍ତୁତକାରୀ) କମ୍ପାନୀର ଉତ୍ପାଦ ରଖୁଥିବା ୯ ହଜାର ଷ୍ଟକିଷ୍ଟଙ୍କ ଠାରୁ ଡାଟା ସଂଗ୍ରହ କରାଯାଇଥିଲା। ସାଧାରଣତଃ ଶରୀରରେ ଜୀବାଣୁ ବା ବ୍ୟାକ୍ଟେରିଆଜନିତ ସଂକ୍ରମଣ ରୋକିବା ପାଇଁ ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଏ। ରିସର୍ଚ୍ଚରୁ ଜଣାପଡ଼ିଛି, ଆଜିଥ୍ରୋମାଇସିନ୍ ୫୦୦ ଏମ୍‌ଜିଙ୍କୁ ଭାରତରେ ସର୍ବାଧିକ ସେବନ କରାଯାଇଥିବାବେଳେ ଏହା ତଳକୁ ସେଫିକ୍ସିମି ୨୦୦ ଏମ୍‌ଜି ଟାବ୍‌ଲେଟ୍ ରହିଛି। ଆମେରିକା, ୟୁରୋପ ଭଳି ଭାରତରେ ଆଣ୍ଟିବାୟୋଟିକ୍ ବ୍ୟବହାରର ☞ପୃଷ୍ଠା–୪

ବରଦାୟିନୀ ମା' ଭଗବତୀ

୫୦୦ବର୍ଷର ପୀଠ

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୭।୯

ବାଲେଶ୍ୱର ଜିଲା ଖଇରା ବ୍ଲକ ବରଦା ଅଞ୍ଚଳର ଆରାଧ୍ୟା ଦେବୀ ମା' ଭଗବତୀ। ଭଦ୍ରକ ମୋଟେଲ ଛକରୁ କାଉପୁର ରାସ୍ତା ଦେଇ ଯିବା ବେଳେ ବାଟରେ ପଡେ। ବାଲେଶ୍ୱର ଜିଲା ଗରସଙ୍ଗ ଅନ୍ତରା ବଜାର ଦେଇ ମଧ୍ୟ ବରଦା ଯିବାକୁ ରାସ୍ତା ରହିଛି। ବାଲେଶ୍ୱର ଭଦ୍ରକ ଦୁଇ ଜିଲା ସୀମାନ୍ତରେ ଅବସ୍ଥିତ ଏହି ପ୍ରାଚୀନ ପୀଠର ଅନେକ କିମ୍ବଦନ୍ତୀ ରହିଛି। ପ୍ରତ୍ୟକ୍ଷଦେବୀ ଭାବେ ଭକ୍ତଙ୍କ ମନ କଥା ଜାଣି ବର ଦେଉଥିବା ନେଇ ବିଶ୍ୱାସ ରହିଛି।

ବରଦାୟିନୀ ମା' ଭଗବତୀଙ୍କ ନାମରୁ ଗ୍ରାମର ନାମ ବରଦା ହୋଇଛି। ଏହି ମନ୍ଦିର ୫ଶହ ବର୍ଷ ତଳର ପୁରୁଣା ବୋଲି ସ୍ଥାନୀୟ ବାସିନ୍ଦା ଦାବି କରନ୍ତି । ପ୍ରବାଦ ଅନୁଯାୟୀ ଷୋଡଶ ଶତାବ୍ଦୀରେ କଳାପାହାଡ ବଙ୍ଗରୁ ଆସି ଓଡିଶାରେ ତାଣ୍ଡବ ଲୀଳା ଘଟାଇ ବିଭିନ୍ନ ମନ୍ଦିର ତଥା ଦେବୀଦେବତାଙ୍କ ମୂର୍ତ୍ତୀ ଭାଙ୍ଗୁଥିବା ବେଳେ ବରଦାର ମା' ଭଗବତୀ ପୀଠକୁ ଆସି ମା'ଙ୍କ ମୂର୍ତ୍ତୀରୁ ନାକ ଛେଦନ କରିଥିଲେ। ଏବେ ମଧ୍ୟ ମା'ଙ୍କ ମୂର୍ତ୍ତୀ ନାକରେ କଟାଦାଗ ଥିବା ଦେଖିବାକୁ ମିଳେ । ଏଠାକାର ସ୍ୱତନ୍ତ୍ରତା ହେଉଛି ମନ୍ଦିରରେ କୌଣସି ବଳି ପଡେନାହିଁ ଏବଂ ମା' ପରମ ବୈଷ୍ଣବୀ ଭାବେ ପୂଜା ପାଇଥାନ୍ତି। କଳା ମୁଗୁନି ପଥରରେ ନିର୍ମିତ ହୋଇଥିବା ମା'ଙ୍କ ମୂର୍ତ୍ତି ଓ ପୁରୁଣା କଳା କାରିଗରିରେ ତିଆରି ମନ୍ଦିରରୁ ଏହା କେତେ ପୁରୁଣା ଅନୁମାନ କରାଯାଇପାରେ। ଯିଏ ଯେମିତି ଭାବେ ଅସୁବିଧାରେ ପଡି ମା'ଙ୍କୁ ଡାକେ ମା' ନିଶ୍ଚୟ ତାର ମାନସିକ ପୂରଣ କରିଥାନ୍ତି ବୋଲି ପୂଜକ କାର୍ତ୍ତିକ ଚନ୍ଦ୍ର ବାରିକ କହିଥାନ୍ତି। ବୁଢାବାପା ଧିନ୍ଦେଇ, ବାପା ମଦନମୋହନଙ୍କ ପରେ ସେ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପୂଜା କରୁଛନ୍ତି । ହଜାର ହଜାର ଭକ୍ତଙ୍କ ମାନସିକ ପୂରଣ ହୋଇପାରୁଥିବା ନେଇ ସେ କହିଛନ୍ତି । ମୁଖ୍ୟପର୍ବ ଭାବେ ପଣା ସଂକ୍ରାନ୍ତି ପାଖାପାଖି ୧୫ଦିନ ଧରି ଚାଲିଥାଏ। ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଭକ୍ତ ଯୋଗ ଦେଇଥାନ୍ତି। ମାନସିକଧାରୀ ଶତାଧିକ ଭକ୍ତ ଦେହରେ କଣ୍ଟାଫୋଡି ଉଡା ପାଟୁଆ ପର୍ବରେ ସାମିଲ ହୋଇଥାନ୍ତି । ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଂସ୍କୃତିମନ୍ତ୍ରୀ ଥିବା ବେଳେ ଲୋକଙ୍କ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ଏହାର ନିର୍ମାଣ କରାଯାଇଛି। ଏବେ ନିକଟରେ ରୂପାନ୍ତରଣ କାର୍ଯ୍ୟ ପାଇଁ ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ପାଇଁ ନକ୍ସା ପ୍ରସ୍ତୁତ କରାଯିବା ସହ ଶିଳାନ୍ୟାସ କାମ ମଧ୍ୟ ଶେଷ ହୋଇଛି । ମା' ଙ୍କର ବିଭିନ୍ନ ଯାନିଯାତ୍ରା ପାଇଁ ପଞ୍ଚାୟତ ତରଫରୁ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ଥାନୀୟ ସରପଞ୍ଚ ପରୀକ୍ଷିତ ମହାପାତ୍ର କହିଛନ୍ତି। ମା'ଙ୍କର ମହିମା ଅନେକ। କେବଳ ମଫସଲ ଅଞ୍ଚଳରେ ଥିବାରୁ ମନ୍ଦିର ସମ୍ପର୍କରେ ଲୋକ ଜାଣି ପାରୁ ନ ଥିବା ଗ୍ରାମର ପୁରୁଖା ବ୍ୟକ୍ତି ବ୍ରଜକିଶୋର ମହାନ୍ତି କହିଛନ୍ତି।

ବରଦାର ପ୍ରସିଦ୍ଧ ଭଗବତୀ ପୀଠ।



ଗରିବଙ୍କ ସାଥୀ ଅମୀର

ରକ୍ତ ଦେଇ ବଞ୍ଚାଉଛନ୍ତି ଜୀବନ

ସ୍ମାରକ ମାଝୀ
ମୋରଡ଼ା,୭।୯

ରକ୍ତଦାନ କରି ଜୀବନ ବଞ୍ଚାଅ। ଏହି ବାର୍ତ୍ତାକୁ ନେଇ ଆଗେଇ ଚାଲିଛନ୍ତି ସେ। ଗରିବ, ନିଃସହାୟଙ୍କ ସମେତ ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତଦାନ କରି କେବଳ ନିଜ ଅଞ୍ଚଳ ନୁହେଁ ସମଗ୍ର ଜିଲାରେ ବେଶ୍ ଜଣାଶୁଣା। ଏହିଭଳି ଭାବେ ଗରିବଙ୍କ ସାଥୀ ପାଲଟିଛନ୍ତି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାର ଅମୀର ଖାନ। ଚିତ୍ରଡ଼ା କଲେଜରେ ଅନୁଷ୍ଠିତ ଜାତୀୟ ସେବା ଯୋଜନାର ଏକ କ୍ୟାମ୍ପରେ ୧୮ ବର୍ଷ ବୟସରେ ପ୍ରଥମେ ସେ ରକ୍ତଦାନ କରିଥିଲେ। ପରେ ଏହି ରକ୍ତଦାନ ଅମୀରଙ୍କ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ସେ ୩୦ରୁ ଅଧିକ ଥର ରକ୍ତଦାନ କରିସାରିଲେଣି। ଏଥିପାଇଁ କାହାଠାରୁ ଟଙ୍କାଟେ ମଧ୍ୟ ନିଅନ୍ତି ନାହିଁ ବରଂ ରୋଗୀମାନଙ୍କ ପାଇଁ ସେ ନିଜେ କିଛି ଖର୍ଚ୍ଚ ବି ବହନ କରିଥାନ୍ତି। ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୫ରେ ଜିଲା ଏବଂ ୨୦୧୬ରେ ରାଜ୍ୟସ୍ତରରେ ସେ ପୁରସ୍କୃତ ହୋଇଛନ୍ତି। ୧୯୯୫ରେ ଏକ ଗରିବ ପରିବାରରେ ଜନ୍ମ ନେଇଥିବା ଅମୀର ଦିନେ ଜାଣି ନ ଥିଲେ ରକ୍ତଦାନ କରିସାରା ଜିଲାରେ ପରିଚିତ ହେବେ। ପିଲା ବେଳୁ ଖେଳରେ ରୁଚି ରଖୁଥିବା ଅମୀର ହାଇସ୍କୁଲ କ୍ୟାରିଅରରେ କବାଡ଼ି ଖେଳ ପାଇଁ ରାଜ୍ୟସ୍ତରରେ ପରିଚିତ ହୋଇଥିଲେ। ଆଉ ଏବେ ସେ ପାଲଟିଛନ୍ତି ରୋଗୀଙ୍କ ଦରଦୀ ବନ୍ଧୁ।

ଅମୀର ନିଜସ୍ୱ ଉଦ୍ୟମରେ କିଛି ଯୁବ ଗୋଷ୍ଠୀଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ କରି ଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧୮ରୁ ଅଧିକ ବ୍ଲଡ ଡୋନେଶନ କ୍ୟାମ୍ପ କରିଛନ୍ତି। କରୋନା ଭଳି ମହାମାରୀ ସମୟରେ ବ୍ଲଡ କ୍ୟାମ୍ପ ମାଧ୍ୟମରେ ୧୫୦ ୟୁନିଟ ରକ୍ତ ସଂଗ୍ରହ କରି ବାରିପଦା ରେଡକ୍ରସ ରକ୍ତ ଭଣ୍ଡାରକୁ ଦେଇଛନ୍ତି। ଏତିକିରେ ସରିନାହିଁ ଅମୀରଙ୍କ କାହାଣୀ। ବର୍ଷ ତମାମ ଯେଉଁ ଡାକ୍ତରଖାନରେ ରୋଗୀଙ୍କର ରକ୍ତ ଦରକାର ହୁଏ, ଖବର ପାଇ ଅମୀର ଓ ତାଙ୍କ ସହଯୋଗୀ ଆଗେଇ ଆସନ୍ତି। ତେବେ ଆଗକୁ ଏହିଭଳି ରକ୍ତଦାନ କାର୍ଯ୍ୟରେ ବ୍ରତୀ ରହିବେ ବୋଲି ଅମୀର କହିଛନ୍ତି।



କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୬୧,୧୬,୦୬,୧୩୨	୬୫,୦୭,୮୮୮	୫୮,୯୩,୧୬,୮୩୩
ଭାରତ	୪,୪୪,୭୨,୨୪୧	୫,୨୮,୦୫୭	୪,୩୮,୯୩,୫୯୦
ଓଡ଼ିଶା	୧୩,୨୯,୨୦୩	୯୧୮୩(+୫୩)	୧୩,୧୮,୩୫୧

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ସଂକ୍ଷେପରେ

ଖୁବ୍‌ଶୀଘ୍ର ପ୍ରକାଶ ପାଇବ ଓସିଏସ୍ ପରୀକ୍ଷାଫଳ

କଟକ ଅଫିସ, ୭।୯: ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାଫଳ ଚଳିତମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ। ଏଥିସହ ସେପ୍ଟେମ୍ବର ତୃତୀୟ ସପ୍ତାହରେ ସାକ୍ଷାତ୍‌କାର ଅନୁଷ୍ଠିତ ହେବ। ଏନେଇ ବୁଧବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି, ୨୦୨୦ ଓସିଏସ୍ ଲିଖିତ ପରୀକ୍ଷା ଏହି ସପ୍ତାହାନ୍ତରେ ପ୍ରକାଶ ପାଇବ। ଏ ସମ୍ପର୍କିତ ଅଧିକ ତଥ୍ୟ ଓପିଏସ୍‌ସି ୱେବ୍‌ସାଇଟ (www.opsc.gov.in)ରେ ଉପଲବ୍ଧ ହେବ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୪ ଜିଲାର ମିଶନ ଶକ୍ତି ମହିଳା

ଭୁବନେଶ୍ୱର,୭।୯(ବ୍ୟୁରୋ): ଯାଜପୁର, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ମିଶନ ଶକ୍ତି ଗୋଷ୍ଠୀର ମହିଳାମାନେ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ଅଗଷ୍ଟ ୧୫ରେ ୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମହିଳାମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତିର ଏଭଳି କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆସ୍ଥା ରଖି ଜାତୀୟ ପତାକା ପ୍ରସ୍ତୁତ ପରି ଏକ ଗୁରୁଦାୟିତ୍ୱ ଅର୍ପଣ କରିଥିବାରୁ ସମ୍ପୃକ୍ତ ମିଶନ ଶକ୍ତି ମହିଳାମାନେ କୃତଜ୍ଞତା ଜଣାଇଛନ୍ତି।

ଅନୁ ଗର୍ଗଙ୍କୁ ଗୃହ ବିଭାଗର ଅସ୍ଥାୟୀ ଦାୟିତ୍ୱ

ଭୁବନେଶ୍ୱର, ୭।୯(ବ୍ୟୁରୋ): ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା ବିଦେଶ ଗସ୍ତରେ ଯାଇଛନ୍ତି । ସଞ୍ଜୀବଙ୍କ ଅନୁପସ୍ଥିତିରେ କୃଷି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅସ୍ଥାୟୀ ଭାବେ ଗୃହ ବିଭାଗ ଦାୟିତ୍ୱରେ ରହିବେ। ନେଦରଲାଣ୍ଡର ଆଲମେର ସହରରେ ଚାଲିଥିବା 'ଫ୍ଲୋରିଏଡ୍ ଏକ୍ସପୋ'ରେ ଯୋଗଦେବାକୁ ଚୋପ୍ରାଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ଏକ ଟିମ୍ ପ୍ରଶିକ୍ଷଣ ପାଇଁ ଯାଇଥିବା ଜଣାପଡ଼ିଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଚୋପ୍ରା ନେଦରଲାଣ୍ଡ ଗସ୍ତରେ ସେପ୍ଟେମ୍ବର ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ଯାଉଥିବାରୁ ତାଙ୍କ ସ୍ଥାନରେ ଅନୁ ଗର୍ଗ ଗୃହ ବିଭାଗ ଦାୟିତ୍ୱ ତୁଲାଇବେ। ଗର୍ଗ ନିଜ ଦାୟିତ୍ୱ ସହ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବେ। ସେହିପରି ଚୋପ୍ରା କୃଷି ଉତ୍ପାଦନ କମିଶନର ଥିବାରୁ ସେ ଦାୟିତ୍ୱ ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କୁ ନ୍ୟସ୍ତ କରାଯାଇଛି। ନେଦରଲାଣ୍ଡରେ ଚାଲିଥିବା ଉଦ୍ୟାନ କୃଷି ମେଳାରେ ଚୋପ୍ରାଙ୍କ ସମେତ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯାଇଛନ୍ତି। ସେମାନଙ୍କ ସହ ୪ଜଣ ଚାଷୀ ଯିବାକୁ ସ୍ଥିର ହୋଇଥିଲା। ଭିସା ନ ମିଳିବାରୁ ସେମାନେ ଯାଇ ନ ଥିବା ଜଣାପଡ଼ିଛି।

ସହରାଞ୍ଚଳ ଆର୍ଥିକ ଦୁର୍ବଳ ବର୍ଗଙ୍କୁ ଘର

ବିଡିଏ ଏବଂ ଓୟୁଏର୍‌ଏମ୍‌ର ମିଳିତ ସହଯୋଗରେ ବିକାଶ କରାଯାଇଥିବା ସିଷ୍ଟମକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଶୁଭାରମ୍ଭ କରୁଛନ୍ତି।

- ସହାୟତା କରିବ ହାଉସ୍ ଆଲଟ୍‌ମେଣ୍ଟ ସିଷ୍ଟମ
- ୧୦% ଇଡବ୍ଲ୍ୟୁଏସ୍ ଗୃହ ନିର୍ମାଣ ବାଧ୍ୟତାମୂଳକ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ବାସଗୃହ ନ ଥିବା ସହରାଞ୍ଚଳ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଲୋକଙ୍କୁ ଘର ମିଳିବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ 'ହାଉସିଂ ଫର୍ ଅଲ୍' ନୀତି ଆରମ୍ଭ କରାଯାଇଛି। ଏଥିପାଇଁ ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନ (ଓୟୁଏର୍‌ଏମ୍) ପକ୍ଷରୁ ଏକ ସ୍ୱଚ୍ଛ ଓ ବୃତ୍ତିଭିତ୍ତିକ ପରିଚାଳନା ୱେବ୍ ସଫ୍ଟୱେର ଏବଂ ଆଣ୍ଡ୍ରଏଡ୍ ମୋବାଇଲଭିତ୍ତିକ ଆପ୍ଲିକେଶନ 'ହାଉସ୍ ଆଲଟମେଣ୍ଟ ସିଷ୍ଟମ'ର ବିକଶିତ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଓୟୁଏର୍‌ଏମ୍‌ର ମିଳିତ ସହଯୋଗରେ ବିକାଶ କରାଯାଇଥିବା ଏହି ସିଷ୍ଟମକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଶୁଭାରମ୍ଭ କରିଛନ୍ତି।

ଏହି ବ୍ୟବସ୍ଥା ଦ୍ୱାରା ହାଉସିଂ ଫର୍ ଅଲ୍ ନୀତି ଅନୁଯାୟୀ ଯେଉଁ ପରିବାର ଘର ପାଇବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ପଞ୍ଜୀକରଣ କରିବେ। ହାଉସ୍‌ଆଲଟମେଣ୍ଟ ସିଷ୍ଟମ ଜରିଆରେ ସ୍ୱଚ୍ଛତା ଓ ସାମାଜିକ ଅଡିଟିଂ କରାଯିବ। ଏଥିରୁ ସହରାଞ୍ଚଳରେ ଆର୍ଥିକ ଦୁର୍ବଳ ଶ୍ରେଣୀର କେତେ ପରିବାରର ଘର ନାହିଁ ତାହା ଜଣାପଡ଼ିବ। ଏହାଛଡ଼ା ଯେଉଁମାନେ ହାଉସିଂ ସ୍କିମ୍‌ରେ ଘର ପାଇଛନ୍ତି ସେମାନେ ମଧ୍ୟ ଏହି ବ୍ୟବସ୍ଥା ଜରିଆରେ ବିନା ଅସୁବିଧାରେ ଅନ୍‌ଲାଇନ୍ ପେମେଣ୍ଟ କରି ପାରିବେ। ବେସରକାରୀ ଗୃହ ନିର୍ମାଣକାରୀ ସଂସ୍ଥା ହେଉ କିମ୍ବା ସରକାରଙ୍କ ଡେଭେଲପ୍‌ମେଣ୍ଟ ଏଜେନ୍ସି ସେମାନଙ୍କ ହାଉସିଂ ପ୍ରକଳ୍ପରେ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦% ଘର ନିର୍ମାଣ କରିବା ବାଧ୍ୟତାମୂଳକ କରାଯାଇଛି। 'ହାଉସିଂ ଫର୍ ଅଲ୍ ନୀତି' ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ବିଭିନ୍ନ ସହରାଞ୍ଚଳରେ ପ୍ରାୟ ୧୫୦୦ ବାସଗୃହ ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ନିର୍ମାଣ କରାଯାଇଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହାଉସ୍ ଆଲଟମେଣ୍ଟ ସିଷ୍ଟମ ହିତାଧିକାରୀଙ୍କୁ ପଞ୍ଜୀକରଣଠାରୁ ଆରମ୍ଭ କରି ଘର ମିଳିବା ପର୍ଯ୍ୟନ୍ତ ସହାୟତା କରିବ। ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂ କହିଛନ୍ତି, ଏହି ଆପ୍ଲିକେଶନ ହିତାଧିକାରୀଙ୍କୁ ଘର କିଣାରେ ସହାୟତା କରିବ।

ଚାଲାଣ ବେଳେ ୮୭ କଇଁଛ ଉଦ୍ଧାର

ଉଦ୍ଧାର ହୋଇଥିବା କଇଁଛ।

ଜଳେଶ୍ୱର,୭।୯(ଡି.ଏନ.ଏ.)

ପଶ୍ଚିମବଙ୍ଗକୁ ଚୋରାଚାଲାଣ ବେଳେ ବନ ବିଭାଗ ୮୭ କଇଁଛ ଉଦ୍ଧାର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ୬୦ନଂ. ଜାତୀୟ ରାଜପଥର ସୁବର୍ଣ୍ଣରେଖା ପୋଲ ନିକଟରେ ବନ ବିଭାଗ ଚଢ଼ାଉ କରିଥିଲା। ଜଣେ ଯୁବକ ବାଇକ୍‌ରେ କଇଁଛ ନେଉଯାଉଥିବା ବେଳେ ଧରାପଡ଼ିଥିଲେ। ବନ କର୍ମଚାରୀ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଟକ ଯୁବକ ହେଲେ ଦାନ୍ତୁନ ଥାନା କୋରିଆ ଗାଁର ଦେବବ୍ରତ ଦେ (୩୨)। କଇଁଛ ଚାଲାଣ ପଛରେ ଏକ ବଡ଼ ରାକେଟ କାମ କରୁଥିବା ଅନୁମାନ କରାଯାଉଛି। ବାଲେଶ୍ୱର ଜିଲା ବନ ବିଭାଗ ଏସିଏଫ୍ ଦିଶାନ୍ତ ଶୋଭନ ଚାନ୍ଦ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଚୋରାଚାଲାଣର ମାଧ୍ୟମ ପାଲଟିଛି ୬୦ନଂ. ଜାତୀୟ ରାଜପଥ। ପ୍ରତ୍ୟହ ନିଶାଦ୍ରବ୍ୟ ସହ ବିଭିନ୍ନ ଜୀବଜନ୍ତୁକୁ ମାଫିଆମାନେ ଅବାଧରେ ଚାଲାଣ କରିଆସୁଛନ୍ତି। ପାଟ୍ରୋଲିଂ ବେଳେ କେତେକ ଚୋରାଚାଲାଣକାରୀ ଧରାପଡୁଥିବା ବେଳେ ଅନ୍ୟ କେତେଜଣ କୌଶଳ ବଦଳାଇ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଚୋରାଚାଲାଣକାରୀମାନେ କଇଁଛ, ବେଙ୍ଗକୁ ବାଇକ୍, ପିକ୍‌ଅପ୍ ଓ ବସ୍ କ୍ୟାବିନ୍ ସାହାଯ୍ୟରେ ନେଇ ସୀମା ପାର କରୁଥିବା ଦେଖିବାକୁ ମିଳୁଛି। ଖବରପାଇ ଜଳେଶ୍ୱର ବନ ବିଭାଗର ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁ, ଫରେଷ୍ଟର ଭକ୍ତିଲତା ଦାସ, ଫରେଷ୍ଟଗାର୍ଡ ରଣଜିତ୍ ବିଶ୍ୱାଳ ଓ ଏକ ୬ଜଣିଆ ସ୍କ୍ୱାଡ୍ ସୁବର୍ଣ୍ଣରେଖା ପୋଲ ନିକଟରେ ଜଗି ରହିଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଦେବବ୍ରତ ଏକ ବାଇକ୍(ଡବ୍ଲ୍ୟୁବି-୩୪-ବିଏକ୍ସ-୦୪୩୯) ଦ୍ରୁତଗତିରେ ବାଲେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ବନ ବିଭାଗ ପିଛା କରି ତାଙ୍କୁ କାବୁ କରିଥିଲା। ଶ୍ୱାସରୋଗୀମାନେ କଇଁଛ ମାଂସକୁ ଔଷଧ ଭାବେ ବ୍ୟବହାର କରୁଥିବାରୁ ପଶ୍ଚିମବଙ୍ଗରେ ଏହାର ଚାହିଦା ଅଧିକ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଜଣେ ଅଟକ

ଘୋଷଣା ଅଧିକ, ଖର୍ଚ୍ଚ କମ୍

ବଲାଙ୍ଗୀର ଅଫିସ, ୭।୯

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ

- ନର୍ଲା ୱାର୍କଶପ୍ ପାଇଁ ୨ କୋଟି ଟଙ୍କାରୁ ଖର୍ଚ୍ଚ ହୋଇଛି ୩୧ ହଜାର
- ଲୋକଙ୍କୁ ଭୁଆଁ ବୁଲାଉଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର
- ପଶ୍ଚିମ ଓଡ଼ିଶା ପ୍ରତି ରେଳ ବିଭାଗ ଅବହେଳା ଉଦ୍ଦେଶ୍ୟମୂଳକ

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଚରମ ଅବହେଳାର ପ୍ରକଳ୍ପ ହୋଇଯାଇଛି। ଏହି ପ୍ରକଳ୍ପ ପାଇଁ ଯେତିକି ଟଙ୍କା ବଜେଟରେ ଘୋଷଣା କରାଯାଉଛି, ସେତିକି ଟଙ୍କା ଖର୍ଚ୍ଚ ହେଉନାହିଁ। ରେଳମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ଇଞ୍ଚେ ଆଗକୁ ଗଡ଼ି ନାହିଁ। ଏହି ରେଳ ପ୍ରକଳ୍ପ ଏବେ କଚ୍ଛପଠୁ ମଧ୍ୟ କମ୍ ଗତିରେ ଆଗକୁ ବଢୁଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ସୂଚନା ଅଧିକାର ଆଇନ ଜରିଆରେ ପାଇଥିବା ତଥ୍ୟକୁ ଏକ ଖବରଦାତା ସମ୍ମିଳନୀ କରି ସାର୍ବଜନୀନ କରିଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ବଜେଟରେ ୧୦୫୦ କୋଟି ଓ ୨୦୨୨-୨୩ ବଜେଟରେ ୮୯୧ କୋଟି ଟଙ୍କା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। କିନ୍ତୁ ସୂଚନା ଅଧିକାର ଆଇନ ଯୋଗେ ରେଳ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ୨୦୨୧-୨୨ ବର୍ଷରେ ମାତ୍ର ୨୯୫ କୋଟି ୪୨ ଲକ୍ଷ ୩୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨-୨୩ ତଥା ଚଳିତ ଆର୍ଥିକ ବର୍ଷର ଜୁଲାଇ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଛି ମାତ୍ର ୪୯ କୋଟି ୭୯ ଲକ୍ଷ ୯୮ ହଜାର ଟଙ୍କା। ୨୦୨୧-୨୨ ଓ ୨୦୨୨-୨୩ ବଜେଟରେ ଘୋଷଣା କରାଯାଇଥିବା ସମୁଦାୟ ୧୯୪୧ କୋଟିର ଲୋଭନୀୟ ଅର୍ଥରାଶି ବିଗତ ୨୦ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇ ନାହିଁ। ଅର୍ଥାତ୍ ୨୦୦୩-୦୪ ଆର୍ଥିକ ବର୍ଷରୁ ୨୦୨୨-୨୩ ଜୁଲାଇ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରାଯାଇଛି ମାତ୍ର ୧୬୭୩ କୋଟି ୯୭ ଲକ୍ଷ ଟଙ୍କା। ଏହି ତଥ୍ୟକୁ ଅନୁଶୀଳନ କଲେ ଲୋଭନୀୟ ବଜେଟ ବ୍ୟୟ ଅଟକଳ ଘୋଷଣାଗୁଡିକ ଜନତାଙ୍କୁ ବିଭ୍ରାନ୍ତ କରିବା ପାଇଁ କରାଯାଉଛି। ସେହିପରି ରାଜ୍ୟ ସରକାର ୨୦୧୬-୧୭ରୁ ଏପର୍ଯ୍ୟନ୍ତ ୭ ବର୍ଷରେ ଏହି ରେଳପଥ ପାଇଁ ମାତ୍ର ୩୦୩ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

ଜମି ଅଧିଗ୍ରହଣକୁ ନେଇ ମଧ୍ୟ ସମଦଶା ହୋଇଛି। ଏହି ରେଳପଥ ପାଇଁ ତିନି କିସମର ଜମି ସରକାରୀ, ବେସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଉଛି। ରେଳପଥ ମଞ୍ଜୁରୀ ପାଇବା ଇତିମଧ୍ୟରେ ୩୦ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ତିନି କିସମ ଜମିକୁ ଏପର୍ଯ୍ୟନ୍ତ ଶହେ ପ୍ରତିଶତ ଅଧିଗ୍ରହଣ କରାଯାଇ ନାହିଁ। ଅଧିଗ୍ରହଣ ହେବାକୁ ଥିବା ସରକାରୀ ଜମିକୁ ମଧ୍ୟ ଶତପ୍ରତିଶତ ଗ୍ରହଣ କରାଯାଇନାହିଁ। ୧୮୪୪.୪୦ ଏକର ଜଙ୍ଗଲ ଜମିରୁ ୧୬୭୪.୩୭ ଏକର ଜମିକୁ ଷ୍ଟେଜ ୨ ଅନୁମତି ମିଳିନାହିଁ। ମାତ୍ର ୧୭୦.୦୩ ଏକର ଜଙ୍ଗଲ ଜମିକୁ ଷ୍ଟେଜ୍ ୨ ଅନୁମତି ମିଳିଥିବା ବେଳେ ୨୦୫.୦୪ ଏକର ଜମିକୁ ଷ୍ଟେଜ ୧ ଅନୁମତି ମିଳିଛି। ବିଛୁପାଲିରୁ ପରବର୍ତ୍ତୀ ଷ୍ଟପେଜ ଝାରତରଭାକୁ ଆସନ୍ତା ଅକ୍ଟୋବରରେ ପରୀକ୍ଷାମୂଳକ ଭାବେ ରେଳ ଚଳାଚଳ କରିବ ବୋଲି ତଥ୍ୟରେ କୁହାଯାଇଛି। ବିଛୁପାଲିରୁ ଝାରତରଭାର ଦୂରତା ମାତ୍ର ୧୦ କିମି। ଏହା ୨୦୨୧ ମସିହାରେ କାର୍ଯ୍ୟକ୍ଷମ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଛୁପାଲି ପର୍ଯ୍ୟନ୍ତ ରେଳ ଚଳାଚଳକୁ ୨୦୧୯ ଜାନୁୟାରୀ ୧୫ ଦିନ ଲୋକାର୍ପଣ କରି ରେଳପଥର ନିର୍ମାଣ କାମ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ହେଲେ ମାତ୍ର ୧୦ କିମି ଦୂରତା ମଧ୍ୟ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେଲାନାହିଁ। ପ୍ରକଳ୍ପ ସମୁଦାୟ ଖର୍ଚ୍ଚ ଅଟକଳ ୩୭୯୧ କୋଟି ୬୬ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରେଳପଥରେ ୧୬୭୩ କୋଟି ୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସୂଚନା କର୍ମୀ ପଣ୍ଡା କହିଥିଲେ। କଳାହାଣ୍ଡି ଜିଲାର ନର୍ଲାଠାରେ ପ୍ରସ୍ତାବିତ ଲୋକୋ ପିରିଓଡିକାଲ ଓଭରହଲିଙ୍ଗ କାରଖାନା ପାଇଁ ଗତ ବଜେଟରେ ୨ କୋଟି ଟଙ୍କା ଘୋଷଣା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୩୧ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ପଶ୍ଚିମ ଓଡ଼ିଶା ପ୍ରତି ରେଳ ବିଭାଗର ଚରମ ଉଦାସୀନତା ବଳବତ୍ତର ରହିଛି ବୋଲି ପଣ୍ଡା କହିଛନ୍ତି।

କେଉଁଠି ସଫଳ, କେଉଁଠି ପ୍ରଭାବଶୂନ୍ୟ

ସମ୍ବଲପୁର ଗଙ୍ଗାଧର ମେହେର ଛକରେ ବନ୍ଦ ପ୍ରଭାବଶୂନ୍ୟ।

ସମ୍ବଲପୁର, ୭।୯(ବ୍ୟୁରୋ)

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବିରେ କୋସଲ ସେନା ଓ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ସୁବର୍ଣ୍ଣପୁର, ବଲାଙ୍ଗୀର,ବରଗଡ଼ ଜିଲାରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିବାବେଳେ କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ଆଂଶିକ ପ୍ରଭାବ ରହିଥିଲା। ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଜିଲାରେ ବନ୍ଦ ପ୍ରଭାବଶୂନ୍ୟ ରହିଥିଲା।

ସମ୍ବଲପୁରରେ ବନ୍ଦ ଡାକରାକୁ ବିରୋଧ କରୁଥିବା ୭୦ ଅନୁଷ୍ଠାନର ସଦସ୍ୟ ପୂର୍ବାହ୍ନରେ ବିଭିନ୍ନ ସ୍ଥାନକୁ ଯାଇ ପିକେଟିଂ କରିଥିଲେ। ସେମାନେ ରେଲୱେ ଷ୍ଟେଶନରେ ପହଞ୍ଚି ଟ୍ରେନ୍ ଚଳାଚଳରେ ସହଯୋଗ କରିଥିଲେ। କୋର୍ଟ କଚେରି, ସରକାରୀ ଅଫିସ, ସ୍କୁଲ କଲେଜ ଅନ୍ୟ ଦିନ ଭଳି ଖୋଲା ରହିଥିଲା। ସୁନ୍ଦରଗଡ଼ ଜିଲାରେ ଦୋକାନ ବଜାର, ସରକାରୀ ଅଫିସ ଖୋଲା ରହିଥିଲା। ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ସୁନ୍ଦରଗଡ଼ର ପତ୍ରାପାଲି ଛକଠାରେ ୨ଘଣ୍ଟା ଧରି ରାସ୍ତା ଅବରୋଧ କରାଯାଇଥିଲା। ଝାରସୁଗୁଡ଼ା ଜିଲାରେ ଦୋକାନବଜାର, ଅଫିସ ଖୋଲା ରହିଥିବାବେଳେ ବନ୍ଦର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ଅନୁରୂପ ଭାବେ ଦେବଗଡ଼ରେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ରହିଥିଲା। ବରଗଡ଼, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ବନ୍ଦକୁ ସମର୍ଥନ ମିଳିଥିଲା। ଦୋକାନ ବଜାର, ସରକାରୀ, ବେସରକାରୀ ଅଫିସ, ସ୍କୁଲ କଲେଜ ବନ୍ଦ ରହିଥିଲା। ସକାଳ ୬ଟାରୁ ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ।

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବି

ପ୍ରଥମ ପର୍ଯ୍ୟାୟରେ ୧,୭୨,୮୮୫ ମନୋନୀତ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଯୁକ୍ତୀ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

- ୧୧ ପର୍ଯ୍ୟନ୍ତ ନାମଲେଖା
- ୧୬ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ

ଚଳିତ ବର୍ଷ ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତୀ ନାମଲେଖା ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇଛି। ମୋଟ ୨,୫୧,୫୮୫ ସିଟ୍ ଲାଗି ୨,୫୫,୮୬୬ଜଣ ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧,୭୨,୮୮୫ଜଣ ମନୋନୀତ ହୋଇଛନ୍ତି। ୯୯,୦୧୧ଜଣ ଛାତ୍ରୀ, ୭୩,୮୫୦ଜଣ ଛାତ୍ର ଏବଂ ୨୪ଜ

ଆଜିର ମନ୍ତବ୍ୟ

୨୦୨୪ ସାଧାରଣ ନିର୍ବାଚନରେ କିଏ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ତାହା ବଡ଼ କଥା ନୁହେଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସବୁ ବିରୋଧୀ ଦଳ ପ୍ରଥମେ ଏକାଠି ହେବା। **-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**

ଜନ୍ମଦିନର ଶୁଭେଚ୍ଛା

ଜିଉସ୍
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଟୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ
ଟୋକିଙ୍କୁ ସୁନ୍ଦର ନେତ,
ବୁଢ଼ୀଙ୍କୁ ସୁନ୍ଦର ରାଇ ଦାମୋଦର
ବୁଢ଼ାଙ୍କୁ ସୁନ୍ଦର ଶୀତ ।

ବୟସ ଅନୁସାରେ ଲୋକଙ୍କ ରୁଚି ବଦଳିଯାଏ, ତାହାସହ ହାବଭାବରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥାଏ। ବିଭିନ୍ନ ସ୍ତରର ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ରୁଚି ପ୍ରତି ଆଗ୍ରହ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଟିଣ ଟାଙ୍ଗଣା ଲେମ୍ବୁ ରସ ୟାକୁ ନେଇ ବେଗେ ଯାଦୁରେ ଘଷା।

ଲେମ୍ବୁର ଅନେକ ଔଷଧୀୟ ଗୁଣ ରହିଥିବାର ଜଣାଯାଇଥାଏ। ଯାଦୁ ସମ ଚର୍ମ ରୋଗ ହୋଇଥିବା ସ୍ଥାନରେ ଲେମ୍ବୁ ରସ ଘଷିଲେ ଯାଦୁ ଅଚିରେ ଭଲ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଗୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

ଜଟଣୀରେ ହେବ କ୍ୟାନ୍‌ସର ହସ୍ପିଟାଲ

ଭୁବନେଶ୍ୱର, ୭।୯(ବ୍ୟୁରୋ)

- **ରାଜ୍ୟ ସରକାର ଓ ଟାଟା ମେମୋରିଆଲ ସେଣ୍ଟର ମଧ୍ୟରେ ଏମ୍‌ଓୟୁ**
- **ରହିବ ୨୦୦ ଶଯ୍ୟା, ଖର୍ଚ୍ଚ ହେବ ୬୫୦ କୋଟି**

ଜଟଣୀସ୍ଥିତ ନାଇଜର ପରିସରରେ ଏକ କ୍ୟାନ୍‌ସର ହସ୍ପିଟାଲ ସ୍ଥାପନ କରାଯିବ। ୨୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ପାଇଁ ରାଜ୍ୟ ସରକାର ଓ ଟାଟା କ୍ୟାନ୍‌ସର ମେମୋରିଆଲ ସେଣ୍ଟର ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି ଏବଂ ମୁମ୍ବାଇ ଟାଟା ମେମୋରିଆଲ ସେଣ୍ଟର ପକ୍ଷରୁ ଡା. ରାଜେନ୍ଦ୍ର ବାଦ୍ୱି ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଏହି କ୍ୟାନ୍‌ସର ହସ୍ପିଟାଲ ପାଇଁ ମୋଟ ୬୫୦ କୋଟି ଟଙ୍କା ବ୍ୟୟ ହେବ। ଏହା ମଧ୍ୟରୁ ୪୦୦କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଆଣବିକ ଶକ୍ତି ମନ୍ତ୍ରଣାଳୟ ଏବଂ ୨୫୦ କୋଟି ଟଙ୍କା ଟାଟା ଟ୍ରଷ୍ଟ ଯୋଗାଇଦେବ। ରାଜ୍ୟ ସରକାର ହସ୍ପିଟାଲ ପାଇଁ ଜମି ଓ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇଦେବେ। ଏଥିସହିତ ରାଜ୍ୟ ସରକାର ରେଡିଓ ଆଇସୋଟୋପ୍ସ ନିମନ୍ତେ ଏକ ସାଇକ୍ଲୋଟ୍ରୋନ୍ ମେଶିନ ଯୋଗାଇଦେବେ। ପ୍ରଥମ ପର୍ଯ୍ୟାୟରେ ଏହି ହସ୍ପିଟାଲ ନିର୍ମାଣ ପାଇଁ ନାଇଜର ୧୭ ଏକର ଜମି ଦେବ। ପରେ ଏହାର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ଆଉ ୪୦ ଏକର ଜମି ଯୋଗାଇଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି କ୍ୟାନ୍‌ସର ହସ୍ପିଟାଲ କେବଳ ଓଡ଼ିଶାବାସୀ ନୁହନ୍ତି, ରାଜ୍ୟ ବାହାରର ରୋଗୀଙ୍କ ଚିକିତ୍ସା ଆବଶ୍ୟକତାକୁ ମଧ୍ୟ ମେଣ୍ଟାଇବ। ଏହି ହସ୍ପିଟାଲ ସ୍ଥାପନକୁ ସାକାର କରିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାର, ଟାଟା ଟ୍ରଷ୍ଟ ଓ ନାଇଜରକୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରକଳ୍ପ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଘରୋଇ କ୍ଷେତ୍ର ମଧ୍ୟରେ ସମନ୍ୱୟର ଏକ ଉଦାହରଣ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଉପସ୍ଥିତ ଥିଲେ। ଏହି ହସ୍ପିଟାଲରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ ହେବ। ହସ୍ପିଟାଲ ପରିସରରେ ରାଜ୍ୟ ସରକାର ଏକ ଆହାର କେନ୍ଦ୍ର ମଧ୍ୟ ଖୋଲିବେ। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରତିବର୍ଷ ପାଖାପାଖି ୪୦ହଜାର ନୂଆ କର୍କଟ ରୋଗୀ ଚିହ୍ନଟ ହେଉଥିବାବେଳେ ୧୮ହଜାର କର୍କଟ ରୋଗୀଙ୍କ ମୃତ୍ୟୁ ହେଉଛି।

ଦାରା ସିଂଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୭।୯: ଫାଦର ଅରୁଲ ଦୋସ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସଶ୍ରମ ଜେଲଦଣ୍ଡ ଭୋଗୁଥିବା ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲ୍‌ଙ୍କ ଜାମିନ୍ ଆବେଦନକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଦାରା ଓ ତାଙ୍କ ୩ ସହଯୋଗୀଙ୍କ ପ୍ରତି ତଳ କୋର୍ଟ ଦେଇଥିବା ଆଜୀବନ ସଶ୍ରମ କାରାଦଣ୍ଡାଦେଶ ରାୟକୁ କାଏମ ରଖିଛନ୍ତି। ଏଥିସହ ଜାମିନରେ ମୁକୁଳିଥିବା ଦାରାଙ୍କ ୩ ସହଯୋଗୀ ରାଜକିଶୋର ମହନ୍ତ, ଯଦୁନାଥ ମହନ୍ତ ଓ ଚେମା ହୋ ଆସନ୍ତା ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ତଳକୋର୍ଟରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆତ୍ମ ସମର୍ପଣ ନକଲେ ସ୍ଥାନୀୟ ଥାନାର ଆଇଆଇସି ସେମାନଙ୍କୁ ଗିରଫ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଦାରା ସିଂଙ୍କ ପକ୍ଷରୁ ଆଇନଜୀବୀ ଚିତ୍ତରଞ୍ଜନ ସାହୁ, ଅନ୍ୟ ୩ ଦୋଷୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ଏବଂ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟିକିଆ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ୧୯୯୯ ସେପ୍ଟେମ୍ବର ୧ ତାରିଖ ରାତି ପ୍ରାୟ ୨ଟା ସମୟରେ ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ ଜାମବଣି ଚର୍ଚ୍ଚ ସମ୍ମୁଖରେ କେତେକ ଖ୍ରୀଷ୍ଟାନ ଲୋକ ନୃତ୍ୟ କରୁଥିବାବେଳେ ଦାରା ସିଂଙ୍କ ସମେତ କେତେକ ବ୍ୟକ୍ତି ଧନୁ, ତୀର, ଲାଠି ଧରି ସଶସ୍ତ୍ର ବଳପୂର୍ବକ ଚର୍ଚ୍ଚ ଭିତରକୁ ପଶିଥିଲେ। ସେମାନେ ଚର୍ଚ୍ଚ ମଧ୍ୟରେ ଫାଦର ଅରୁଲ ଦୋସଙ୍କୁ ତୀର ମାରି ହତ୍ୟା କରିବା ପରେ ଚର୍ଚ୍ଚକୁ ଜାଳି ଦେଇଥିଲେ। ଏନେଇ ମହୁଲଡିହା ଥାନାରେ କେସ୍ ନଂ ୩୪/୧୯୯୯ ରୁଜୁ ହେବା ସହ ୨୧ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ଜିଲା ଦୌରାଜଜ୍ କୋର୍ଟରେ ମାମଲାର ବିଚାର ହୋଇ ୨୦୦୭ ସେପ୍ଟେମ୍ବର ୨୨ ତାରିଖରେ ରାୟ ପ୍ରକାଶ ପାଇଥିଲା। ଏଥିରେ କୋର୍ଟ ଦାରା ସିଂଙ୍କ ସମେତ ରାଜକିଶୋର ମହନ୍ତ, ଯଦୁନାଥ ମହନ୍ତ ଓ ଚେମା ହୋଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅନ୍ୟ ୧୭ଜଣଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପରବର୍ତ୍ତୀ ସମୟରେ ଦାରାଙ୍କ ୩ ସହଯୋଗୀ ହାଇକୋର୍ଟରେ ଜାମିନ ଆବେଦନ କରି ମୁକୁଳିଥିଲେ। ପରେ ଦାରା ଜାମିନ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଯାଇଛି। ଏଥିସହ ୪ ଅଭିଯୁକ୍ତଙ୍କ ବିରୋଧରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ କାଏମ ରଖିବାକୁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ବିଧାୟକଙ୍କ ସ୍ୱାସ୍ଥ୍ୟବୀମା ୫ରୁ ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୭।୯(ବ୍ୟୁରୋ)- ସ୍ୱାସ୍ଥ୍ୟବୀମା ଓ ଦରମା ବୃଦ୍ଧିକୁ ନେଇ ବିଭିନ୍ନ ସମୟରେ ଦଳଗତ ନିର୍ବିଶେଷରେ ବିଧାୟିକା ଓ ବିଧାୟକମାନେ ବିଧାନସଭାରେ ବାରମ୍ବାର ଦାବିକରି ଆସୁଥିଲେ। ଏହି ୨ ଦାବିରୁ ରାଜ୍ୟ ସରକାର ଗୋଟିଏକୁ ପୂରଣ କରିଛନ୍ତି। ଏ ଅବସରରେ ଓଡ଼ିଶା ବିଧାନସଭାର ବର୍ତ୍ତମାନ ଏବଂ ପୂର୍ବତନ ସଦସ୍ୟା ସଦସ୍ୟମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି କରାଯାଇଛି। ଏହି ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ବୁଧବାର ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଧାନସଭାର ସଦସ୍ୟା ଓ ସଦସ୍ୟମାନଙ୍କ ମଧ୍ୟରୁ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ବାଦ୍ ଦେଇ ମୋଟ ୧୨୪ ବିଧାୟକ/ବିଧାୟିକା ଏବଂ ତାଙ୍କର ୮୮ ଜଣ ସ୍ତ୍ରୀ କିମ୍ବା ସ୍ୱାମୀଙ୍କୁ ମିଶାଇ ମୋଟ୍ ୨୧୨ ଜଣଙ୍କୁ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ମିଳିବ । ଏଥିସହ ଓଡ଼ିଶା ବିଧାନସଭାର ୩୧୭ ଜଣ ପୂର୍ବତନ ବିଧାୟିକା/ବିଧାୟକ ଏବଂ ସେମାନଙ୍କର ୨୪୫ ଜଣ ପତି/ପତ୍ନୀ, ଏହିପରିମୋଟ୍ ୫୬୨ ଜଣ ମଧ୍ୟ ଏହିବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ପାଇବେ।

ପ୍ରଥମ ପୃଷ୍ଠାରୁ...

ବନ୍ୟାରେ ୧୪,୨୩୫ ...

୪୨୫୪.୭୦ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗ ୬୦୭.୭୨ ଲକ୍ଷ ଓ ଶକ୍ତି ବିଭାଗ ୫୦୩.୩୮ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜଣାଇଛନ୍ତି। ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗକୁ ୪୩୫୩.୯୨ ଲକ୍ଷ, ପୂର୍ତ୍ତ ବିଭାଗକୁ ୧୩୬୭.୨୫ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୨୪୧୪.୩୭ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ୮୨.୪୬ ଲକ୍ଷ ଓ ଶକ୍ତି ବିଭାଗକୁ ୪୯୭.୫୧ ଲକ୍ଷ ଟଙ୍କା ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ମଞ୍ଜୁର କରାଯାଇଛି। ସର୍ବମୋଟ୍ ୮୭୧୫.୫୧ ଲକ୍ଷ ଟଙ୍କା ଉକ୍ତ ବିଭାଗଗୁଡ଼ିକୁ ସାଧାରଣ ସମ୍ପତ୍ତିର ତୁରନ୍ତ ମରାମତି ଓ ପୁନରୁଦ୍ଧାର ଲାଗି ମଞ୍ଜୁର କରାଯାଇଛି।

ରାଜ୍ୟରେ ହେବ ଖୋ ଖୋ ...

ସୁଇମିଂ, ଆଥ୍‌ଲେଟିକ୍ସ, ଭାରୋତ୍ତୋଳନ, ହକି, ଶୁଟିଂ, ବ୍ୟାଡ୍‌ମିଣ୍ଟନ ଓ ଫୁଟ୍‌ବଲ ଆଦିର ଏର୍‌ପିସି ଥିବାବେଳେ ଏଥିରେ ଯୋଡ଼ିହେବାକୁ ଯାଉଛି ଖୋ ଖୋ।

''ପାରମ୍ପରିକ କ୍ରୀଡ଼ା ଖୋ ଖୋ ଗ୍ରାମାଞ୍ଚଳରେ ସୀମିତ ରହିବା ସତ୍ତ୍ୱେ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇ ତୁମେ ଇତିହାସ ରଚିଛ। ଆଗାମୀ ଦିନରେ ଏହା ସ୍ମରଣୀୟ ହେବା ସହ ଆଲୋଚନାର ବିଷୟ ରହିବ। ଏହାକୁ ପେସାଦାର କ୍ରୀଡ଼ା ଭାବେ ଆପଣାଇବାକୁ ଯୁବପିଢ଼ି ଆଗ୍ରହ ପ୍ରକାଶ କରିବେ। ଲୋକମାନେ ଏବେ ଅଲ୍‌ଟିମେଟ ଖୋ ଖୋ ଏବଂ ଓଡ଼ିଶା ଜଗରନଟ୍ସ ସମ୍ପର୍କରେ ଆଲୋଚନା କରୁଛନ୍ତି। ଓଡ଼ିଶା ଦଳ ପାଇଁ ଆମେ ଗର୍ବ ଅନୁଭବ କରୁଛୁ। ଆଗାମୀ ଦିନରେ ଆହୁରି ସଫଳତା ପାଇଁ ମୁଁ ଶୁଭକାମନା ଜଣାଉଛି'' ବୋଲି ଚାମ୍ପିୟନ ଦଳ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଅଲ୍‌ଟିମେଟ ଖୋ ଖୋ ସିଇଓ ତେନଜିଂ ନିୟୋଗି ମୁଖ୍ୟମନ୍ତ୍ରୀଙ୍କୁ ଦଳର ଏକ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଗତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଓଡ଼ିଶା ଜଗରନଟ୍ସ ଦଳ ଅପୂର୍ବ ଉତ୍ସାହର ସହ ଖେଳି ଅଧିକାଂଶ ସମୟ ଟେବୁଲ ଟପ୍ପର ରହିଥିଲା। ଫାଇନାଲର ଅନ୍ତିମ ସେକେଣ୍ଡରେ ତେଲ୍‌ଗୁ ଯୋଦ୍ଧାସ୍‌କୁ ଚକ୍‌ମା ଦେଇ ବିଜୟ ମୁକୁଟ ପିନ୍ଧିଥିଲା। ଓଡ଼ିଶାର ଅଗଣିତ ପ୍ରଶଂସକଙ୍କ ସ୍ୱପ୍ନକୁ ସେମାନେ ସାକାର କରିଥିଲେ। ଅନ୍ୟପକ୍ଷରେ ଖୋ ଖୋ ଖେଳ ପ୍ରତି ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ ଏବଂ ଆଗ୍ରହକୁ ଭାରତୀୟ ଖୋ ଖୋ ଫେଡେରେଶନ ସଭାପତି ସୁଧାଂଶୁ ମିତ୍ତଲ ପ୍ରଶଂସା କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଖୋ ଖୋକୁ ଏପରି ସମର୍ଥନ ଜଣାଇବା ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶା ଦଳର ସଫଳତାରେ ଖୁସି ଜାହିର କରିଥିଲେ ଅଲ୍‌ଟିମେଟ ଖୋ ଖୋ ଲିଗ୍ ସିଇଓ ଓ କମିଶନର ତେନଜିଂ ନିୟୋଗି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

୧୧୦ ସ୍ଥାନରେ ଆଇଟି ...

ନିରପେକ୍ଷ ଓ ସ୍ୱାଧୀନ ଅନୁଷ୍ଠାନ ଭାବେ ଅଭିହିତ କରି କୌଣସି ଜାଲିଆତିରେ ସମ୍ପୃକ୍ତ ଥିବା ବିଷୟକୁ ଖଣ୍ଡନ କରିଛି। ଶିକ୍ଷାବିତ୍ ପ୍ରତାପଭାନୁ ମେହେଟ୍ଟା ଏହାର ପୂର୍ବତନ ଅଧ୍ୟକ୍ଷ ଥିବାବେଳେ ବର୍ତ୍ତମାନ ଯାମିନୀ ଆୟର ସଂସ୍ଥାର ଅଧ୍ୟକ୍ଷା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରେ ଅଛନ୍ତି। ଇତିମଧ୍ୟରେ ଅକ୍ସଫାମ୍ ଅଫିସ ଉପରେ ମଧ୍ୟ ଚଢ଼ାଉ କରାଯାଇଛି। ଅକ୍ସଫାମ୍ ଇଣ୍ଡିଆ ହେଉଛି ଏକ ଅଣଲାଭକାରୀ ସଂସ୍ଥା, ଯାହାକି ଇଣ୍ଡିଆନ୍ କମ୍ପାନିଜ୍ ଆକ୍ଟ, ୨୦୧୩ ବଳରେ ପ୍ରତିଷ୍ଠିତ। ୧୯୫୧ରେ ଗଠନ କରାଯାଇଥିବା ଅକ୍ସଫାମ୍ ଇଣ୍ଡିଆ ନଲେଜ ବିଲ୍ଡିଂ, ପବ୍ଲିକ୍ କ୍ୟାମ୍ପେନିଂ ଓ ବିପର୍ଯ୍ୟୟ ପରିଚାଳନା ଭଳି କାର୍ଯ୍ୟରେ ନିୟୋଜିତ ଥିବା ନିଜ ୱେବ୍‌ସାଇଟ୍‌ରେ ଦର୍ଶାଇଛି। ସେପଟେ ବେଙ୍ଗାଲୁରୁସ୍ଥିତ ଇଣ୍ଡିପେଣ୍ଡେଣ୍ଟ ଆଣ୍ଡ ପବ୍ଲିକ୍ ସ୍ପିରିଟେଡ୍ ମିଡିଆ ଫାଉଣ୍ଡେଶନ ଅଫିସ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଏହି କାର୍ଯ୍ୟାନୁଷ୍ଠାନ ନେଇ ଆୟକର ବିଭାଗ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ।

୪୭% ଆଣ୍ଟିବାୟୋଟିକ୍‌କୁ ...

ତଦାରଖ କରିବା ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା ନାହିଁ। ଘରୋଇ ସେକ୍ଟରରେ ୮୫ରୁ ୯୦% ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଉଛି। ଔଷଧ ସେବନକୁ ଏହାର ମୂଲ୍ୟ, ସଂଖ୍ୟା ଓ ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଧାରିତ ପରିମାଣ ଆଧାରରେ ହିସାବ କରାଯାଇଥାଏ। ଏହା ବିଭିନ୍ନ ଦେଶ ଓ ଅଞ୍ଚଳରେ ଭିନ୍ନ ଭିନ୍ନ ରହିଥାଏ। ଅନ୍ତର୍ଜାତୀୟ ସ୍ତରରେ ଏହାର ଆକଳନ ପାଇଁ ଡିଫାଇଣ୍ଡ ଡେଲି ଡୋଜ୍ (ଡିଡିଡି) ପ୍ରସ୍ତୁତ କରାଯାଇଛି। ବୟସ୍କମାନେ ଏକ ନିର୍ଦ୍ଦିଷ୍ଟ ଔଷଧକୁ ଦୈନିକ ହାରାହାରି କେତେ ମାତ୍ରାରେ ସେବନ କରନ୍ତି ତାହା ଏହି ମାପକାଠିରୁ ସ୍ପଷ୍ଟ ହୋଇଥାଏ। ରିପୋର୍ଟ ଅନୁଯାୟୀ, ୨୦୧୯ରେ ଏହା ୫,୦୭୧ ନିୟୁତ (୧୦.୪ ଡିଡିଡି/୧୦୦୦/ଦୈନିକ)ଥିଲା। ମଞ୍ଜୁରୀ ମିଳି ନ ଥିବା ଏବଂ ବହୁମାତ୍ରାରେ ବ୍ୟବହାର ହୋଇଥିବା ଆଣ୍ଟିବାୟୋଟିକ୍ ମଧ୍ୟରେ ସେଫାଲୋସ୍ପୋରିନ୍ସ, ମାକ୍ରୋଲାଇଡ୍‌ସ, ପେନିସିଲିନ୍ ତାଲିକାର ଶୀର୍ଷରେ ରହିଛି। ଲୋକେ ମନଇଚ୍ଛା ତଥା ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଉଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଛି। ତେଣୁ ମଞ୍ଜୁରୀପ୍ରାପ୍ତ ଔଷଧର ବିକ୍ରି ଓ ବ୍ୟବହାରକୁ ଗୁରୁତ୍ୱ ଦିଆଯିବା ସହ ସ୍ୱତନ୍ତ୍ର ଗାଇଡ୍‌ଲାଇନର ଆବଶ୍ୟକତା ରହିଥିବା ରିପୋର୍ଟରେ କୁହାଯାଇଛି।

ବାପାଙ୍କୁ ଗୁଳି କରି ...

ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକ ଆଣି ଅତି ନିର୍ଦ୍ଦୟ ଭାବେ ବାପାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ସେହିଠାରେ ହିଁ ଚଳି ପଡ଼ିଥିଲେ ଟିଲୁ। ଗୁଳି ଶବ୍ଦ ଶୁଣି ଗ୍ରାମବାସୀ ଦୌଡ଼ି ଆସିଥିଲେ ହେଁ କୈଳାସ ବନ୍ଧୁକ ଦେଖାଇ ସମସ୍ତଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ଗ୍ରାମବାସୀ ସେଠାରୁ ପଳାଇ ଯାଇଥିଲେ। ରକ୍ତ କୁଡୁବୁଡୁ ଅବସ୍ଥାରେ ବାପା ମରି ପଡ଼ିଥିବା ବେଳେ କୈଳାସ ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ସେଠାରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଉଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ବଡ଼ସାହି ଜଙ୍ଗ

ନଦୀରୁ ଅର୍ଦ୍ଧପ୍ରସବ ମହିଳାଙ୍କ ମୃତଦେହ ଜବତ

ଠାକୁରମୁଣ୍ଡା, ୭।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ପ୍ରବାହିତ ଖାଇରୀ ଭଣ୍ଡନ ନଦୀରୁ ବୁଧବାର ଅର୍ଦ୍ଧପ୍ରସବ ଅବସ୍ଥାରେ ଭାସୁଥିବା ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ଯଶିପୁର ଥାନା ଅଧୀନ କୁଦରବିସିଦା ଗ୍ରାମର ପରମାନନ୍ଦ ବେହେରାଙ୍କ ସ୍ତ୍ରୀ ଅର୍ଚ୍ଚନା।

କୁଦରବିସଦା ଗ୍ରାମ ଦେଇ ବୋହିଯାଉଥିବା ଭଣ୍ଡନ ନଦୀର ଆରପଟ ପଣାସି ଗ୍ରାମରେ ମୃତ ଅର୍ଚ୍ଚନାଙ୍କ ମାମୁ ଘର। ଗତ ରବିବାର ଆସନ୍ନ ପ୍ରସବ ଅର୍ଚ୍ଚନା ମାମୁ ଘରକୁ ଏକୁଟିଆ ନଦୀ ପାରି ହୋଇ ଯାଉଥିବା ବେଳେ ନଦୀ ସ୍ରୋତରେ ଭାସିଯାଇଥିଲେ। ବୁଧବାର ଅର୍ଦ୍ଧପ୍ରସବ ଅବସ୍ଥାରେ ତାଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଟିକରପୋଡ଼ାଠାରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଆସନ୍ନପ୍ରସବା ଅର୍ଚ୍ଚନା କେଉଁ ପରିସ୍ଥିତିରେ ନଦୀ ପାରି ହେଉଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।



ବ୍ୟବଚ୍ଛେଦ ରିପୋର୍ଟ: ରଶି ଲଗାଇ ଝୁଲିପଡ଼ିବାରୁ ମୃତ୍ୟୁ

ପୋକ୍ସୋ କୋର୍ଟ ବିଚାରପତିଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

ମା' ତୁଳସୀଙ୍କ ଅଭିଯୋଗ ଉପରେ ତଦନ୍ତ ଜାରି ରହିବ

କଟକ ଅଫିସ,୭।୯: କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ(୪୯)ଙ୍କ ବ୍ୟବଚ୍ଛେଦ ରିପୋର୍ଟ ବୁଧବାର ମର୍କତନଗର ଥାନା ପୋଲିସର ହସ୍ତଗତ ହୋଇଛି। ସୁବାସ ରଶି ଲଗାଇ ଝୁଲି ପଡ଼ିବାରୁ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଛି। ଏହି କାରଣରୁ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ଦାଗ ସୃଷ୍ଟି ହୋଇଛି ବୋଲି ରିପୋର୍ଟ ମିଳିଥିବା ପୋଲିସ ସ୍ପଷ୍ଟ କରିଛି। ଫଳରେ ବିଚାରପତିଙ୍କ ମୃତ୍ୟୁ ହତ୍ୟା ନୁହେଁ ବରଂ ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ଏପରି କି ତାଙ୍କୁ ମାରିଦେବା ପରେ ସ୍ତ୍ରୀ ଓ ଶଳା ଟାଙ୍ଗି ଦେଇଥିବା ନେଇ ମା' ତୁଳସୀ କରିଥିବା ଅଭିଯୋଗ ମଧ୍ୟ ଏକପ୍ରକାର ଦୁର୍ବଳ ହୋଇଯାଇଛି। ଏହାସତ୍ତ୍ୱେ ପୋଲିସ ବିଚାରପତିଙ୍କ ମା' କରିଥିବା ଅଭିଯୋଗର ବିଭିନ୍ନ ଦିଗକୁ ଗୁରୁତର ସହିତ ଗ୍ରହଣ କରିଛି। ସୁବାସଙ୍କ ସ୍ତ୍ରୀ ଅପରିଜିତା ଏବଂ ଶାଳକ ସର୍ବଜିତ ରାୟ ଉଭୟେ ମିଶି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମା' ତୁଳସୀ କରିଥିବା ଅଭିଯୋଗ ଉପରେ ତଦନ୍ତ ଜାରି ରହିବ ବୋଲି ମର୍କତନଗର ଥାନା ଆଇଆଇସି ବିଉଟି ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ କଟକ ପୋକ୍ସୋ କୋର୍ଟ ବିଚାରପତି ସୁବାସ ବିହାରୀଙ୍କର ଗତ ୨ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ସିଡିଏ ମର୍କତନଗରସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ତାଙ୍କୁ ରଶି ଦେଇ ଝୁଲୁଥିବା ବେଳେ ତାଙ୍କ ସ୍ତ୍ରୀ ଓ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ ପକ୍ଷରୁ ସୂଚନା ପାଇଁ ପୋଲିସ ଶବ ଜବତ କରି ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏଥିସହ ମୃତ୍ୟୁର ଠିକ ପରଦିନ ତାଙ୍କ ମା' ତୁଳସୀ ପୁଅ ସୁବାସଙ୍କ ସ୍ତ୍ରୀ ଓ ଶାଳକ ମିଶି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି। ଏପରି କି ତାଙ୍କ ପୁଅକୁ ସ୍ତ୍ରୀ ଏବଂ ଶଳା ମିଳିମିଶି ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ଦେଇଆସୁଥିଲେ ବୋଲି ତୁଳସୀ ଅଭିଯୋଗ କରି ମର୍କତନଗର ଥାନାରେ ଏତଲା ଦାୟର କରିଥିଲେ। ପୋଲିସ ଉକ୍ତ ଅଭିଯୋଗକୁ ଆଧାର କରି ଆଇପିସି ଦଫା ୩୦୨, ୩୨୩, ୨୯୪ ଏବଂ ୩୪ରେ ଏକ ମାମଲା ରୁଜୁ କରିଥିଲା।

ହାଇକୋର୍ଟରୁ ଅଭିଯୋଗ ପ୍ରତ୍ୟାହାର କଲେ ବର୍ଷା

ବର୍ଷା-ଅନୁଭବଙ୍କ ପାରିବାରିକ ମାମଲା

କଟକ ଅଫିସ,୭।୯: ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କୁ ଅଧିକ ଜେରା ପାଇଁ ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ହାଇକୋର୍ଟରେ କରିଥିବା ଆବେଦନକୁ ବୁଧବାର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ହାଇକୋର୍ଟରେ ଏହି ମାମଲାର ଅନ୍ତ ଘଟିଛି। ସୂଚନାଯୋଗ୍ୟ, ଏମ୍‌ପି ଅନୁଭବ ଏବଂ ସ୍ତ୍ରୀ ବର୍ଷାଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ନେଇ କଟକ ପରିବାର ଅଦାଲତରେ ମାମଲା ଚାଲିଛି। ଏହି ମାମଲାରେ ଅନୁଭବଙ୍କୁ ଅଧିକ ଜେରା କରିବା ପାଇଁ ବର୍ଷା ପରିବାର ଅଦାଲତରେ ଆବେଦନ କରିଥିଲେ। ମାତ୍ର ପରିବାର ଅଦାଲତ ଏହାକୁ ଖାରଜ କରିଦେଇଥିଲେ। ଫଳରେ ବର୍ଷା ସମାନ ଆବେଦନ ନେଇ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଗତ ୩୦ ତାରିଖରେ ଏହି ମାମଲାର ଶୁଣାଣି ଥିବାବେଳେ ଏହାକୁ ସେପ୍ଟେମ୍ବର ୭ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ପ୍ରକାଶ ଯେ, ଗତ ୩୦ତାରିଖରେ ମଧ୍ୟ ବର୍ଷା ମାସକ ମଧ୍ୟରେ ନନ୍ଦିସାହିସ୍ଥିତ ଶ୍ୱଶୁରଘର ଛାଡ଼ିବେ ବୋଲି ଜିଲାଜଜ୍ କୋର୍ଟରେ ଏକ ମେମୋ ପ୍ରଦାନ କରିବା ପରେ ଜିଲାଜଜ୍ କୋର୍ଟରେ ଚାଲିଥିବା ମାମଲା ବନ୍ଦ ହୋଇଥିଲା।

କଳା, ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗରେ

ଭୁବନେଶ୍ୱର, ୭।୯(ବ୍ୟୁରୋ): ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ପାଇଁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ୬୭,୯୧୯ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। କଳାରେ ୪୩,୭୫୩ଜଣ ଥିବାବେଳେ ବିଜ୍ଞାନରେ ୨୦,୪୫୩ଜଣ, ବାଣିଜ୍ୟରେ ୩,୧୧୪ଜଣ, ସଂସ୍କୃତରେ ୧୮୯ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪୧୦ଜଣ ଛାତ୍ରୀଛାତ୍ର ରହିଛନ୍ତି। ମନୋନୀତ ପିଲାଙ୍କ ମଧ୍ୟରେ ୩୧,୮୧୯ଜଣ ଛାତ୍ରୀ ଥିବାବେଳେ ୩୬,୦୯୭ଜଣ ଛାତ୍ର ଏବଂ ୩ଜଣ କିନ୍ନର ଅଛନ୍ତି। ତେବେ ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟ କଟ୍‌ଅଫ୍ ମାର୍କରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ଆଗରେ ରହିଛି।

କଳାରେ ସାଧାରଣ ବର୍ଗଙ୍କ ପାଇଁ ୮୨.୨% ସହ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ୮୧.୭% ସହ କଟକ ନରସିଂହପୁର ଉଚ୍ଚ ମାଧ୍ୟମିକ ସ୍କୁଲ ଥିବା ବେଳେ ତୃତୀୟରେ ୮୧% ସହ ବାଲେଶ୍ୱର ବାଲିଆପାଳର କୃଷ୍ଣ ଚନ୍ଦ୍ର ପିପିଲି ଉଚ୍ଚ ମାଧ୍ୟମିକ ସ୍କୁଲ ଥିବା ଜଣାପଡ଼ିଛି। ବିଜ୍ଞାନରେ ୯୨.୭% ସହ କଟକ ରେଭେନ୍‌ଶା ଜୁନିୟର କଲେଜ ପ୍ରଥମ ସ୍ଥାନରେ ଥିବାବେଳେ ୯୨.୪% ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଏବଂ ୯୧.୭% ସହ ବାଲେଶ୍ୱର ସୋରୋସ୍ଥିତ ଉପେନ୍ଦ୍ର ନାଥ ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିପରି ଯୁକ୍ତ୨ ବାଣିଜ୍ୟରେ ୮୧.୮% ମାର୍କ ସହ ରେଭେନ୍‌ଶା ପ୍ରଥମ ସ୍ଥାନରେ ଥିବାବେଳେ ୭୬.୭% ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଦ୍ୱିତୀୟ ଏବଂ ୭୫% ମାର୍କ ସହ କଟକ ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଧନ୍ଦାମୂଳକରେ କଳାହାଣ୍ଡି ଧର୍ମଗଡ଼ସ୍ଥିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ସ୍କୁଲ ୭୯.୫% ଓ ସଂସ୍କୃତରେ ବରଗଡ଼ ଜିଲାର ଲାଲାଜି ଗୋପାଳଜୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ସ୍କୁଲ ୬୧.୩% କଟ୍‌ଅଫ୍ ମାର୍କ ସହ ଆଗରେ ରହିଛି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୮ ରୁ ୧୦ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ୧୫ ତାରିଖ ଅପରାହ୍ନ ୨ଟାରେ ସ୍ପଟ୍ ମେଧା ତାଲିକା ପ୍ରକାଶ ପାଇବ। ବଳକା ସିଟ୍‌ର ୧୦ଗୁଣା ଅଧିକ ସ୍ପଟ୍ ମେଧା ତାଲିକାରେ ପ୍ରକାଶ ପାଇବ। ୧୭ ରୁ ୨୦ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।

ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା

- ୬୭,୯୧୯ ଛାତ୍ରୀଛାତ୍ର ମନୋନୀତ
- ୮ ରୁ ୧୦ ନାମଲେଖା

ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪,୦୪,୪୦୦ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ ଅଗଷ୍ଟ ୧୯ରୁ୩୦ ତାରିଖ ମଧ୍ୟରେ ୩,୪୪,୩୪୩ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଏବେ ଯୁକ୍ତ୨ ନାମଲେଖା ପାଇଁ ୧,୬୩,୪୪୭ ସିଟ୍ ବଳକା ପଡ଼ିଛି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍,
ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭଦ୍ରକ ଶାଖା-୩**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭଦ୍ରକ ଶାଖା-୩** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା	ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ)	ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ	ସମ୍ପତ୍ତିର ବିବରଣୀ
ଭଦ୍ରକ ଶାଖା-୩ / ଋଣଗ୍ରହୀତାମାନେ: ୧) ମେସର୍ସ କ୍ରୀମବେଲ ଆଇସ୍ କ୍ରୀମ, ସ୍ୱତ୍ୱାଧିକାରୀ: ସେକ୍ ଇମ୍ରାନ, ଚଡକ ମହଲା, ପୁରୁଣା ବଜାର, ଭଦ୍ରକ-୭୫୬୧୦୦, ୨) ସେକ୍ ଇମ୍ରାନ, ପିତା: ସେକ୍ ଅରଫାନ୍, ମିର୍ଜାପୁର, ଚଡକ ମହଲା, ପୁରୁଣା ବଜାର, ଭଦ୍ରକ-୭୫୬୧୦୦ / ଗ୍ୟାରେଣ୍ଟିଦାତା: ସେକ୍ ଅରଫାନ୍, ପିତା: ୪ ସେକ୍ ଖଇରାତ ଅଲ୍ଲୀ, ମିର୍ଜାପୁର, ଚଡକ ମହଲା, ପୁରୁଣା ବଜାର, ଭଦ୍ରକ-୭୫୬୧୦୦	୦୫.୦୫.୨୦୨୨ ସୁଦ୍ଧା ଟ.୧୦,୧୭,୨୪୯.୦୩ + ସେବାବଦ ସୁଧ	୨୦.୦୫.୨୦୨୨ / ୦୨.୦୯.୨୦୨୨	ସେକ୍ ଅରଫାନ୍, ପିତା: ୪ ସେକ୍ ଖଇରାତ ଅଲ୍ଲୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ମୌଜା: ମିର୍ଜାପୁର, ଥାନା: ଭଦ୍ରକ ନଂ.: ୧୦୭, ଖାତା ନଂ.: ୯୯୬/୬୩୪, ପ୍ଲଟ୍ ନଂ.: ୫୧/୩୬୧୩, ମ୍ୟୁଟେସନ୍ ଖାତା ନଂ.: ୯୯୬/୬୨୦, ଭଦ୍ରକ, ଓଡ଼ିଶା,

ଏହାର ଚାରିପାର୍ଶ୍ୱରେ ଉତ୍ତର: ସେକ୍ ଗୁଲଫାନ୍, ଦକ୍ଷିଣ: ସେକ୍ ତାହିର ମହମ୍ମଦ, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ଇସୁଫପୁର ମୌଜା

ସ୍ଥାନ: ବାଲେଶ୍ୱର
ତାରିଖ: ୦୭.୦୯.୨୦୨୨

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସବୁ କୁତ୍ସିତ ଓ ଖରାପ କଥା ପଛରେ ଗୋଟିଏ ସୌନ୍ଦର୍ଯ୍ୟ ଲୁଚି ରହିଛି ଏବଂ ତାହା ପ୍ରକାଶିତ ହେବାକୁ ଚେଷ୍ଟା କରୁଛି । ତୁମକୁ ଏହି କଥା ଭଲ ଲାଗିବା ଉଚିତ । ... ଏହା ହିଁ ତୁମର ସ୍ୱପ୍ନ ଓ ଆକାଂକ୍ଷାର ବିଷୟବସ୍ତୁ ହେବା ଉଚିତ । –ଶ୍ରୀମା

ସ୍ୱର୍ଗରେ କ୍ଷୁଧା

ଦେବଦତ୍ତ ପଟ୍ଟନାୟକ

ପରମ୍ପରାଗତ ବିଶ୍ୱାସରେ କେବଳ ଗୋଟିଏ ସ୍ୱର୍ଗ ରହିଛି। ଗୋଟିଏ ସ୍ୱର୍ଗର ଅବଧାରଣା ଅଦ୍ୱେତବାଦ ବା ଏକେଶ୍ୱରବାଦ ଧର୍ମରୁ ଆସିଛି। ଏଣୁ ଖ୍ରୀଷ୍ଟିଆନ, ଇସ୍‌ଲାମ ଏବଂ ଇହୁଦୀ ଧର୍ମ ଏକ ସ୍ୱର୍ଗର କଥା କହେ । ଉକ୍ତ ଧର୍ମରେ ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ଏକ ପଥ , ସତ୍ୟ ଓ ଜୀବନର ଉତ୍ସ ବୋଲି ଅନୁଭବ କଲେ ଦେହତ୍ୟାଗ ପରେ ଈଶ୍ୱରଙ୍କ ଇଚ୍ଛାରେ ବ୍ୟକ୍ତିର ଆତ୍ମା ସେହି ଏକ ମାତ୍ର ସ୍ୱର୍ଗକୁ ଯାଇଥାଏ। କିନ୍ତୁ ହିନ୍ଦୁଧର୍ମରେ ତିନି ସ୍ୱର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଇନ୍ଦ୍ରଙ୍କ ଦେବଲୋକ ହେଉଛି ଗୋଟିଏ ସ୍ୱର୍ଗ । ଏଠାରେ ଇନ୍ଦ୍ର ବିରାଜମାନ। ଅନ୍ୟ ଏକ ସ୍ୱର୍ଗ ହେଉଛି ବୈକୁଣ୍ଠ। ଏଠାରେ ଭଗବାନ୍ ବିଷ୍ଣୁ ବିରାଜିତ । ଆଉ ଏକ ସ୍ୱଗର ନାମ କୈଳାସ ; ଯାହା ଶିବ ବା ଶଙ୍କର ଭଗବାନ୍‌ଙ୍କ ଆବାସସ୍ଥଳୀ। ହୁନ୍ଦୁ ପୌରାଣିକ କଥାରେ ବର୍ଣ୍ଣିତ ଏହି ସବୁ ସ୍ୱର୍ଗ ତିନୋଟି ଭିନ୍ନ ବିଚାର ବା ସିଦ୍ଧାନ୍ତକୁ ପ୍ରତିପାଦିତ କରେ। ଈଶ୍ୱରଙ୍କର କୌଣସି ନିୟମ ପାଳନ କଲେ ଏହି ସବୁ ସ୍ଥାନରୁ କୌଣସିଟି ଉପଲବ୍ଧ ହୋଇ ନ ଥାଏ। କାରଣ ଏକ ମାତ୍ର ସ୍ୱର୍ଗ ପ୍ରାପ୍ତିକୁ ନେଇ ଈଶ୍ୱରଙ୍କ ଆଜ୍ଞାପତ୍ର ଏବଂ ଭଗବାନ୍‌ଙ୍କ ଇଚ୍ଛା ସମ୍ବନ୍ଧିତ ଆବ୍ରାହମିକ (ଇହୁଦୀ, ଖ୍ରୀଷ୍ଟିଆନ ଓ ଇସ୍‌ଲାମ) ଅବଧାରଣା ହିନ୍ଦୁ ଧର୍ମର ସିଦ୍ଧାନ୍ତରେ ନ ଥିବାରୁ ଏହା ହୋଇପାରେ ନାହିଁ। ଏହା ନିଜର କର୍ତ୍ତବ୍ୟ ଓ କର୍ମ ଉପରେ ନିର୍ଭର କରେ।

ହିନ୍ଦୁ ଧର୍ମର ପୁରାତନ ଶାସ୍ତ୍ର ବେଦ। ଏଥିରେ ବୈକୁଣ୍ଠ କିମ୍ବା କୈଳାସର କୌଣସି ଅବଧାରଣା ନାହିଁ। ଏସବୁର ବିଚାର ବେଦର ବହୁ ପରେ ଅର୍ଥାତ୍ ପୌରାଣିକ ପରମ୍ପରାରୁ ଉଦ୍‌ଭବ ହୋଇଛି। କର୍ତ୍ତବ୍ୟ ପ୍ରଦର୍ଶନ, ବିଶେଷକରି ଯଜ୍ଞକର୍ମ ଓ ଧର୍ମୀୟ ଅନୁଷ୍ଠାନ ବଳରେ ଜଣେ ସ୍ୱର୍ଗ ପ୍ରବେଶ ଲାଗି ସକ୍ଷମ ହୋଇଥାଏ ବୋଲି ବେଦରେ ଉଲ୍ଲେଖ ରହିଛି। ବେଦ ପରବର୍ତ୍ତୀ ପୌରାଣିକ କାହାଣୀଗୁଡ଼ିକରେ ସ୍ୱର୍ଗର ବର୍ଣ୍ଣନା ଦେଖିବାକୁ ମିଳେ। ପ୍ରଥମେ ମହାଭାରତରେ ସ୍ୱର୍ଗର ବିଶ୍ୱାସକୁ ସୂଚିତ କରାଯାଇଛି। ସେଥିରେ କୁହାଯାଇଛି ଯେ,ସ୍ୱର୍ଗରେ ପ୍ରତ୍ୟେକ ବେଳା ଅସ୍ଥାୟୀ ଏବଂ କେବେ ବି ସ୍ଥାୟୀ ନୁହେଁ। ସ୍ୱର୍ଗ ପରେ ଆଉ ଏକ ଦେବଲୋକ ରହିଛି, ଯାହା ବୈକୁଣ୍ଠ ନାମରେ ଜଣାଶୁଣା। ଏହି ବୈକୁଣ୍ଠ ହେଉଛି ବିଷ୍ଣୁଙ୍କ ନିବାସ ସ୍ଥଳୀ। ସମାନ ପ୍ରକାର ସିଦ୍ଧାନ୍ତମାନ ଅନ୍ୟ ପୁରାଣଗୁଡ଼ିକରେ ମଧ୍ୟ ଦେଖାଯାଏ। ଏଗୁଡ଼ିକ ଅନୁଯାୟୀ ଯେଉଁମାନେ କୈଳାସ ଯିବାକୁ ପସନ୍ଦ କରନ୍ତି ସେମାନେ ଶିବଙ୍କୁ ପୂଜା କରନ୍ତି ଏବଂ ବୈକୁଣ୍ଠ ଯିବାକୁ ଚାହିଁଲେ ବିଷ୍ଣୁଙ୍କୁ ପୂଜା କରିଥାଆନ୍ତି।

ଜଣେ ଯଦି ହିନ୍ଦୁ ପୁରାଣ ବର୍ଣ୍ଣିତ ସ୍ୱର୍ଗ, ବୈକୁଣ୍ଠ ଏବଂ କୈଳାସର ବର୍ଣ୍ଣନାକୁ ନିରୀକ୍ଷଣ କରିବେ, ତେବେ ସେଗୁଡ଼ିକ ଭିନ୍ନ ଭିନ୍ନ ମାନସିକ ସ୍ଥିତିକୁ ସୂଚିତ କରୁଥିବା ଅନୁଭବ କରିପାରିବେ। ଇନ୍ଦ୍ରଙ୍କ ସ୍ୱର୍ଗଲୋକ ହେଉଛି ଏଭଳି ଏକ ସ୍ଥାନ ଯେଉଁଠି ସବୁ ଇଚ୍ଛା ପୂରଣ କରିପାରୁଥିବା କଳ୍ପତରୁ ବୃକ୍ଷ ରହିଛି। ସେଠାରେ ଅଭିଳାଷ ପୂର୍ଣ୍ଣ କରିପାରୁଥିବା ଗାଈ କାମଧନୁ ଅଛି। ଇନ୍ଦ୍ରଙ୍କ ସ୍ୱର୍ଗରେ ଥିବା ଚିନ୍ତାମଣି ନାମକ ରତ୍ନ ଏବଂ ଶସ୍ୟ ଓ ସୁନାର ଅକ୍ଷୟ ପାତ୍ର ମଧ୍ୟ ସଭିଙ୍କ ଇଚ୍ଛା ପୂରଣ କରିଥାଏ। ଅନ୍ୟ ଅର୍ଥରେ କହିବାକୁ ଗଲେ, ସ୍ୱର୍ଗ ହେଉଛି ଏକ ସ୍ଥାନ ଯେଉଁଠି ସବୁ କ୍ଷୁଧାର ପରିତୃପ୍ତି ଘଟିଥାଏ ଏବଂ ସବୁ ଆଶା ପୂର୍ଣ୍ଣ ହୋଇଥାଏ। ଅନ୍ୟ ପକ୍ଷରେ ଶିବଙ୍କ ଆବାସ ସ୍ଥଳୀ କୈଳାସ ଏକ ପର୍ବତ। ଏହା ସମ୍ପୂର୍ଣ୍ଣ ବରଫାବୃତ୍ତ। ଏଠାରେ କିଛି ବି କଅଁଳେ ନାହିଁ। ଫଳରେ କୈଳାସରେ ଖାଦ୍ୟ ମିଳେ ନାହିଁ। ଏଣୁ ଯେଉଁମାନଙ୍କୁ ଜୀବନରେ କେବେ ବି ଭୋକ ଲାଗେ ନାହିଁ ସେମାନେ କେବଳ କୈଳାସରେ ହିଁ ରହିପାରିବେ । ଏହିପରି ଭାବେ କୈଳାସ ହେଉଛି କ୍ଷୁଧାକୁ ପାର କରିଯାଇଥିବା ତପସ୍ୱୀମାନଙ୍କ ନିବାସ ସ୍ଥାନ। ତପସ୍ୱୀମାନଙ୍କୁ କ୍ଷୁଧା ସ୍ପର୍ଶ କରିପାରେ ନାହିଁ, କାରଣ ସେମାନେ କ୍ଷୁଧାକୁ ଜୟ କରିଥାଆନ୍ତି। କୈଳାସରେ କ୍ଷୁଧା ନ ଥିବାରୁ ଖାଦ୍ୟ ଓ ଖାଦକଙ୍କ ମଧ୍ୟରେ ଭୟ ମଧ୍ୟ ନ ଥାଏ। ସେଠାରେ ଗଣେଶଙ୍କ ବାହନ ମୂଷା ଶିବଙ୍କ ସାପକୁ ଭୟ କରେନାହିଁ। ଅନ୍ୟ ପକ୍ଷରେ ସାପର ମଧ୍ୟ କାର୍ତ୍ତିକେୟଙ୍କ ମୟୂରକୁ ଭୟ ରହେନାହିଁ। ସେଠାରେ ଶକ୍ତି(ମା'ଙ୍କ) ବାଘ ନନ୍ଦୀକୁ ଖାଇବାକୁ ଆଗ୍ରହ ପ୍ରକାଶ କରେ ନାହିଁ। କୈଳାସ ପର୍ବତରେ ଘାସ ନ ଥିବାରୁ ନନ୍ଦୀ ବି ସେଥିପ୍ରତି ଆଗ୍ରହ ପ୍ରକାଶ କରି ନ ଥାଏ।

ଅନ୍ୟପକ୍ଷରେ ସ୍ୱର୍ଗଲୋକ ବୈକୁଣ୍ଠ କ୍ଷୀର ସାଗରରେ ବିସ୍ତାରିତ। ସେଠାରେ ଭଗବାନ୍ ବିଷ୍ଣୁ ଆରାମରେ ବାସ କରିଥାନ୍ତି। ସେ ବାସୁକି ନାଗ ଗୁଡ଼ାଇହୋଇ ସୃଷ୍ଟି କରିଥିବା ଶଯ୍ୟା ଉପରେ ବିରାଜିତ । ତାଙ୍କ ପାଦ ତଳେ ସ୍ତ୍ରୀ ଶ୍ରୀଦେବୀ ବା ଲକ୍ଷ୍ମୀ ବସିଥାନ୍ତି। ଏହା ସ୍ୱର୍ଗ, ଭଳି ଦେଖାଯାଏ। ଶିବଙ୍କ ଭଳି ଏଠାରେ ମଧ୍ୟ ବିଷ୍ଣୁଙ୍କୁ କ୍ଷୁଧା ସ୍ପର୍ଶ କରି ନ ଥାଏ। କିନ୍ତୁ ସେ ଅନ୍ୟ ଲୋକଙ୍କ କ୍ଷୁଧା ନିବାରଣ ଉପରେ ଧ୍ୟାନ ରଖିଥାଆନ୍ତି। ଏଥିପାଇଁ ବିଷ୍ଣୁ ସବୁଦିନ ଲାଗି ବୈକୁଣ୍ଠରେ ରହନ୍ତିନି। କିନ୍ତୁ ସମୟାନ୍ତରରେ ବିଭିନ୍ନ ଅବତାର ଧାରଣ କରି ଧରାରେ ଅବତୀର୍ଣ୍ଣ ହୁଅନ୍ତି। ପୃଥିବୀରେ ସମସ୍ୟା ସୁଧାରିବା ଲାଗି ସେ ରାମ ଓ କୃଷ୍ଣ ଅବତାର ଧାରଣ କରିଛନ୍ତି। ଏଥିପାଇଁ ସେ ଅନ୍ୟ ଲୋକଙ୍କ କ୍ଷୁଧା ଉପରେ ଚିନ୍ତା କରନ୍ତି ଓ ଏହା କିଭଳି ଦୂର ହୋଇପାରିବ ତା' ଉପରେ ଗୁରୁତ୍ୱ ପ୍ରଦାନ କରିଥାଆନ୍ତି।

ହିନ୍ଦୁ ପୌରାଣିକ କଥାରେ ତିନୋଟି ସ୍ୱର୍ଗ ସମ୍ପର୍କରେ ରହିଥିବା ବର୍ଣ୍ଣନା ଉପରେ ଆମେ ବିଶ୍ୱାସ କରୁଛୁ ଏବଂ ଏଗୁଡ଼ିକୁ ଭିନ୍ନ ଭାବେ ଗଠନ କରାଯାଇଥିବା ମଧ୍ୟ ଅନୁଭବ କରିପାରୁଛୁ। ଅପରପକ୍ଷେ ଅବ୍ରାହମିକ ଧର୍ମରେ ଗୋଟିଏ ସ୍ୱର୍ଗର ବର୍ଣ୍ଣନା ରହିଛି। ଆବ୍ରାହମିକ ପୁରାଣରେ ଦର୍ଶିତ ଉକ୍ତ ସ୍ୱର୍ଗଠାରୁ ହିନ୍ଦୁଧର୍ମର ପୁରାଣ ବର୍ଣ୍ଣିତ ସ୍ୱର୍ଗ ଭିନ୍ନ। ହିନ୍ଦୁ ବିଶ୍ୱାସର ସ୍ୱର୍ଗରେ କ୍ଷୁଧାର ଭୋଗ, ଆସକ୍ତି ତଥା ପରିତୃପ୍ତି ରହିଛି। କୈଳାସରେ କ୍ଷୁଧା ଉପରେ ଆଗ୍ରହ ନ ଥିବାବେଳେ ବୈକୁଣ୍ଠରେ ଭୋକିଲାଙ୍କ ଯତ୍ନ ନିଆଯାଉଛି। ଦୁର୍ଭାଗ୍ୟବଶତଃ, ଆମେ ଏହି ସବୁ ଅବଧାରଣାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛୁ । ଏପରି କି ବିଭିନ୍ନ ସଂସ୍କୃତିରେ ସ୍ୱୀକାର କରୁଥିବା ବିଭିନ୍ନ ସ୍ୱର୍ଗର ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ଆମେ ମଧ୍ୟ ଅକ୍ଷମ।

devduttofficial@gmail.com

ଆତ୍ମାକୁ ଚିହ୍ନନ୍ତୁ

ଗଣେଶ୍ୱର ନାୟକ

ପୁରାଣ କହେ ଆତ୍ମା ସେହି– ''ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।'' ପୌରାଣିକ ଆଖ୍ୟାନ ଅନୁସାରେ ମଣିଷର ମୃତ୍ୟୁ ପରେ ଆତ୍ମା ଗୋଟିଏ ଘଟରୁ ଅନ୍ୟ ଏକ ଘଟକୁ ସ୍ଥାନାନ୍ତରିତ ହୋଇଥାଏ। ସବୁ ଜୀବର ଆତ୍ମା ସମାନ, ଶରୀରର ଆକାର ଭିନ୍ନ ଭିନ୍ନ ମାତ୍ର। ସେଥିପାଇଁ ଆତ୍ମାକୁ ସର୍ବଦା ଚିହ୍ନିବାକୁ ଜ୍ଞାନୀଗୁଣୀ ଜନ ଉପଦେଶ ଦେଇଥାନ୍ତି।

ସେଦିନ ମହାରାଜ ଜନକଙ୍କ ରାଜ ଦରବାରରେ ଜ୍ଞାନର ତର୍କ ଚାଲିଥିଲା। ନିୟମ ଥିଲା, ଶ୍ରେଷ୍ଠ ବିଦ୍ୱାନ ଆଚାର୍ଯ୍ୟ ବନ୍ଦିଙ୍କ ସହିତ ଶାସ୍ତ୍ରର ତର୍କ ହେବ। ଯିଏ ହାରିବେ ସେ ଜଳ ସମାଧି ନେବେ। ଯେତେବେଳେ ଅଷ୍ଟବକ୍ର ମୁନି ବନ୍ଦିଙ୍କ ସହ ତର୍କ କରିବାକୁ ସଭାକୁ ପ୍ରବେଶ କଲେ, ଉପସ୍ଥିତ ପଣ୍ଡିତ ବର୍ଗ ତାଙ୍କୁ ଦେଖି ଜୋର୍‌ରେ ହସିବାକୁ ଲାଗିଲେ। ଅଷ୍ଟବକ୍ର ମୁନି ମଧ୍ୟ ଜୋରରେ ହସି ଉଠିଲେ। ଉପସ୍ଥିତ ରାଜା କିନ୍ତୁ ବ୍ୟଗ୍ର– କାହିଁକି ହସିଲେ ମୁନି ? ଭକ୍ତି ତଥା ଗମ୍ଭୀରତାର ସହିତ ରାଜା ପୁଚ୍ଛାକଲେ, ହେ ଆଚାର୍ଯ୍ୟ, ତୁମର ବୟସ ହୋଇନି ଶାସ୍ତ୍ର ଚର୍ଚ୍ଚା କରିବାକୁ, ତୁମେ ଫେରିଯାଅ। କିନ୍ତୁ ତୁମେ କାହିଁକି ହସିଲ, ମୋର ସନ୍ଦେହ ମୋଚନ କରିବା ହେଉ। ଅଷ୍ଟବକ୍ର ଉତ୍ତର ଦେଲେ, ''ହେ ରାଜନ୍, ମୁଁ ଭାବୁଥିଲି ଆପଣଙ୍କ ସଭାରେ ବିଦ୍ୱାନ ବର୍ଗ ଅଛନ୍ତି। କିନ୍ତୁ ସେମାନେ ମୂର୍ଖ ବିଦ୍ୱାନ, ସେମାନେ ଜଣେ ଜଣେ ଚମଡ଼ା ବେପାରୀ, ଯାହାଙ୍କୁ ସମାଜ ନୀଚ ଦୃଷ୍ଟିରେ ଦେଖିଥାଏ, ଯଦି କେହି ଶରୀର ମଧ୍ୟରେ ଥିବା ଆତ୍ମାକୁ ନ ଚିହ୍ନି ଶରୀରକୁ ଦେଖି ସାଧାରଣ ମଣିଷ ପରି ଅଜହାସ୍ୟ କରିପାରେ, ସେମାନଙ୍କୁ କ'ଣ କୁହାଯିବ ?'' ପଣ୍ଡିତବର୍ଗ ଲଜ୍ଜାରେ ଶିର ତଳକୁ କରିଦେଲେ। ଅର୍ଥାତ୍ ଆମେ ଯେତେ ଶିକ୍ଷିତ, ଦୀକ୍ଷିତ ହେଲେ ମଧ୍ୟ ଆମେ ଯେବେ ଆତ୍ମାକୁ ଚିହ୍ନି ନ ପାରିଲୁ, ଆମେ ମୂର୍ଖ ବିଦ୍ୱାନ ଛଡ଼ା କ'ଣ ବା ହୋଇପାରୁ ? ଆମେମାନେ ଜ୍ଞାନୀଗୁଣୀ ଜନ ଆତ୍ମାକୁ ଚିହ୍ନି, ସମ୍ମାନ ଦେବା ଉଚିତ। ଆତ୍ମାକୁ ଚିହ୍ନେଇବାକୁ ବହି ପାଠ, ଶାସ୍ତ୍ର ପୁରାଣ ସମର୍ଥ ନୁହେଁ। କେବଳ ପିତାମାତଙ୍କ ସାରା ସମାଜକୁ ନିଜର କରିବାର ଶିକ୍ଷା ହିଁ ପିଲାଙ୍କୁ ଆତ୍ମାକୁ ଚିହ୍ନାଇବାକୁ ଯଥେଷ୍ଟ। ନଚେତ୍ ସମାଜରେ ଅନେକେ ପିତାମାତାକୁ ବି ଭୁଲିଯାଉଥିବା ଦେଖୁଛେ। ଆତ୍ମାକୁ ଚିହ୍ନୁଥିବା ପିଲାଟି କେବେ ବି ଡାକ ମୁନ୍‌ସୀ ଗପର ଗୋପାଳିଆ ହୋଇ ନ ପାରେ!

ସତରେ ଆମେ କେତେ ଅସହାୟ। ଆମେ ଶିକ୍ଷିତ, ଆମେ ଦୀକ୍ଷିତ, ପୁରାଣ ଚର୍ଚ୍ଚାରେ କେହି ଆମ ସମକକ୍ଷ ନୁହେଁ, ତଥାପି ଆମେ ଆତ୍ମାକୁ ସମ୍ମାନ ଦେବାରେ ଅଯୋଗ୍ୟ ହୋଇପଡୁଛେ। ଆମ ଉଚ୍ଚାରଣ ଓ ଆଚରଣରେ ଅନେକ ଭନ୍ନତା। ଖବରକାଗଜର ଗୋଟିଏ ଖବର ସଭ୍ୟ ସମାଜକୁ ବିସ୍ମିତ କରିଥିଲା। ଯାଜପୁରର ଏକ ଘରୋଇ ଡାକ୍ତରଖାନାରେ ଜନ୍ମିତ ଶିଶୁ ସହିତ ତା' ମାଆକୁ ଛାଡ଼ି ଶାଶୁଘର ଲୋକେ ଡାକ୍ତରଖାନାରୁ ଚାଲିଯାଇଥାନ୍ତି। ଯଦିଓ ତାହାର ବାପଘର ଲୋକେ ତାକୁ ଦେଖାଶୁଣା କରିବାକୁ ଜଗି ରହିଥିଲେ , କାରଣ ଥିଲା ଜନ୍ମିତ ଶିଶୁଟି ତୃତୀୟ ଲିଙ୍ଗୀ। ଶିଶୁ କେଉଁ ରୂପରେ ମା' ପେଟରୁ ପୃଥିବୀକୁ ଆସିବ ତାହା ମଣିଷର ନିୟନ୍ତ୍ରଣ ବାହାରେ। ଆସ୍ତିକର ମତ ସର୍ବଶକ୍ତିମାନ ବା ନାସ୍ତିକର ମତ ପ୍ରକୃତିର ଦାନ। କିନ୍ତୁ ସେହି ଦାନକୁ ଗ୍ରହଣ କରିବାକୁ ଆମେ ପ୍ରସ୍ତୁତ ନୁହନ୍ତି। କନ୍ୟା ଶିଶୁ ପାଇଁ ଅନେକ ଅନାଗ୍ରହ, ସହଜେ ଏ ତ ତୃତୀୟ ଲିଙ୍ଗୀ ! ତଥାପି ଯେପରି ପ୍ରଶାସନ ତଥା ସମାଜ ସହାୟତାର ହାତ ବଢ଼େଇଲା, ତାହା ଧନ୍ୟବାଦର ପାତ୍ର।

ସମାଜରେ ସେମାନେ ସବୁବେଳେ ଅବହେଳିତ, ବିଦ୍ରୂପର ସମ୍ମୁଖୀନ। ସାଧାରଣ ସମାଜରେ ସେମାନଙ୍କର ବାସ ନ ଥାଏ। ସେମାନେ ଶାରୀରିକ ଭାବେ ଟିକେ ଭିନ୍ନ ହେଲେ ମଧ୍ୟ ସାଧାରଣ ମଣିଷଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ସେମାନେ ସମାଜର ସବୁ କାର୍ଯ୍ୟ କରିବାକୁ ସମର୍ଥ। ୨୦୧୧ ଜନଗଣନା ଅନୁସାରେ ସେମାନଙ୍କ ସଂଖ୍ୟା ଦେଶରେ ପ୍ରାୟ ସାଢ଼େ ୪ଲକ୍ଷରୁ ଅଧିକ। କିନ୍ତୁ ସମାଜ ସେମାନଙ୍କୁ ସେତିକି ମର୍ଯ୍ୟାଦା ଦେବାକୁ ଅସମର୍ଥ। ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ସେମାନେ ନିଜ ପରିବାର ସହିତ ରହିବାର ଯେପରି ଅଧିକାର ନାହିଁ। ପରିବାର ସେମାନଙ୍କୁ ଦୂରେଇ ଦିଏ। ଭାରତୀୟ ନାଗରିକ ହେଲେ ମଧ୍ୟ ଭୋଟ ଦେବାରୁ ବଞ୍ଚିତ ହେଉଥିଲେ, ଏବେ ସେମାନେ ଭୋଟଦାନ ଅଧିକାର ପାଇଲେଣି। ଏବେ ସେମାନଙ୍କ ମଧ୍ୟରୁ ଅନେକ ସମାଜର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହେଲେଣି।

ସବୁ ଜୀବନ ମୂଲ୍ୟବାନ୍। ସବୁ ଜୀବର ଆତ୍ମା ଓ ତାହାର ସମ୍ମାନ ଅଛି। ଅନାଥ ପିଲାଟିଏ କାହାର ସାହାଯ୍ୟ, ସହଯୋଗ ନ ପାଇଲେ ବିପଥଗାମୀ ହେବା ସ୍ୱାଭାବିକ। ସମାଜରେ କୌଣସି ମଣିଷ ସୂକ୍ଷ୍ମରେ ବଞ୍ଚିବାର ସୁଯୋଗ ନ ପାଇଲେ ସେ ବି ବିପଥଗାମୀ ହୋଇପାରେ। ସମାଜର କ୍ଷତି କରିପାରେ, ସମାଜରେ ଅଶାନ୍ତି ସୃଷ୍ଟି କରିପାରେ। ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରି, ଉପଯୋଗ କରି ସମାଜର ପ୍ରଗତି କରିବାକୁ ସମସ୍ତେ ଚେଷ୍ଟା କରିବା ଉଚିତ।

ସିଷ୍ଟମ ଆଡମିନ,
ଜୀବନ ବୀମା କାର୍ଯ୍ୟାଳୟ, ଯାଜପୁର
ମୋ–୯୭୭୭୭୪୯୭୨୭

ଏଇ ଭାରତରେ

ଶିକ୍ଷା ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଓ ଶିକ୍ଷା ବିନା ସଶକ୍ତ ନାଗରିକ ହେବା ଅସମ୍ଭବ ; ଯାହା ହୃଦୟଙ୍ଗମ କରିଛନ୍ତି ପଞ୍ଜାବର ସୁଖପାଲ ସିଂ ସିଦ୍ଧୁ। ପଞ୍ଜାବ ଭଟିଣ୍ଡା ନିକଟବର୍ତ୍ତୀ ନାନ୍‌ଥାନ ଅଞ୍ଚଳର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି ସୁଖପାଲ। ସ୍କୁଲ୍ ଦାୟିତ୍ୱ ସମ୍ଭାଳିବା ସହ ସେ ରାସ୍ତା କଡ଼ରେ ରହୁଥିବା ପିଲାମାନଙ୍କ ପାଇଁ ଫୁଟ୍‌ପାଥ୍ ସ୍କୁଲ ଖୋଲିଛନ୍ତି। ରାସ୍ତାକଡ଼ରେ ରହି ଭିକ୍ଷା ମାଗୁଥିବା ଓ କେବେ ବି ସ୍କୁଲ ଦେଖି ନ ଥିବା ଏହି ପିଲାମାନଙ୍କୁ ସେ ଭଟିଣ୍ଡାର ଏକ ଛକରେ ପଢାଉଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇ ସେ ଏହି କ୍ଲାସ୍ ଜୁଲାଇ ୨୦୨୨ରେ ଆରମ୍ଭ କରିଛନ୍ତି। ନିଜ ସ୍କୁଲ ଦାୟିତ୍ୱ ଶେଷ ପରେ ତାଙ୍କ ସ୍ତ୍ରୀ ସିନ୍ଦରପାଲ କୌର ସିଦ୍ଧୁଙ୍କ ସହ ପ୍ରତିଦିନ ଅପରାହ୍ନରେ ପିଲାମାନଙ୍କୁ ପଢ଼ାଉଛନ୍ତି। ପ୍ରଥମେ ତାଙ୍କ ପାଖକୁ ୫ ଜଣ ପିଲା ଆସିଥିଲେ, ଏବେ ୨୨ ଜଣ ଆସୁଛନ୍ତି। କେବଳ ଏତିକି ନୁହେଁ ସୁଖପାଲ ତାଙ୍କ ସରକାରୀ ସ୍କୁଲରେ ପିଲାମାନଙ୍କ ପାଇଁ ଉଚ୍ଚମାନର ଘରୋଇ ବିଦ୍ୟାଳୟର ସୁବିଧା ଉପଲବ୍ଧ କରାଇପାରିଛନ୍ତି। ଏସ୍‌ସିଠାରୁ ଆରମ୍ଭ କରି ଅନ୍ୟ ସବୁ ସୁବିଧା ଲାଗି ସବୁ ଖର୍ଚ୍ଚ ନିଜେ କରିଛନ୍ତି। ଏଥିରେ ତାଙ୍କ ସାଥୀ ଶିକ୍ଷକମାନେ ସହଯୋଗ କରୁଛନ୍ତି।

୨୫ ବର୍ଷ ତଳର ଧରିତ୍ରୀ DHARITRI

୮ ସେପ୍ଟେମ୍ବର ୧୯୯୭

- ଆଞ୍ଚୋନ ଉପତ୍ୱୀପରେ ବିଚ୍ଛିନ୍ନତାବାଦୀଙ୍କ ସହ ରକ୍ତାକ୍ତ ସଂଘର୍ଷ ଘଟି ୪୦ କମୋର ସୈନ୍ୟ ନିହତ।
- ଦକ୍ଷିଣ ବିହାରସ୍ଥିତ ଛତ୍ରା ଜିଲାରେ ବେଆଇନ ଘୋଷିତ ମାଓବାଦୀ କମ୍ୟୁନିଷ୍ଟ ସେଣ୍ଟର (ଏମ୍‌ସିସି)ର ଉଗ୍ରପନ୍ଥୀମାନେ ଆଖିବୁଜା ଗୁଳି ଚଳାଇବା ଫଳରେ ସିପିଆଇଏମ୍‌ଏଲ୍‌ର ୩୦ ଜଣ ସମର୍ଥକଙ୍କ ମୃତ୍ୟୁ।
- ପ୍ରତିଷ୍ଠିତ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ମୁକୁଲ ଆନନ୍ଦଙ୍କ ୪୭ ବର୍ଷ ବୟସରେ ପରଲୋକ।

su | do | ku

Puzzles by Srikant Ghosh

ସୁ–ଡୋ–କୁ

	7		3		4	9		
	9				1			
3					6			7
	4		2					8
		5			9			
						2		3
		4	9		3			
	5	1			7		3	
8			1				4	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

2	8	7	3	1	5	4	9	6
6	3	9	2	7	4	5	8	1
5	4	1	8	6	9	7	2	3
7	1	2	9	8	3	6	4	5
3	5	8	6	4	7	9	1	2
4	9	6	1	5	2	8	3	7
9	7	3	4	2	6	1	5	8
8	6	4	5	3	1	2	7	9
1	2	5	7	9	8	3	6	4

ଗତକାଲିର ଉତ୍ତର

ଶିକ୍ଷାର ଆତ୍ମିକ ବିକାଶ ଆବଶ୍ୟକ

ଗିରିଜାଶଙ୍କର ତରାସିଆ

3	146	Private	Danda	0.3900000(Acre)	0.1578308
4	149	Private	Danda	0.2900000(Acre)	0.1173614
5	150	Private	Chak	0.7200000(Acre)	0.2913800
6	151	Private	Gharbari	0.2550000(Acre)	0.1031971
7	151/949	Private	Gharbari	0.0400000(Acre)	0.0161878
8	151/954	Private	Gharbari	0.0300000(Acre)	0.0121408
9	151/955	Private	Gharbari	0.0066000(Acre)	0.0026710
10	151/957	Private	Gharbari	0.0200000(Acre)	0.0080939
11	151/958	Private	Gharbari	0.0200000(Acre)	0.0080939
12	160	Government (Sarb Sadharan)	Rasta	0.3100000(Acre)	0.1254553
13	166	Government(Rakshit)	Bagayat -3	0.4000000(Acre)	0.1618778
14	178	Private	Chak	1.1700000(Acre)	0.4734925
15	179	Private	Chak	0.3000000(Acre)	0.1214083
16	180	Private	Chak	0.6900001(Acre)	0.2792392
17	181	Private	Chak	0.7400000(Acre)	0.2994739
18	182	Private	Patit	0.1000000(Acre)	0.0404694
19	187	Private	Chak	0.1800000(Acre)	0.0728450
20	188	Government (Jal Sechan Vibhag)	Canal	1.2200000(Acre)	0.4937272
21	189	Private	Sharad -2	0.0400000(Acre)	0.0161878
22	189/951	Private	Sharad -2	0.0100000(Acre)	0.0040469
23	190	Private	Sharad -2	0.0300000(Acre)	0.0121408
24	191	Private	Chak	0.1800000(Acre)	0.0728450
25	192	Private	Chak	0.2200000(Acre)	0.0890328
26	193	Government(Rakshit)	Gochar	3.0599999(Acre)	1.2383650
27	194	Government (Sarb Sadharan)	Rasta	0.2400001(Acre)	0.0971267
28	195	Private	Chak	0.3300000(Acre)	0.1335492
29	196	Private	Gharbari	0.1400000(Acre)	0.0566572
30	197	Private	Gharabari	0.1300000(Acre)	0.0526103
31	198	Private	Gharbari	0.0200000(Acre)	0.0080939
32	199	Private	Chak	0.0100000(Acre)	0.0040469
33	200	Private	Chak	0.3600000(Acre)	0.1456900
34	204	Government (Sarb Sadharan)	Shmashan	0.0800001(Acre)	0.0323756
35	205	Private	Chak	0.9200000(Acre)	0.3723189
36	206	Private	Chak	0.0500000(Acre)	0.0202347
37	207	Private	Chak	0.2000000(Acre)	0.0809389
38	208	Private	Chak	0.1200000(Acre)	0.0485633
39	209	Private	Chak	0.2600000(Acre)	0.1052206
40	21	Private	Chak	0.0800000(Acre)	0.0323756
41	210	Private	Chak	0.7400000(Acre)	0.2994739
42	215	Private	Chak	0.3100000(Acre)	0.1254553
43	216	Private	Chak	0.7400000(Acre)	0.2994739
44	22	Private	Chak	0.3200000(Acre)	0.1295022
45	23	Government(Rakshit)	Unnat Yojana	0.3500000(Acre)	0.1416431

Sl. No.	Survey/Plot Number	Type of Land	Nature of Land	Area (in Local Unit)	Area (in Hectare)
46	24	Private	Chak	1.1700000(Acre)	0.4734925
47	25	Private	Gharbari	0.1500000(Acre)	0.0607042
48	26	Private	Gharbari	0.1500000(Acre)	0.0607042
49	27	Private	Gharbari	0.1500000(Acre)	0.0607042
50	28	Private	Chak	0.4500000(Acre)	0.1821125
51	29	Government(Rakshit)	Jalashay -2	0.0200000(Acre)	0.0080939
52	30	Government (Aabad Yogay Anabadi)	Bagayat -2	0.0200000(Acre)	0.0080939
53	300	Private	Bagayat -3	0.2600000(Acre)	0.1052206
54	301	Private	Bagayat -3	0.0700000(Acre)	0.0283286
55	302	Private	Bagayat -3	0.3300000(Acre)	0.1335492
56	303	Private	Bagayat -2	0.4500000(Acre)	0.1821125
57	304	Private	Gharbari	0.1900000(Acre)	0.0768919
58	315	Private	Gharbari	0.0850000(Acre)	0.0343990
59	316	Government (Sarb Sadharan)	Rasta	0.1899999(Acre)	0.0768919
60	317	Private	Sharad -2	0.3700000(Acre)	0.1497369
61	318	Private	Sharad -2	0.0900000(Acre)	0.0364225
62	32	Government (Aabad Yogay Anabadi)	Bagayat -2	0.0500000(Acre)	0.0202347
63	322	Private	Bagayat -3	0.2600000(Acre)	0.1052206
64	323	Private	Biali Dofasal	0.3000000(Acre)	0.1214083
65	33	Government (Aabad Yogay Anabadi)	Bagayat -2	0.0700000(Acre)	0.0283286
66	34	Government (Aabad Yogay Anabadi)	Bagayat -2	0.0700000(Acre)	0.0283286
67	35	Government (Aabad Yogay Anabadi)	Bagayat -2	0.0500000(Acre)	0.0202347
68	36	Government (Aabad Yogay Anabadi)	Bagayat -2	0.0400000(Acre)	0.0161878
69	37	Government (Aabad Yogay Anabadi)	Bagayat -2	0.0900000(Acre)	0.0364225
70	38	Government (Aabad Yogay Anabadi)	Bagayat -2	0.0900000(Acre)	0.0364225
71	39	Government (Aabad Yogay Anabadi)	Bagayat -2	0.0800000(Acre)	0.0323756
72	40	Government (Aabad Yogay Anabadi)	Sharad -2	0.0500000(Acre)	0.0202347
73	41	Private	Chak	0.8100000(Acre)	0.3278025
74	45	Government (Aabad Yogay Anabadi)	Bagayat -2	0.2200000(Acre)	0.0890328
75	46	Government (Aabad Yogay Anabadi)	Bagayat -2	0.6000000(Acre)	0.2428167
76	47	Government(Rakshit)	Gochar	0.6300000(Acre)	0.2549575
77	47/848	Private	Gharbari	0.1600000(Acre)	0.0647511
78	48	Private	Bagayat -1	0.9000000(Acre)	0.3642250
79	49	Private	Gharbari	0.2600000(Acre)	0.1052206
80	50	Private	Bagayat -1	0.0600000(Acre)	0.0242817
81	50/916	Private	Bagayat -1	0.2200000(Acre)	0.0890328
82	51	Private	Sharad -3	0.2300000(Acre)	0.0930797
83	52	Private	Sharad -3	0.1900000(Acre)	0.0768919
84	53	Private	Chak	0.7000000(Acre)	0.2832861
85	54	Private	Jalashay -2	0.0600000(Acre)	0.0242817
86	55	Private	Bajefasal -2	0.2200000(Acre)	0.0890328
87	56	Private	Bagayat -1	0.2400000(Acre)	0.0971267
88	57	Private	Chak	0.5200000(Acre)	0.2104411
89	59	Private	Biali Dofasal	0.6266000(Acre)	0.2535815
90	59/980	Private	Biali Dofasal	0.1567000(Acre)	0.0634156
91	59/981	Private	Bi

ବିଶ୍ୱ ସହ ଯୋଡ଼ିହେବେ ଗାଜା ବିଦ୍ୟାର୍ଥୀ

ଟାବ୍‌ଲେଟ୍ ବାଣ୍ଟିଲା ଜାତିସଂଘ

ଗାଜା ଷ୍ଟ୍ରିପ୍‌ରେ ଥିବା ପାଲେଷ୍ଟିନୀୟ ଶିଶୁମାନେ ଏଣିକି ସାରା ବିଶ୍ୱ ସହ ଯୋଡ଼ି ହୋଇପାରିବେ। କାରଣ ସେମାନଙ୍କୁ ସହଯୋଗ କରିବାକୁ ଜାତିସଂଘ ଆଗେଇ ଆସିଛି। ଜାତିସଂଘ ପକ୍ଷରୁ ସେମାନଙ୍କୁ ଟାବ୍‌ଲେଟ ବଣ୍ଟନ କରାଯାଇଛି। ଗାଜା ଜନସଂଖ୍ୟା ୨.୩ ନିୟୁତ ହୋଇଥିବାବେଳେ ଏହାର ପ୍ରାୟ ଅଧା ହେଉଛନ୍ତି ଶିଶୁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ହମାସ୍ ଦ୍ୱାରା ଶାସିତ ଏହି ଉପକୂଳ ଭୂଖଣ୍ଡରେ ଆବଦ୍ଧ ହୋଇ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପାଲେଷ୍ଟିନୀୟଙ୍କ ପାଇଁ ଜାତିସଂଘ ସଂସ୍ଥା ୟୁଏନ୍‌ଆର୍‌ଡବ୍ଲ୍ୟୁଏ ପକ୍ଷରୁ ପରିଚାଳିତ ସ୍କୁଲଗୁଡ଼ିକରେ ଚଳିତ ସପ୍ତାହରେ ୮୯୦ ଛାତ୍ରୀଛାତ୍ରଙ୍କୁ ଟାବ୍‌ଲେଟ ବଣ୍ଟନ କରାଯାଇଛି। ଆଗକୁ ଟାବ୍‌ଲେଟ୍ ବଣ୍ଟନ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ଫଳରେ ଏହି ଛାତ୍ରୀଛାତ୍ରମାନେ ଡିଜିଟାଲାଇଜ୍‌ଡ ୱାର୍ଲ୍ଡ ସହ ନିଜକୁ ଯୋଡ଼ି ଜ୍ଞାନ ଆହରଣ କରିପାରିବେ ବୋଲି ସଂସ୍ଥାର ଗାଜା ଡାଇରେକ୍ଟର ଥୋମାସ୍ ହ୍ୱାଇଟ୍ କହିଛନ୍ତି। ଇସ୍ରାଏଲ୍ ପକ୍ଷରୁ ଦୀର୍ଘ ୧୫ ବର୍ଷ ଧରି ଲଗାଯାଇଥିବା କଟକଣା ଯୋଗୁ ଗାଜାର ଅର୍ଥନୀତି ଦୁର୍ବଳ ହୋଇଛି। ଫଳରେ ଗାଜାର ୭୪% ସ୍ନାତକ ବେକାର ହୋଇଯାଇଛନ୍ତି। ସେମାନଙ୍କ ହାତରେ ଟାବ୍‌ଲେଟ୍ ରହିଲେ ଆଗକୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇ ଅର୍ଥ ଉପାର୍ଜନ କରିପାରିବେ ବୋଲି ପାଲେଷ୍ଟିନୀୟ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକ୍ସ ପକ୍ଷରୁ କୁହାଯାଇଛି। ତେବେ ଗାଜାରେ ବାରମ୍ବର ବିଦ୍ୟୁତ୍ କାଟ୍ ଓ ସୀମିତ ୨ଜି ଇଣ୍ଟରନେଟ ସେବା ଏବେ ମଧ୍ୟ ଚ୍ୟାଲେଞ୍ଜ ହୋଇ ରହିଛି।

ଆମେରିକାର କାଲିଫର୍ନିଆ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ପାଇଁ ଆକାଶମାର୍ଗରୁ ଏକ ପାର୍ବତ୍ୟାଞ୍ଚଳରେ ହେଲିକପ୍ଟର ଜରିଆରେ ପାଣି ସିଞ୍ଚନ କରାଯାଉଛି।

ସଂକ୍ଷେପରେ

ଚାଇନା ଭୂକମ୍ପ: ମୃତ୍ୟୁସଂଖ୍ୟା ୭୪

ବେଜିଂ, ୭।୯: ଗତ ସୋମବାର ଚାଇନାର ସିଚୁଆନ୍ ପ୍ରଦେଶରେ ହୋଇଥିବା ଶକ୍ତିଶାଳୀ ଭୂକମ୍ପରେ ମୃତ୍ୟୁସଂଖ୍ୟା ୭୪କୁ ବୃଦ୍ଧି ପାଇଛି। କେବଳ ଗାଞ୍ଜିରେ ୪୦ ଜଣଙ୍କ ଜୀବନ ଯାଇଥିବାବେଳେ ୧୪ ଜଣ ନିଖୋଜ ଅଛନ୍ତି, ୧୭୦ ଜଣ ଆହତ ହୋଇଛନ୍ତି। ସେହିପରି ୟାନ୍ ସହରରେ ୩୪ ଜଣ ପ୍ରାଣ ହରାଇଥିବାବେଳେ ୧୨ ଜଣ ନିଖୋଜ ଅଛନ୍ତି। ସହରରେ ୮୯ ଜଣ ଆହତ ହୋଇଥିବା ଜଣାପଡ଼ିଛି।

ଶିବସେନା କାହାର ୨୭ରେ ନିଷ୍ପତ୍ତି

ନୂଆଦିଲ୍ଲୀ, ୭।୯: ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ମଧ୍ୟରେ କାହା ଗୋଷ୍ଠୀ ମୂଳ ଶିବସେନା ତାହା ଆସନ୍ତା ୨୭ରେ ସ୍ଥିର ହେବ। ଶିନ୍ଦେ ଗୋଷ୍ଠୀ ନିଜକୁ ଅସଲ ଶିବସେନା ବୋଲି ଦାବି କରୁଥିବାବେଳେ ସେମାନଙ୍କୁ ନିର୍ବାଚନ କମିଶନ ସ୍ୱୀକୃତି ନ ଦେବା ପାଇଁ ଉଦ୍ଧବ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସେପ୍ଟେମ୍ବର ୨୭ରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ବୁଧବାର କହିଛନ୍ତି।

ଦିଲ୍ଲୀରେ ଅନ୍‌ଲାଇନ ବାଣ ବିକ୍ରି ଉପରେ କଟକଣା

ନୂଆଦିଲ୍ଲୀ, ୭।୯: ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦିଲ୍ଲୀରେ ଆସନ୍ତା ବର୍ଷ ଜାନୁୟାରୀ ୧ ପର୍ଯ୍ୟନ୍ତ ଅନ୍‌ଲାଇନ ବାଣ ବିକ୍ରି ଉପରେ କଟକଣା ଲଗାଯାଇଛି। ଏହାକୁ କଡ଼ାକଡ଼ି ପାଳନ କରାଯିବା ଉପରେ ଆହ୍ୱନ୍ ପ୍ଲାନ୍ ପ୍ରସ୍ତୁତ କରାଯାଉଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାଏ କହିଛନ୍ତି। ଗତବର୍ଷ ରାଜଧାନୀ ଭୟଙ୍କର ବାୟୁ ପ୍ରଦୂଷଣର ସାମ୍ନା କରିଥିବାବେଳେ ଏଥର ଏହାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଇଛି। ଗତଥର ପରି ଏଥର ମଧ୍ୟ ବାଣ ତିଆରି, ଗଚ୍ଛିତ କରି ରଖିବା ଏବଂ ବିକ୍ରି ଉପରେ କଟକଣା ଲଗାଯାଇଥିବା ସେ ସୂଚନା ଦେଇଛନ୍ତି।

ପାଶ୍ଚାତ୍ୟକୁ ମିଳିବନି ତେଲ କି ଗ୍ୟାସ୍

ପୁଟିନ୍‌ଙ୍କ ଧମକ

ମସ୍କୋ, ୭।୯

ରୁଷିଆ ତେଲର ମୂଲ୍ୟ ସୀମା (ପ୍ରାଇସ୍ କ୍ୟାପ୍) ନିର୍ଦ୍ଧାରଣ କରିବା ପାଇଁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ଯୋଜନା କରୁଛନ୍ତି। ହେଲେ ଏଭଳି ପଦକ୍ଷେପ ପାଶ୍ଚାତ୍ୟ ପାଇଁ ମୂର୍ଖତାପୂର୍ଣ୍ଣ ହେବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ଯେଉଁ ଦେଶଗୁଡ଼ିକ ଏଥିରେ ସାମିଲ ହେବେ ସେମାନଙ୍କୁ ରୁଷିଆରୁ ନା ତେଲ ମିଳିବ ନା ଗ୍ୟାସ୍। ମସ୍କୋ ସ୍ୱାର୍ଥ ବିରୋଧୀ ପଦକ୍ଷେପ ନେଉଥିବା ଦେଶକୁ ରୁଷିଆ ତେଲ, ଗ୍ୟାସ୍, କୋଇଲା ବା କୌଣସି ପ୍ରକାର ଇନ୍ଧନ ଯୋଗାଣ କରିବ ନାହିଁ ବୋଲି ବୁଧବାର ଭ୍ଲାଡିଭୋଷ୍ଟକରେ ଆୟୋଜିତ ଇଷ୍ଟର୍ନ ଇକୋନୋମିକ ଫୋରମ୍‌ରେ ଯୋଗଦେଇ ପୁଟିନ୍ ଚେତାବନୀ ଦେଇଛନ୍ତି। ସାଉଦି ଆରବ ପରେ ରୁଷିଆ ବିଶ୍ୱର ଦ୍ୱିତୀୟ ବୃହତ୍ତମ ତୈଳ ରପ୍ତାନିକାରୀ ଏବଂ ବୃହତ୍ତମ ପ୍ରାକୃତିକ ଗ୍ୟାସ୍ ରପ୍ତାନିକାରୀ ଦେଶ। ଏଭଳି ପରିସ୍ଥିତିରେ ପୁଟିନଙ୍କ ଏହି ନିଷ୍ପତ୍ତି ବିଶ୍ୱ ଶକ୍ତି ବଜାରକୁ ସିଧାସଳଖ ପ୍ରଭାବିତ କରିବା ଆଶଙ୍କା ରହିଛି। ଏଥିଯୋଗୁ ବିଶ୍ୱ ଅର୍ଥନୀତି ଇନ୍ଧନ ମୂଲ୍ୟ ବୃଦ୍ଧି ସମସ୍ୟାର ସାମ୍ନା କରିବ।

ୟୁକ୍ରେନ୍ ଉପରେ ଆକ୍ରମଣ ରୋକିବା ପାଇଁ ରୁଷିଆର ଆୟ ହ୍ରାସ ଉଦ୍ଦେଶ୍ୟରେ ଗତ ଶୁକ୍ରବାର ଜି-୭ ଦେଶର ଔଦ୍ୟୋଗିକ ଶକ୍ତି ବା ଇଣ୍ଡଷ୍ଟ୍ରିଆଲାଇଜ୍‌ଡ ପାୱାର ଇନ୍ଧନ ମୂଲ୍ୟରେ ପ୍ରାଇସ୍ କ୍ୟାପ୍ ଲଗାଇବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଏହା ଉପରେ ପ୍ରତିକ୍ରିୟା ରଖି ପୁଟିନ୍ କହିଛନ୍ତି, ରୁଷିଆ ଚୁକ୍ତିଭିତ୍ତିକ ଦାୟିତ୍ୱକୁ ସମ୍ମାନ କରେ ଏବଂ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅନୁରୂପ କାମ କରନ୍ତୁ ବୋଲି ଆଶା କରେ। ଯେଉଁମାନେ ରୁଷିଆ ଉପରେ କିଛି କଟକଣା ଲଗାଇବାକୁ ଚେଷ୍ଟା କରୁଛନ୍ତି ସେମାନେ ଆଜି ନିଜ ଇଚ୍ଛାରେ କାମ କରିବା ସ୍ଥିତିରେ ନାହାନ୍ତି। ସେମାନେ ଚେତିବା ଉଚିତ। ୟୁକ୍ରେନ୍ ଆକ୍ରମଣକୁ ବିରୋଧ କରି ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଲଗାଇଥିବା କଟକଣା ଉପରେ ପୁଟିନ୍ କହିଛନ୍ତି, ରୁଷିଆକୁ ବିଶ୍ୱରୁ ଅଲଗା କରିବା ଅସମ୍ଭବ। ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଥିବା ଦେଶଗୁଡ଼ିକର ଗୁରୁତ୍ୱ ବଢ଼ିଛି। ସେମାନଙ୍କ ସହ ସହଭାଗିତା ରୁଷିଆ ନାଗରିକଙ୍କ ପାଇଁ ନୂଆ ସୁଯୋଗ ଆଣିଦେବ ବୋଲି ପୁଟିନ୍ କହିଛନ୍ତି। ଏଥିସହ ୟୁକ୍ରେନ୍‌ରୁ ଯାଉଥିବା ଖାଦ୍ୟଶସ୍ୟ ବିକାଶଶୀଳ ବା ଗରିବ ଦେଶଗୁଡ଼ିକୁ ନୁହେଁ ବରଂ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ପହଞ୍ଚୁଥିବା ପୁଟିନ୍ ଅଭିଯୋଗ ଆଣିଛନ୍ତି।

ଅନ୍ୟପକ୍ଷରେ ୟୁରୋପକୁ ରୁଷିଆ ତୈଳ ଯୋଗାଣ କମିବା ପରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ୟୁରୋପୀୟ ଦେଶଗୁଡ଼ିକରେ ଇନ୍ଧନ ମୂଲ୍ୟ ବହୁମାତ୍ରାରେ ବଢ଼ିଛି। ପୁଟିନ୍‌ଙ୍କ ଚେତାବନୀ ସତ୍ତ୍ୱେ ୟୁରୋପୀୟ ୟୁନିୟନ (ଇୟୁ) ରୁଷିଆର ରାଜସ୍ୱ ହ୍ରାସ ପାଇଁ ତେଲ ଉପରେ ପ୍ରାଇସ୍ କ୍ୟାପ୍ ଲଗାଇବାକୁ ଯୋଜନା କରିଛି। ୟୁକ୍ରେନ୍‌ରେ ଯୁଦ୍ଧ ବର୍ବରତା ରୋକିବା ପାଇଁ ଏହି ପଦକ୍ଷେପ ନେବାକୁ ପଡ଼ିବ ବୋଲି ୟୁରୋପିଆନ୍ କମିଶନ ମୁଖ୍ୟ ଉର୍ସୁଲା ଭୋନ୍ ଡେର୍ ଲେୟେନ୍ କହିଛନ୍ତି। ଫିନ୍‌ଲାଣ୍ଡ ରିସର୍ଚ୍ଚରଙ୍କ ଆକଳନ ଅନୁସାରେ, ଜୀବାଶ୍ମ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଥିବାବେଳେ ରୁଷିଆ ୟୁକ୍ରେନ୍ ଆକ୍ରମଣର ୬ ମାସ ଭିତରେ ଏଥିରୁ ୧୫୮ ବିଲିୟନ ୟୁରୋ ଆୟ କରିଛି। ସେଥିରୁ କେବଳ ଇୟୁ ଅର୍ଦ୍ଧାଧିକ ଅର୍ଥର ଇନ୍ଧନ କ୍ରୟ କରିଛି।

କୋବିନ୍ଦଙ୍କୁ ଜେଡ୍ ପ୍ଲସ ସୁରକ୍ଷା



ନୂଆଦିଲ୍ଲୀ,୭।୯

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜେଡ୍ ପ୍ଲସ୍ କାଟାଗୋରି ଭିଆଇପି ସୁରକ୍ଷା ଯୋଗାଇ ଦିଆଯାଇଛି। ଗତ ୫ ତାରିଖରୁ ତାଙ୍କ ସେବାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଭିଆଇପି ସିକ୍ୟୁରିଟି କମାଣ୍ଡୋ ୟୁନିଟ୍ ନିୟୋଜିତ ହୋଇଛି। କେନ୍ଦ୍ରୀୟ ଦିଲ୍ଲୀର ଜନପଥ ରୋଡ୍‌ରେ କୋବିନ୍ଦଙ୍କୁ ମିଳିଥିବା ସରକାରୀ ବାସଭବନ ମଧ୍ୟ ସୁରକ୍ଷା ବଳୟ ମଧ୍ୟରେ ରହିବ। ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ କରାଯାଇଥିବା ସୁପାରିସ ଅନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। ୭୬ ବର୍ଷୀୟ କୋବିନ୍ଦ ଦେଶର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବେ କାର୍ଯ୍ୟକାଳ ଶେଷ କରି ଗତ ଜୁଲାଇରେ ଅବସର ନେଇଥିଲେ।

ଆସନ୍ତା ସପ୍ତାହରେ ପୁଟିନ୍-ଜିନ୍‌ପିଙ୍ଗ୍ ଭେଟ

ମସ୍କୋ, ୭।୯

ୟୁକ୍ରେନ୍ ଯୁଦ୍ଧ ଓ ଚାଇନା-ତାଇୱାନ ଉତ୍ତେଜନା ଭିତରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ଆସନ୍ତା ସପ୍ତାହରେ ପରସ୍ପରକୁ ସାକ୍ଷାତ କରିବେ। ଉଜ୍‌ବେକିସ୍ତାନରେ ହେବାକୁ ଥିବା ଏକ ଆଞ୍ଚଳିକ ସମ୍ମିଳନୀରେ ଏହି ଦୁଇ ନେତା ଯୋଗଦେବେ ବୋଲି ଚାଇନାରେ ଅବସ୍ଥାପିତ ରୁଷିଆ ରାଷ୍ଟ୍ରଦୂତ ଆଣ୍ଡ୍ରେ ଡେନିସୋଭ୍ କହିଛନ୍ତି। କରୋନା ମହାମାରୀ ପରଠାରୁ ଏହା ଜିନ୍‌ପିଙ୍ଗ୍‌ଙ୍କ ପ୍ରଥମ ବିଦେଶ ଗସ୍ତ ହେବ।

ରୁଷିଆକୁ ଆତଙ୍କବାଦ ରାଷ୍ଟ୍ର ଘୋଷଣା ସହଜ ନୁହେଁ: ଆମେରିକା

ୱାଶିଂଟନ୍, ୭।୯

ରୁଷିଆକୁ ଉତ୍ତରଦାୟୀ କରିବାକୁ ଯାଇ ତାହାକୁ ଆତଙ୍କବାଦ ପ୍ରାୟୋଜିତ ରାଷ୍ଟ୍ର ନାମିତ କରିବା ରାସ୍ତା ସହଜ ନୁହେଁ। ୟୁକ୍ରେନ୍ ଏବଂ ଅନ୍ୟ ଦେଶଗୁଡ଼ିକ ପାଇଁ ଏହାର ଅବାଞ୍ଛିତ ପରିଣାମ ଦେଖିବାକୁ ମିଳିପାରେ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କେରିନ୍ ଜିନ୍-ପିଏରେ କହିଛନ୍ତି। ଏହାଦ୍ୱାରା ୟୁକ୍ରେନ୍‌ରେ ପହଞ୍ଚୁଥିବା ସହାୟତା ପ୍ରଭାବିତ ହୋଇପାରେ। ସେଠାରେ ଭୟଙ୍କର ମାନବୀୟ ସମସ୍ୟା ଦେଖାଦେବା ସହ ଖାଦ୍ୟଶସ୍ୟ ପରିବହନ

କେରିନ୍ ଜିନ୍-ପିଏରେ

ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ଏଥିଯୋଗୁ ବିଶ୍ୱରେ ଖାଦ୍ୟ ସଙ୍କଟ ଆହୁରି ଉତ୍କଟ ହୋଇପାରେ ବୋଲି କହିଛନ୍ତି।

ଆଜି କର୍ତ୍ତବ୍ୟ ପଥର ଶୁଭାରମ୍ଭ, ନେତାଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ନୂଆଦିଲ୍ଲୀ,୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କର୍ତ୍ତବ୍ୟ ପଥର ଶୁଭାରମ୍ଭ କରିବେ। ଦିଲ୍ଲୀର ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଲମ୍ବିଥିବା ଏହି ରାସ୍ତାରେ ପଥଚାରୀଙ୍କ ପାଇଁ ରେଡ୍ ଗ୍ରାନାଇଟ୍‌ର ୱାକ୍‌ୱେ କରାଯାଇଛି। ପୂର୍ବରୁ ରାଜପଥ ନାମରେ ପରିଚିତ ଏହି ସଡ଼କ ସାଧାରଣ ସ୍ୱତ୍ୱାଧିକାର ଓ ସଶକ୍ତୀକରଣର ପ୍ରତୀକ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ବୋଷଙ୍କ ଏକ ପ୍ରତିମୂର୍ତ୍ତିକୁ ମଧ୍ୟ ଇଣ୍ଡିଆ ଗେଟ୍‌ରେ ପ୍ରଧାନମନ୍ତ୍ରୀ ଅନାବରଣ କରିବେ। ଅମୃତ କାଳରେ ନ୍ୟୁ ଇଣ୍ଡିଆ ଆଧାରରେ ଏହି ପଦକ୍ଷେପ ନିଆଯାଉଛି। ଉପନିବେଶ ଅମଳର ସମସ୍ତ ପ୍ରତୀକ ଓ ମାନସିକତାକୁ ହଟାଇ ଲୋକଙ୍କୁ ସଶକ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ। ମୋଦି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ସେଣ୍ଟ୍ରାଲ ଭିଷ୍ଟା ଅଧୀନରେ ଏହି ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଫିସ ପିଏମ୍‌ଓ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ଦୋସା ଭିଡିଓ କରି ତେଜସ୍ୱୀ ସୂର୍ଯ୍ୟା ହଟହଟା

ବେଙ୍ଗାଲୁରୁ, ୭।୯: ଲଗାଣ ବର୍ଷାରେ କର୍ନାଟକର ବେଙ୍ଗାଲୁରୁ ଉବୁଟୁବ ହେଉଥିବାବେଳେ ସ୍ଥାନୀୟ ଏମ୍‌ପି ତେଜସ୍ୱୀ ସୂର୍ଯ୍ୟା ଦୋସା ଖାଉଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ବେଙ୍ଗାଲୁରୁ ସାଉଥ୍ ଆସନର ଭାଜପା ଏମ୍‌ପି ତଥା ଦଳର ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ପଦ୍ମନାଭ ନଗରରେ ବଟର୍ ମସାଲା ଦୋସା ଓ ଉପମା ଖାଇ ସୁସ୍ୱାଦୁ ବ୍ୟଞ୍ଜନର ପ୍ରଶଂସା କରିଛନ୍ତି। ଲୋକେ ସେଠାକୁ ଯାଇ ଏହି ଖାଦ୍ୟର ମଜା ନିଅନ୍ତୁ ବୋଲି ସେ ଅପିଲ୍ କରିଛନ୍ତି। ୪୦ ସେକେଣ୍ଡର ଏହି ଭିଡଓ ଭାଇରାଲ ହେବା ପରେ ଟୁଇଟର୍‌ରେ ୟୁଜର୍ସ ତାଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ସୋସିଆଲ ମିଡିଆ

କୋଅର୍ଡିନେଟର ଲାବଣ୍ୟ ବଲ୍ଲାଲ କହିଛନ୍ତି, ଏହି ଭିଡିଓ ସେପ୍ଟେମ୍ବର ୫ର, ଯେତେବେଳେ କି ସମ୍ପୂର୍ଣ୍ଣ ସହର ବନ୍ୟାପାଣିରେ ବୁଡ଼ି ରହିଥିଲା। ଲୋକଙ୍କ ସୁବିଧା କରିବା ପରିବର୍ତ୍ତେ ସେ ଏଭଳି ଦାୟିତ୍ୱହୀନ କାର୍ଯ୍ୟ କରିବା ଦୁର୍ଭାଗ୍ୟଜନକ। ସେହିପରି ଆଉ କେତେଜଣ ୟୁଜର୍ସ 'ସୂର୍ଯ୍ୟା ମିସିଂ' ବୋଲି ଟୁଇଟ୍ କରିଛନ୍ତି।

୧୪,୦୦୦ ପିଏମ୍-ଶ୍ରୀ ସ୍କୁଲ ପାଇଁ ୨୭,୩୬୦ କୋଟି ମଞ୍ଜୁର

ନୂଆଦିଲ୍ଲୀ,୭।୯

ସାରା ଦେଶରେ ୧୪,୦୦୦ ପିଏମ୍-ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବ। ଏଥିପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟ ୨୭,୩୬୦ କୋଟି ଟଙ୍କାର ବିକାଶମୂଳକ ପାଣ୍ଠିକୁ ଅନୁମୋଦନ ଦେଇଛି। ପିଏମ୍ ସ୍କୁଲ୍ସ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍-ଶ୍ରୀ) ଯୋଜନାରେ ଦେଶର ୧୮୭ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ। ଏହି ସ୍କିମ୍ ଅଧୀନରେ ୧୪,୦୦୦ ସ୍କୁଲ ରହିବ। ସେଥିରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ତଥା ରାଜ୍ୟ ଏବଂ ସ୍ୱାୟତ୍ତ ସଂସ୍ଥାଗୁଡ଼ିକ ପକ୍ଷରୁ ପରିଚାଳିତ ସ୍କୁଲଗୁଡ଼ିକୁ ସାମିଲ କରାଯିବ ବୋଲି ବୁଧବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି, ଜେଇଇକୁ ଆସନ୍ତା ୨ ବର୍ଷ ମଧ୍ୟରେ ସିୟୁଇଟି ସହ ମିଶ୍ରଣ କରାଯିବ ନାହିଁ । ପ୍ରକାଶ ଯେ, ଗତମାସରେ ଏହାର ମିଶ୍ରଣ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅଧ୍ୟକ୍ଷ ଜଗଦୀଶ କୁମାର ସଙ୍କେତ ଦେଇଥିଲେ।

ଦ୍ରୁତ ଗାଡ଼ିଚାଳନା ଦୁର୍ଘଟଣା ମୃତ୍ୟୁର ମୁଖ୍ୟ କାରଣ

ନୂଆଦିଲ୍ଲୀ,୭।୯

ଟାଟା ସମ୍ବର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରୀ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ଅହମଦାବାଦ-ମୁମ୍ବାଇ ଜାତୀୟ ରାଜପଥ ଭାରତର ସବୁଠୁ ବିପଜ୍ଜନକ ସଡ଼କ ଭାବେ ପୁଣିଥରେ ଚର୍ଚ୍ଚାକୁ ଆସିଛି। ଉକ୍ତ ସଡ଼କର ଡିଜାଇନକୁ ନେଇ ଅନେକ ଡ୍ରାଇଭର ଅଭିଯୋଗ କରିଛନ୍ତି। ରାସ୍ତାରେ ଉପଯୁକ୍ତ ସଙ୍କେତ ନ ରହିବା ଏବଂ ନିମ୍ନମାନର ଟ୍ରାଫିକ୍ ଶୃଙ୍ଖଳା ଏହି ହାଇୱେକୁ ଦୁର୍ଘଟଣାର ହଟସ୍ପଟ୍‌ରେ ପରିଣତ କରିଛି। କେବଳ ମୁମ୍ବାଇ-ଅହମଦାବାଦ ଜାତୀୟ ରାଜପଥ ନୁହେଁ, ଭାରତର ଅଧିକାଂଶ ରାସ୍ତା ଦୁର୍ଘଟଣାପ୍ରବଣ ବୋଲି ସେଭ୍‌ଲାଇଫ୍ ଫାଉଣ୍ଡେଶନ ତଥ୍ୟରୁ ଜଣାପଡ଼ିଛି। ଗତବର୍ଷ ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ମୃତ୍ୟୁ ହାର ୩୮.୬ ପ୍ରତିଶତ ରହିଥିଲା।

ଦ୍ରୁତ ଗାଡ଼ିଚାଳନା ଦୁର୍ଘଟଣାଜନିତ ମୃତ୍ୟୁର ସବୁଠୁ ବଡ଼ କାରଣ। ଏଥିପାଇଁ ୬୯.୩ ପ୍ରତିଶତ ମୃତ୍ୟୁ ଘଟୁଥିବାବେଳେ ୭୩.୪ ପ୍ରତିଶତ ଆହତ ହେଉଛନ୍ତି। ଏହା ବ୍ୟତୀତ ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଇବା, ମଦ ପିଇ ଗାଡ଼ିଚାଳନା, ଡ୍ରାଇଭିଂବେଳେ

ଅହମଦାବାଦ-ମୁମ୍ବାଇ ସବୁଠୁ ବିପଜ୍ଜନକ ରାଜପଥ

ମୋବାଇଲ ଫୋନ୍‌ର ବ୍ୟବହାର ଏବଂ ଟ୍ରାଫିକ ସିଗ୍‌ନାଲକୁ ଅଣଦେଖା କରିବା ଦୁର୍ଘଟଣାଜନିତ ମୃତ୍ୟୁର ଅନ୍ୟତମ କାରଣ ବୋଲି ସଡ଼କ ପରିବହନ ମନ୍ତ

ଘୃଣା, ବିଭାଜନ ବାପାଙ୍କ ଜୀବନ ନେଇଛି

- ଏବେ ଦେଶକୁ ହରାଇବାକୁ ଚାହୁଁନି: ରାହୁଲ
- କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ

ଭାରତ ଯୋଡ଼ୋ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ନୂଆଦିଲ୍ଲୀ,୭।୯

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ 'ଭାରତ ଯୋଡ଼ୋ ଯାତ୍ରା' ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ତାଙ୍କ ସ୍ୱର୍ଗତ ପିତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଯାତ୍ରା ଆରମ୍ଭରେ ରାହୁଲ କହିଛନ୍ତି, ଘୃଣା ଓ ବିଭାଜନ ଯୋଗୁ ସେ ତାଙ୍କ ବାପାଙ୍କୁ ହରାଇଛନ୍ତି। ଏବେ ଦେଶକୁ ହରାଇବାକୁ ଚାହୁଁ ନାହାନ୍ତି।

୧୯୯୧ ମେ' ୨୧ରେ ଶ୍ରୀପେରୁମ୍ବୁଦୁରରେ ନିର୍ବାଚନୀ ପ୍ରଚାର ବେଳେ ରାଜୀବ ଗାନ୍ଧୀ ଏକ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଦଳର ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କରିବା ଅବସରରେ ନିଜ ବାପାଙ୍କୁ ମନେପକାଇଛନ୍ତି। ସେ କହିଛନ୍ତି, ଘୃଣା ଉପରେ ଭଲ ପାଇବାର ବିଜୟ ହେବ। ଆମେ ସମସ୍ତେ ମିଶି ଘୃଣା ଓ ବିଭାଜନକୁ ପ୍ରତିହତ କରିବା। ଦକ୍ଷିଣାଞ୍ଚଳର ଉପକୂଳ ଜିଲା କନ୍ୟାକୁମାରୀରେ ଥିରୁଭଲ୍ଲୁଭର ଓ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଦର୍ଶନ କରିବା ପରେ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ୧୫୦ ଦିନ ବ୍ୟାପୀ ଚାଲିବାକୁ ଥିବା ଭାରତ ଯୋଡ଼ୋ ଯାତ୍ରା ୧୨ ରାଜ୍ୟର ୩,୫୦୦ କି.ମି. ଦେଇ ଗତି କରିବ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ରାହୁଲଙ୍କୁ ଖଦିରେ ନିର୍ମିତ ଏକ ଜାତୀୟ ପତାକା ଉପହାର ଦେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏହାକୁ ଏକ ଐତିହାସିକ ଅଭିଯାନ ବୋଲି ଅଭିହିତ କରିଛନ୍ତି। କନ୍ୟାକୁମାରୀରେ ରାହୁଲ ମା' ସୋନିଆଙ୍କ ବାର୍ତ୍ତା ପଢ଼ି ଶୁଣାଇଥିଲେ। କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯାତ୍ରାରେ ସୋନିଆ ସ୍ୱାସ୍ଥ୍ୟଗତ କାରଣରୁ ବ୍ୟକ୍ତିଗତ ଭାବେ ଯୋଗଦେଇ ପାରୁ ନ ଥିବାରୁ ଦୁଃଖିତ। ତେବେ ସେ ବିଚାରଗତ ଓ ଆବେଗିକ ଭାବେ ଏଥିରେ ସାମିଲ ହେବେ। ଏହି ପଦଯାତ୍ରା ଭାରତୀୟ ରାଜନୀତି ପାଇଁ ଏକ ବଡ଼ ପରିବର୍ତ୍ତନ ପାଲଟିବ। ଅନ୍ୟପକ୍ଷେ କଂଗ୍ରେସର ଏହି ଅଭିଯାନକୁ ନେଇ ଏକ ପୋଷ୍ଟର ଉପରେ ବିବାଦ ସୃଷ୍ଟି ହୋଇଛି। ଏଥିରେ ସୋନିଆଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ଫଟୋ ସ୍ଥାନିତ ହୋଇଥିବାରୁ ଭାଜପା ଏହାକୁ 'ପରିବାର ବଞ୍ଚାଅ ଅଭିଯାନ' ବୋଲି ସମାଲୋଚନା କରିଛି। ଭାଜପା ନେତା ଶେହଜ୍ୱାଜ୍ ପୁନାୱାଲା କହିଛନ୍ତି, କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବ୍ୟବସାୟୀ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ ମେଗା ରାଲି ପୋଷ୍ଟରରେ ସ୍ଥାନ ଦେବାର ତାତ୍ପର୍ଯ୍ୟ ହେଉଛି ପରିବାରକୁ ଯୋଡ଼ିବା। ଏହା ଭାରତକୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ନୁହେଁ।

ନବୀନଙ୍କ ସଫଳତା ଧରି ଗାଁକୁ ଯିବେ ଦଳୀୟ ନେତା

ଭୁବନେଶ୍ୱର,୭।୯(ବ୍ୟୁରୋ)

ରାଜ୍ୟ ରାଜନୀତି ଏବେ ହଠାତ୍ ଚଳଚଞ୍ଚଳ ହୋଇଉଠିଛି। ସବୁ ଦଳ ବର୍ତ୍ତମାନ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ନିଜ ନିଜର ରଣନୀତି ଆରମ୍ଭ କରିଦେଇଛନ୍ତି। ଗାଁରେ ଯାଇ ବିଜେଡି ନିଜର ବିକାଶ, ସେବା ଏବଂ ସଫଳତା କଥା ବଖାଣିବ। ଏଥିଲାଗି ଜିଲା ସଭାପତି ଏବଂ ପର୍ଯ୍ୟବେକ୍ଷକମାନଙ୍କ ବୈଠକରେ ରଣନୀତି ସ୍ଥିର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ମିଳିବା ପରେ ଦିଲ୍ଲୀରେ ଦଳୀୟ ନେତା ଏବଂ ପ୍ରବାସୀ ଓଡ଼ିଆମାନେ ଉତ୍ସବ ପାଳନ କରିଥିଲେ। ଏହାପରେ ଭୁବନେଶ୍ୱରରେ ବଡ ଧରଣର ଜନସମାଗମ କରାଇ ନବୀନଙ୍କୁ ସମ୍ବର୍ଦ୍ଧନା ଦିଆଗଲା। ବର୍ତ୍ତମାନ ନବୀନଙ୍କ ଏହି ସଫଳତା କଥା ଶାସକ ଦଳ ପକ୍ଷରୁ ଗାଁ ଗାଁରେ ପ୍ରଚାର କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଭିନ୍ନ ଜିଲାର ସଭାପତି ଏବଂ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ହୋଇଥିବା ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି। ଲୋକଙ୍କ ନିକଟରେ ସେବା ଏବଂ ବିକାଶର ବାର୍ତ୍ତା କିପରି ପହଞ୍ଚିପାରିବ ସେନେଇ ବୈଠକରେ ମୁଖ୍ୟତଃ ଆଲୋଚନା କରାଯାଇଛି। ଦଳ ପକ୍ଷରୁ ଅକ୍ଟୋବରରେ ପଦଯାତ୍ରା କରାଯିବ। ଡିସେମ୍ବରରେ ବିଜେଡି ପ୍ରତିଷ୍ଠା ଦିବସକୁ ତୃଣମୂଳସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ବଡ ଧରଣରେ ପାଳନ କରାଯିବ। ସେହିପରି ମାର୍ଚ୍ଚ ୫ରେ ବିଜୁ ଜୟନ୍ତୀ ସମାରୋହ ମଧ୍ୟ ଧୁମଧାମରେ ପାଳନ କରାଯିବ। ସେହିପରି ଦଳୀୟ ସଙ୍ଗଠନ ଉପରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବୈଠକ ଶେଷରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ବିଭିନ୍ନ ସମୟରେ ରାଜ୍ୟର ଉନ୍ନତି ସମ୍ପର୍କରେ ଆଲୋଚନା ଲାଗି ଦଳର ବୈଠକ ବସିଥାଏ। ସେହିପରି ଆଜି ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଚାଲିଛି। ଉଭୟ ଲୋକ ଏବଂ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି। ତେବେ ମିଳିଥିବା ସୂଚନା ମୁତାବକ, ଖୁବ୍‌ଶୀଘ୍ର ଦଳ ପର୍ଯ୍ୟବେକ୍ଷକମାନଙ୍କ ନେତୃତ୍ୱରେ ବିଭିନ୍ନ ନିର୍ବାଚନମଣ୍ଡଳୀ ସ୍ତରର ନେତାଙ୍କୁ ସାଙ୍ଗରେ ଧରି ଦଳ ନବୀନଙ୍କ ସଫଳତା କଥା ବଖାଣି ଲୋକଙ୍କ ନିକଟରେ ପହଞ୍ଚିବାକୁ ଯୋଜନା ରଖିଥିବା ଜଣାପଡ଼ିଛି।

ଭାଜପା ବିରୋଧୀ ମେଳି

ନୀତୀଶ ନବୀନଙ୍କୁ ଭେଟିବା ନେଇ ଚର୍ଚ୍ଚା

ଭୁବନେଶ୍ୱର, ୭।୯(ବ୍ୟୁରୋ)

କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାରକୁ ଆସନ୍ତା ୨୦୨୪ ନିର୍ବାଚନରେ ଗାଦିଚ୍ୟୁତ କରିବାକୁ ବିରୋଧୀଙ୍କୁ ଏକାଠି କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୋର୍‌ସୋର ଉଦ୍ୟମ ଚଳାଇଛନ୍ତି। ନୀତୀଶ ଏବେ ଜଣଙ୍କ ପରେ ଜଣେ ବିରୋଧୀ ନେତାଙ୍କୁ ଭେଟୁଛନ୍ତି। ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ପୂର୍ବରୁ ନୀତୀଶ ଓଡ଼ିଶା ଆସି ନବୀନ ନିବାସରେ

ନୀତୀଶ କୁମାର ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ନବୀନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ନୀତୀଶ ବିରୋଧୀଙ୍କୁ ଏକଜୁଟ କରିବା ପାଇଁ ଯେଉଁ ପ୍ରୟାସ ଚଳାଇଛନ୍ତି ସେଥିରେ ନବୀନଙ୍କୁ ସାମିଲ କରିବେ ବୋଲି ଚର୍ଚ୍ଚା ହେଉଛି।

ନୀତୀଶ ବୁଧବାର ଏନ୍‌ସିପି ନେତା ଶରଦ ପାୱାରଙ୍କୁ ଭେଟିଥିବା ବେଳେ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ସିପିଏମ୍ ନେତା ସୀତାରାମ ୟେଚୁରୀ, ଇଣ୍ଡିଆନ୍ ନ୍ୟାଶନାଲ ଲୋକଦଳ ମୁଖ୍ୟ ଓମ୍ ପ୍ରକାଶ ଚୌତାଲା ଓ ସିପିଆଇ ନେତା ଡି. ରାଜାଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିସହ ସେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ଜନତା ଦଳ ସେକୁଲାର ମୁଖ୍ୟ ଏଚ୍.ଡି. କୁମାର ସ୍ୱାମୀଙ୍କୁ ମଧ୍ୟ ଭେଟିବେ ବୋଲି ଜେଡିୟୁ ପକ୍ଷରୁ କୁହାଯାଇଛି।

ଓଡ଼ିଶା ସରକାର
ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ
ଉପକୂଳ ନିୟନ୍ତ୍ରଣ ଜୋନ୍ (CRZ) ଅନୁମତି

No.M-40: ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ବାର୍ଷିକ ୭୨୬୬ ଟନ କ୍ଷମତା ବିଶିଷ୍ଟ ପ୍ରସ୍ତାବିତ କାଲୁପଡାଘାଟ ମତ୍ସ୍ୟ ଅବତରଣ କେନ୍ଦ୍ର ଖୋର୍ଦ୍ଧା ଜିଲ୍ଲା, ଓଡ଼ିଶା ପ୍ରତିଷ୍ଠା ନିମନ୍ତେ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଉପକୂଳ ନିୟନ୍ତ୍ରଣ ଜୋନ୍ (CRZ) ଅନୁମତି ପ୍ରଦାନ କରାଯାଇଅଛି ।
୨୦୨୨ ମସିହା ଜୁନ ମାସ ୦୪ ତାରିଖ, ଚିଠି ସଂଖ୍ୟା (OCZMA/35/2021/80/OCZMA) ଜରିଆରେ ମିଳିଥିବା ଉକ୍ତ (CRZ) ଅନୁମତିର ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିକଟରେ ଓ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ୱେବସାଇଟ (http://envfor.nic.in)ରେ ଉପଲବ୍ଧ ।
୨୦୧୯ ମସିହା ଉପକୂଳ ନିୟନ୍ତ୍ରଣ ଜୋନ୍ (CRZ)ର ବିଜ୍ଞପ୍ତି ଅନୁଯାୟୀ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଉପକୂଳ ନିୟନ୍ତ୍ରଣ ଜୋନ୍ (CRZ) ଅନୁମତି ପ୍ରଦାନ କରାଯାଇଅଛି ।

Sd./- Executive Engineer
Fishery Engineering Division
Bhubaneswar

OIPR-06018/11/0002/2223

1st Corrigendum to Bid Identification No. Superintending Engineer, (R&B) Division, Nayagarh 04/2022-23
E-mail pwdoffngd34@gmail.com

Tender Reference- Superintending Engineer, (R&B) Division, Nayagarh 4/2022-23

No.B-544: Due to unavoidable circumstances the Bid availability period and Date of Opening of the tender have been modified as follows:-

Sl. No.	Existing Bid Availability Period	Revised Bid Availability Period	Existing date of Bid opening	Revised date of Bid Opening
1	10.00 A.M. of 29.08.2022 5.00 P.M. of 09.09.2022	10.00 A.M. of 05.09.2022 5.00 P.M. of 15.09.2022	11.00 A.M. of 13.09.2022	11.00 A.M. of 16.09.2022

Other terms & conditions remain unchanged.

Sd./- Superintending Engineer
Nayagarh (R&B) Division, Nayagarh

OIPR-34138/11/0007/2223

ADVERTISEMENT
Scheduled Castes & Scheduled Tribes Research and Training Institute (SCSTRTI) CRPF Square, Nayapalli, Bhubaneswar-751003

No. 4099 Dt.05.09.2022

Engagement of Short Term Contractual Consultants & Accountant

No.V-58: The Scheduled Castes and Scheduled Tribes Research and Training Institute (SCSTRTI) intends to engage 01 (One) Consultant (Research), 01 (One) Consultant (Training), 01 (One) Consultant (IT) and 01 (One) Accountant to carry out the effective functioning of the SCSTRTI, ST & SC Development Department, Government of Odisha. The engagements are short term, i.e. for specific months as stated in the detailed advertisement. Detail ToR for the posts and the Application Form etc. can be seen in the Odisha Government portal www.stscodisha.gov.in and website of SCSTRTI www.scstrti.in.
Eligible Candidates must submit the duly filled in Application Form along with supporting documents to the Advisor-cum-Director & Special Secretary, SCSTRTI, CRPF Square, Bhubaneswar, PIN-751003 latest by 19.09.2022 5.30 PM through Registered Post / Speed Post only. Incomplete Applications, Applications without supporting documents, Applications submitted through modes other than Registered Post / Speed Post and Applications received after the prescribed date shall be rejected.

Sd./-Advisor-cum-Director & Spl. Secretary
OIPR-26026/11/0006/2223

See Career Appointment on every Wednesday & Saturday

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୦୪ ତା:୩୦।୦୮।୨୨

ବିଜ୍ଞାପନ

No. CAD-1721: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

କ୍ର.ନଂ.	ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
୧.	୴ସଦାନନ୍ଦ ମହାନ୍ତି ପି. ୴ବିପିନି ବିହାରୀ ମହାନ୍ତି ସା: କଟକ, ପୋ.: ଦୋଳମୁଣ୍ଡାଇ ଥା.: ମଙ୍ଗଳାବାଗ, ଜି.: କଟକ	ଏଚ୍.ଆଇ.ଜି. (ଡି) ସି-୧୨୦, ବରମୁଣ୍ଡା, ଭୁବନେଶ୍ୱର	୧. ଭାରତୀ ମହାନ୍ତି (ସ୍ତ୍ରୀ) ୨. ସବ୍ୟସାଚୀ ମହାନ୍ତି (ପୁତ୍ର)

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0280/2223

OFFICE OF THE MUNICIPAL COUNCIL, BELPAHAR
Ph.: 06645-250458, Fax: 06645-250236
E-mail: municipalitybelpahar@gmail.com

"e" PROCUREMENT NOTICE
BID REFERENCE NO. EO/BPHM/02/22-23
BID IDENTIFICATION NO. 2022_ORULB_81032
TENDER CALL NOTICE NO. 3007 DT.06.09.2022

No. C-1155

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

Name of the Work	:	Individual Civil Construction Works
No. of Works	:	57 Nos.
Bid Value	:	As per DTCN
Period of Completion	:	As per DTCN
Date & Time of availability of the bid documents in the portal	:	From Dt.08.09.2022 at 10.00 A.M. to Dt.19.09.2022 upto 5.00 P.M.
Submission of original Financial documents (Bid Cost & Bid Security Declaration) by Regd. Post/Speed Post	:	Dt.20.09.2022 to Dt.26.09.2022 during office hours on working days.
Bids received online shall be opened on	:	11.00 A.M. on Dt.27.09.2022
Name & address of the Officer Inviting Bid	:	Executive Officer, Belpahar Municipality

Further the details can be seen from the procurement portal: **www.tendersorissa.gov.in**. If any addendum/corrigendum/cancellation of tender shall be publish in the above website only.

Sd./- Executive Officer
Belpahar Municipality

OIPR-13050/11/0006/2223

NOTICE

No.C-1159: The following contractors, who were registered as "C" Class Contractor under S.E.P.H Circle, Bhubaneswar .(Now Addl. Chief Engineer P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

Sl. No.	Name and Address	Regn. No & Class	This Office order No. & Date
1	Sri Sangram Keshari Behera (S.C) S/o.Rabindra Nath Behera At-Juna, PO/PS-Marshaghai Dist-Kendrapara, Pin-754213	CDMS Regd. No.655EW736 'C' Class (Valid Upto 31.03.2022)	S.E.P.H. Circle, BBSR Dt.07.11.2019
2	Sri Gorachanda Dwari (S.C) S/o. Janardan Dwari At/Po- Jogiapalli, PS-Khandapada Dist-Nayagarh, Pin-752070	CDMS Regd. No.796QU448 'C' Class (Valid Upto 31.03.2023)	S.E.P.H. Circle,BBSR Dt.19.03.2020

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractors which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

Sd./- Additional Chief Engineer
P.H. Circle, Bhubaneswar

OIPR-13039/11/0003/2223

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
ବିଜ୍ଞାପନ

No. g-50: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନରେ ଥିବା ପାଞ୍ଚଜଣ ଶିଶୁ, ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କର ନିର୍ଦ୍ଦେଶନାମା ଅନୁସାରେ, ଭୁବନେଶ୍ୱର କୋଳଥିଆ, ଖଣ୍ଡଗିରିସ୍ଥିତ, "ସୁଭଦ୍ରା ମହତାବ ସେବା ସଦନ"ରେ ରହି ଆସୁଅଛନ୍ତି। ଯଦି ଏହି ଶିଶୁମାନଙ୍କର କେହି ପିତା, ମାତା, ଅଭିଭାବକ ବା ଦାବିଦାର ଥା'ନ୍ତି, ତେବେ ଏହି ବିଜ୍ଞପ୍ତିର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଫୋନ୍: 06755-296065 ଅଥବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ମୋ.: 9437359431ଙ୍କ ସହିତ ଯୋଗାଯୋଗ କରନ୍ତୁ। ଅନ୍ୟଥା ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ – 2015, ସେକ୍ସନ 38(1) ଅନୁଯାୟୀ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ପାଇଁ ବିବେଚିତ କରାଯିବ।

ଦେବ ମାଣ୍ଡୀ (ପୁରୁଷ), ବୟସ: ୫ ବର୍ଷ
ସି.ଡବ୍ଲ୍ୟୁ.ସି. କେସ୍ ସଂଖ୍ୟା: ୪୦୪/୨୦୨୨
ପିତା: ଦୁଲା ମାଣ୍ଡୀ, ମାତା: ମାଳତୀ ମାଣ୍ଡୀ, ସା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ
ତା୨୧।୦୭।୨୦୨୨ରିଖ ସମୟ ରାତ୍ର ୮ଘଟିକା ସମୟରେ ଏହି ଶିଶୁଟି ଏକୁଟିଆ ଅସହାୟ ଅବସ୍ଥାରେ ବୁଲୁଥିବା ସମୟରେ ପାହାଳ ପୁଲିସ ଦ୍ୱାରା ଏହି ଶିଶୁଟିକୁ ଉଦ୍ଧାର କରାଯାଇ ପରବର୍ତ୍ତୀ ସମୟ ଅର୍ଥାତ୍ ତା୨୨।୦୭।୨୦୨୨ରିଖ ଦିନ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ଏହି ଶିଶୁଟିକୁ ଯତ୍ନ ଓ ସୁରକ୍ଷା ନିମନ୍ତେ କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱରସ୍ଥିତ "ସୁଭଦ୍ରା ମହତାବ ସେବା ସଦନର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର"ରେ ଅବସ୍ଥାପିତ କରାଯାଇଅଛି।

ଦେବ ମାଣ୍ଡୀ

ଟୁକୁଲୁ ମାଣ୍ଡୀ (ପୁରୁଷ), ବୟସ: ୪ ବର୍ଷ
ସି.ଡବ୍ଲ୍ୟୁ.ସି. କେସ୍ ସଂଖ୍ୟା: ୪୦୫/୨୦୨୨
ପିତା: ଦୁଲା ମାଣ୍ଡୀ, ମାତା: ମାଳତୀ ମାଣ୍ଡୀ, ସା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ
ତା୨୧।୦୭।୨୦୨୨ରିଖ ସମୟ ରାତ୍ର ୮ଘଟିକା ସମୟରେ ଏହି ଶିଶୁଟି ଏକୁଟିଆ ଅସହାୟ ଅବସ୍ଥାରେ ବୁଲୁଥିବା ସମୟରେ ପାହାଳ ପୁଲିସ ଦ୍ୱାରା ଏହି ଶିଶୁଟିକୁ ଉଦ୍ଧାର କରାଯାଇ ପରବର୍ତ୍ତୀ ସମୟ ଅର୍ଥାତ୍ ତା୨୨।୦୭।୨୦୨୨ରିଖ ଦିନ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ଏହି ଶିଶୁଟିକୁ ଯତ୍ନ ଓ ସୁରକ୍ଷା ନିମନ୍ତେ କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱରସ୍ଥିତ "ସୁଭଦ୍ରା ମହତାବ ସେବା ସଦନର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର"ରେ ଅବସ୍ଥାପିତ କରାଯାଇଅଛି।

ଟୁକୁଲୁ ମାଣ୍ଡୀ

ଗଣେଶ ସିଂ (ପୁରୁଷ), ବୟସ: ୯ ବର୍ଷ
ସି.ଡବ୍ଲ୍ୟୁ.ସି. କେସ୍ ସଂଖ୍ୟା: ୪୧୭/୨୦୨୨
ପିତା: କଟି ସିଂ, ମାତା: ଲକ୍ଷ୍ମୀ ସିଂ, ସା: ବଇଦପୁର, ବାରିପଦା, ଜିଲ୍ଲା: ମୟୂରଭଞ୍ଜ
ତା୨୭।୦୭।୨୦୨୨ରିଖ ଦିନ ଚାଇଲ୍ଡଲାଇନ ଦ୍ୱାରା ଏହି ଶିଶୁଟିକୁ ପାହାଳ ଜଗନ୍ନାଥପୁରର ସେବା ହିଁ ସେବା ବୃଦ୍ଧାଶ୍ରମରୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ଏହି ଶିଶୁଟିକୁ ଯତ୍ନ ଓ ସୁରକ୍ଷା ନିମନ୍ତେ କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱରସ୍ଥିତ "ସୁ

ହ୍ରାସ ପାଉଛି ବଜାର କାରବାର

ନୂଆଦିଲ୍ଲୀ: ଗତ କିଛିଦିନ ହେଲା ଶେୟାର ବଜାରର କାରବାର ଅସ୍ଥିରତା (ଲାଭ -କ୍ଷତି) ମଧ୍ୟରେ ଶେଷ ହେଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ୍ୟ ଦ୍ୱନ୍ଦ୍ୱ ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ୩ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ମାନ୍ଦା ରହିବା ସାଙ୍ଗକୁ ନିବେଶକମାନେ ନିରାଶ ହୋଇଛନ୍ତି। ଏପରିକି ଉଭୟ୍ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ହ୍ରାସ ଘଟିଥିବା ଜଣାପଡିଛି। ବୁଧବାର ସେନ୍‌ସେକ୍ସ ୧୬୮ (୧୬୮.୦୮) ପଏଣ୍ଟ ଖସି ୫୯,୦୨୯ (୫୯,୦୨୮.୯୧) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୩୧ (୩୧.୨୦) ପଏଣ୍ଟ ହ୍ରାସ ଘଟି ୧୭,୬୨୪ (୧୭,୬୨୪.୪୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୭।୯

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆର୍ସେଲରମିତ୍ତଲ-ନିପନ ଷ୍ଟିଲ୍(ଏଏମ୍-ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ବୁଧବାର ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଓଡ଼ିଶା ଜଗରନଟ୍ସର ଖେଳାଳିମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏପରିକି ନିକଟରେ ପୁଣେଠାରେ ଶେଷ ହୋଇଥିବା ଭାରତର ପ୍ରଥମ ପେସାଦାର ଅଲ୍‌ଟିମେଟ୍ ଖୋ ଖୋ ଲିଗ୍-୨୦୨୨ର ଫାଇନାଲରେ ତେଲୁଗୁ ଯୋଦ୍ଧାସ୍‌କୁ ପରାସ୍ତକରି ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ଆଖ୍ୟା ସହ ଟ୍ରଫି ହାସଲ କରିଥିଲା। ଉକ୍ତ ସମାରୋହରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବସେବା ବିଭାଗର କମିଶନର ତଥା ସଚିବ ଆର୍. ଭିନିଲକ୍ରିଷ୍ଣା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଛନ୍ତି, ଓଡ଼ିଶା ଦଳ ଫାଇନାଲରେ ଐତିହାସିକ ବିଜୟ ହାସଲ କରିଥିବାରୁ ଆମେ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଏଚ୍‌ଆର୍ ଏବଂ ଆଡମିନିଷ୍ଟ୍ରେଶନର ଡେପୁଟି ଡାଇରେକ୍ଟର ସିଙ୍ଗୋ ନାକାମୁରା କହିଛନ୍ତି, ଚାମ୍ପିୟନଶିପ୍‌ରେ ଓଡ଼ିଶା ଜଗରନଟ୍ସର ଐତିହାସିକ ବିଜୟ ପାଇଁ ଦଳକୁ ମୋର ହାର୍ଦ୍ଦିକ ଅଭିନନ୍ଦନ। ଏଭଳି ଏକ ପଦକ୍ଷେପରେ ଓଡ଼ିଶା ସରକାରଙ୍କ ସହ ଆମର ସହଭାଗିତା ପାଇଁ କ୍ରୀଡ଼ା ବିଭାଗର ଉଦ୍ୟମକୁ ଆମେ ପ୍ରଶଂସା କରୁଛୁ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବରିଷ୍ଠ ନେତୃତ୍ୱ ଏବଂ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଆର୍.ଭିନିଲକ୍ରିଷ୍ଣା ଏବଂ ସିଙ୍ଗୋ ନାକାମୁରା ଓଡ଼ିଶା ଜଗରନଟ୍ସର ସଦସ୍ୟଙ୍କୁ ମେମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଥିଲେ।

ରେଳପଥର ଜମିକୁ ଦୀର୍ଘକାଳୀନ ଲିଜ୍

ନୂଆଦିଲ୍ଲୀ,୭।୯

ଭାରତୀୟ ରେଳର ଅନାବଶ୍ୟକ ଜମିର ଦୀର୍ଘକାଳୀନ ଲିଜ୍ ପାଇଁ ଆବଶ୍ୟକ ପ୍ରତିବନ୍ଧକର ସମାଧାନ ସାଙ୍ଗକୁ ଏକ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ଲକ୍ଷ୍ୟରେ ବୁଧବାର କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଫଳରେ ପିଏମ୍ ଗତି ଶକ୍ତି କାର୍ଯ୍ୟକ୍ରମର ଆବଶ୍ୟକ ପଦକ୍ଷେପ ପାଇଁ ଏହା ବେଶ୍ ସହାୟକ ହେବ। ଏପରିକି ପ୍ରାୟ ୩୦୦ କାର୍ଗୋ ଟର୍ମିନାଲ ସ୍ଥାପନ ସହ ୧.୨୫ ଲକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ସରକାର ମତବ୍ୟକ୍ତ କରିଛନ୍ତି। ସେହିଭଳି କ୍ୟାବିନେଟ ବୈଠକ ପରେ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି, ଏହି ନୂତନ ନୀତି ଆଗାମୀ ୩୫ବର୍ଷ ପର୍ଯ୍ୟନ୍ତ ଲିଜ୍ ପ୍ରଦାନ କରିବା ଲକ୍ଷ୍ୟରେ ଏହି ଯୋଜନା କରାଯାଇଛି। ଏହା ସହ ଉକ୍ତ ଜମି ଲିଜ୍ ଶୁଳ୍କକୁ ୬% ରୁ ୧.୫%କୁ ହ୍ରାସ କରାଯାଇଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

୨.୫ କୋଟିର ଋଣ ମଞ୍ଜୁର କଲା ୟୁବିଓଆଇ

ଭୁବନେଶ୍ୱର,୭।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ)ର ବାଲୁଗାଁ ଶାଖା ନବୀକରଣ ପରିସର ସହ ୟୁନିୟନ ଗୋଲ୍ଡ ଲୋନ୍ ପଏଣ୍ଟ ଏବଂ ଏଟିଏମ୍ ଲବି ଆଦିର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି) ଋଣ ଏବଂ କୃଷିଭିତ୍ତିକ ଋଣ ମେଳାର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ମେଳାରେ ସ୍ଥାନୀୟ ପଞ୍ଚାୟତର ବହୁ ହିତାଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ପାଖାପାଖି ୨.୫ କୋଟି ଟଙ୍କାର ଋଣ ଏଥିରେ ମଞ୍ଜୁର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଶୋଭନ ସେନ୍‌ଗୁପ୍ତା, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଉପ କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ପ୍ରଶାନ୍ତ କୁମାର ନାୟକ, ଶାଖା ପ୍ରବନ୍ଧକ ରଶ୍ମିରଞ୍ଜନ ସାମନ୍ତଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଶାଖାଗୁଡ଼ିକର ଶାଖା ପ୍ରବନ୍ଧକ ଓ ଶାଖାର ମୂଲ୍ୟବାନ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ।

ଓଡ଼ିଶା ବଜାରରେ କନ୍‌ଷ୍ଟ୍ରକ୍ସନ ଲିଡର 'ସାନି'

ଭୁବନେଶ୍ୱର,୭।୯

ଅନ୍ତଃରାଷ୍ଟ୍ରୀୟ ବଜାରରେ ବେଶ୍ ଜଣାଶୁଣା ତଥା କନ୍‌ଷ୍ଟ୍ରକ୍ସନ ଲିଡର ଭାବେ ପରିଚିତ ସାନି ବର୍ତ୍ତମାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏପରିକି ସାନି ହେଭି ଇଣ୍ଡଷ୍ଟ୍ରି ଲିମିଟେଡ୍ ପକ୍ଷରୁ ବୁଧବାର ସ୍ଥାନୀୟ ପଳାଶୁଣୀଠାରେ ତା'ର ଶାଖା କାର୍ଯ୍ୟାଳୟ ସହ ଡିଲର ପଏଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଡ. ଉପେନ୍ଦ୍ର ନାୟକ, ଶଶାଙ୍କ ପାଣ୍ଡେ, ଧୀରଜ ପଣ୍ଡା, ସୁଶୀଲ ପାତ୍ର, ସଞ୍ଜୀବ କୁମାର ନାୟକ ଏବଂ ରଘୁନାଥ ପ୍ରମୁଖ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ସାନି ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ଦୁର୍ଯ୍ୟନ ରାଉତରାୟ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶେଷକରି କୋଠାବାଡ଼ି ନିର୍ମାଣ ଓ କନ୍‌ଷ୍ଟ୍ରକ୍ସନ ବଜାରରେ ସାନିର ନାଁ ରହିଥିବା ବେଳେ ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ନାନାଦି ଯନ୍ତ୍ରପାତି ମଧ୍ୟ ସାନିର ଡିଲର ପଏଣ୍ଟଗୁଡ଼ିକରେ ଉପଲବ୍ଧ ରହିଛି। ଏହା ଏକ ଚାଇନା କମ୍ପାନୀ ହୋଇଥିବା ବେଳେ ଭାରତୀୟ ବଜାରରେ ଏହାର ବେଶ୍ ଚାହିଦା ଅଛି। ସେହିଭଳି ପୁଣେରେ କମ୍ପାନୀର ୮୦ ଏକର ବିଶିଷ୍ଟ ପରିମିତ ଜମିରେ ଏକ ବୃହତ୍ କାରଖାନା ରହିଛି, ଯେଉଁଠାରେ ନିର୍ମାଣ ସହ ମେଶିନ ମଧ୍ୟ ସପ୍ଲାଇ ହୁଏ। କଂକ୍ରିଟ ମେଶିନାରି ଯଥା ସିମେଣ୍ଟ ଫେଣ୍ଟା ମେଶିନ ଓ ଜେସିବି ଭଳି ମେଶିନ କିଣାବିକାରେ ଏହା ଭାରତ ଓ ଦକ୍ଷିଣ ଏସିଆରେ କାର୍ଯ୍ୟ କରୁଛି। ପଡ଼ୋଶୀ ଦେଶ ନେପାଳ, ଭୁଟାନ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ବି ସାନି ନିଜର ମେଶିନ ଯୋଗାଣ କରୁଛି। ଭୁବନେଶ୍ୱରରେ ଏହାର ପ୍ରଥମ ଡିଲର ପଏଣ୍ଟ ସହ ସେଲ୍‌ସ ଓ ସର୍ଭିସ ଯୋଗାଇଦେବାକୁକମ୍ପାନୀଲକ୍ଷ୍ୟରଖିଛି।

ଭୁବନେଶ୍ୱର ନେକ୍ସା ରାଜଭବନ ପକ୍ଷରୁ ମାରୁତି ସୁଜୁକିର ନ୍ୟୁ 'ଗ୍ରାଣ୍ଡ ଭିଟାରା'କୁ କମ୍ପାନୀର ଆର୍‌ଏମ୍ କାର୍ତ୍ତିକ ରାଜା ଏବଂ ନାରାୟଣୀ ମୋଟର୍ସର ସିଇଓ ପ୍ରଣୟ ବୁଦ୍ଧରାଜ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅନାବରଣ କରୁଛନ୍ତି।

ବିଓଆଇର ୧୧୭ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୭।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ୧୧୭ ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ-୬ ରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ମଳୟ ଦାସ ଏସ୍, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ନାରାୟଣ ମେହେର, ସୁରକ୍ଷା ବିଭାଗର ମୁଖ୍ୟ ପ୍ରବନ୍ଧକ ବେଦ ପ୍ରକାଶ ଓଝା ଓ ବରିଷ୍ଠ ହିନ୍ଦୀ ପ୍ରାଧ୍ୟାପକ ଶ୍ରଦ୍ଧା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରାୟ ୨୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ୩ଗୋଟି ବିଷୟ ରହିଥିଲା ଯଥା: ସ୍ୱଚ୍ଛ ଭାରତ ଅଭିଯାନ, ରାଜଭାଷା ହିନ୍ଦୀର ମହତ୍ତ୍ୱ ଓ ଆଜାଦୀ କା ଅମୃତ ମହୋତ୍ସବ। ପରିଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ସିଲ୍ ଏବଂ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ବ୍ୟାଙ୍କର ମାର୍କେଟିଂ ଅଧିକାରୀ ଜି. ଶିବାନୀ 'ସୁକନ୍ୟା ସମୃଦ୍ଧି 'ଯୋଜନା ସମ୍ପର୍କରେ ଏକ ସୁନ୍ଦର ପିପିଟି ପ୍ରସ୍ତୁତ ସହ ବର୍ଣ୍ଣନା କରିଥିଲେ। ସେହିପରି ରାଜଭାଷା ବିଭାଗର ବରିଷ୍ଠ ପ୍ରବନ୍ଧକ ସୋନିଆ ସାଓନ୍ତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଫୁଚର୍‌ସପ୍

ରଣବୀର କପୁର

ରିଲିଜ୍ ପୂର୍ବରୁ ଅଡୁଆରେ 'ବ୍ରହ୍ମାସ୍ତ୍ର'

ମୁମ୍ବାଇ: ବଲିଉଡ୍‌ର ଲୋକପ୍ରିୟ ଯୋଡି ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର' ଆସନ୍ତା ଶୁକ୍ରବାର ବଡ଼ପରଦାକୁ ଆସିବାକୁ ଯାଉଛି। ତେବେ ରିଲିଜ ପୂର୍ବରୁ ସିନେମାକୁ ତୀବ୍ର ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି। ଦୁହେଁ ଉଜ୍ଜୟିନୀରେ ବାବା ମହାକାଳେଶ୍ୱରଙ୍କ ଦର୍ଶନ ପାଇଁ ଯାଇଥିଲେ। ସେଠାରେ ତାଙ୍କୁ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମନ୍ଦିର ଭିତରକୁ ପ୍ରବେଶକୁ ବିରୋଧ କରାଯାଇଥିଲା। ରଣବୀର ଗୋମାଂସ ଭକ୍ଷଣ କରୁଥିବାବେଳେ ସେ କେମିତି ବାବାଙ୍କ ଦର୍ଶନ କରିବେ କହି ସେମାନେ ବିରୋଧ କରିଥିଲେ। ଏହାପରଠାରୁ ମୁଭିକୁ ବଏକଟ୍ କରାଯାଉ ବୋଲି କୁହାଯାଉଛି। ତେବେ ଏହି ମୁଭିରେ ଅୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କୁ ଏହି ସିନେମା ନିର୍ମାଣ ପାଇଁ ୪ ବର୍ଷ ସମୟ ଲାଗିଥିବା ସେ କହିଛନ୍ତି। ମୁଭିଟି ହିନ୍ଦୀ ସମେତ ତେଲୁଗୁ, ତାମିଲ, କନ୍ନଡ, ମାଲୟାଲମ୍ ଭାଷାରେ ମୁକ୍ତିଲାଭ କରିବ। ଏହାକୁ ନେଇ ଦର୍ଶକ ବେଶ୍ ଉତ୍ସାହର ସହ ପ୍ରତୀକ୍ଷା କରିଥିବାବେଳେ ବକ୍ସ ଅଫିସ୍‌ରେ ଆଗୁଆ ୧ ଲକ୍ଷ ଟିକେଟ୍ ବିକ୍ରି ସରିଥିବା ଜଣାପଡିଛି। କେରଳରେ 'ବ୍ରହ୍ମାସ୍ତ୍ର' ମାଲୟାଲମ ଭାଷାରେ ୧୦୨ ସିନେମା ହଲ୍‌ରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମରେ ଏହି ଯୋଡିଙ୍କ ବ୍ୟତୀତ ଅମିତାଭ ବଚ୍ଚନ, ମୌନି ରୟ, ଡିମ୍ପଲ କାପାଡିଆ, କରନ ଜୋହର, ଅପୂର୍ବା ମେହତା ପ୍ରମୁଖ ନଜରକୁ ଆସିବେ।

ମାରାଥନରେ ୮୪ ବର୍ଷୀୟା

ଲଣ୍ଡନ: କିଛି କରିବା ପାଇଁ ବୟସ କେବେ ବାଧକ ହୋଇ ନ ଥାଏ, ସେଥିପାଇଁ କେବଳ ଇଚ୍ଛାଶକ୍ତି ହିଁ ଆବଶ୍ୟକ ହୋଇଥାଏ। ଏପରି କିଛି କରୁଛନ୍ତି ବ୍ରିଟେନ୍‌ର ଜଣେ ୮୪ ବର୍ଷୀୟା ବୃଦ୍ଧା ବାରବରା ଥେକ୍ରେ। ବାରବରାଙ୍କ ଭଉଣୀ ଆଣ୍ଡ୍ରେଙ୍କ ମୃତ୍ୟୁ ପରେ ସେ ତାଙ୍କ ନାମରେ ଏକ ଟ୍ରଷ୍ଟ ଖୋଲିଛନ୍ତି। ଟ୍ରଷ୍ଟ ପାଇଁ ପଇସା ଯୋଗାଡ କରିବାକୁ ସେ ୭୭ ବର୍ଷ ବୟସରୁ ମାରାଥନ ଦୌଡିବା ଆରମ୍ଭ କରିଥିଲେ। ବାରବରା ପ୍ରତି ସପ୍ତାହରେ ଏହି ମାରାଥନ୍‌ରେ ଭାଗ ନେଉଛନ୍ତି। ତାଙ୍କ ସହ ତାଙ୍କ ପୁଅ ମଧ୍ୟ ଉପସ୍ଥିତ ରହୁଛନ୍ତି। ସେ ମାରାଥନ୍‌ରେ ପ୍ରାୟ ୧ କି.ମି. ରାସ୍ତା ଦୌଡୁଛନ୍ତି।

CLASSIFIED DISPLAY
MORE SPACE • SAME PRICE

	For Single Day		For 7 Days		For 15 Days		For 30 days	
6x4	12x4	6x4	12x4	6x4	12x4	6x4	12x4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଶିକ୍ଷା କରେ ସାମୂହିକ ବିକାଶ

ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ଶିକ୍ଷା ଦ୍ୱାରା ସାମୂହିକ ବିକାଶ ସମ୍ଭବ ହୋଇପାରିଥାଏ। ଶିକ୍ଷାଦ୍ୱାରା ଜଣେ ସାକ୍ଷର ହୋଇଥାଏ। ଜଣେ ସାକ୍ଷର ବିଭିନ୍ନ ସରକାରୀ ଯୋଜନାର ଲାଭ ସହଜରେ ଗ୍ରହଣ କରି ପାରିଥାଏ। ତେଣୁ ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଥାଏ। ଏହା ହେଉଛି ଏକ ଅନ୍ତର୍ଜାତୀୟ ଉତ୍ସବ। ପ୍ରତିବର୍ଷ ୮ ସେପ୍ଟେମ୍ବରରେ ପାଳନ କରାଯାଏ। ୨୬ ଅକ୍ଟୋବର ୧୯୬୬ରେ ୟୁନେସ୍କୋର ସାଧାରଣ ସମ୍ମିଳନୀର ୧୪ ତମ ଅଧିବେଶନରେ ଏହି ଦିବସ ପାଳନ ପାଇଁ ଘୋଷିତ ହୋଇଥିଲା। ୧୯୬୭ ମସିହାରେ ଏହା ପ୍ରଥମ ଥର ପାଇଁ ପାଳନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତି, ସମ୍ପ୍ରଦାୟ ଏବଂ ସମାଜ ପାଇଁ ସାକ୍ଷରତାର ମହତ୍ତ୍ୱକୁ ଉପଲବ୍ଧି କରିବା। ପୃଥିବୀରେ ପ୍ରାୟ ୭୭୫ ନିୟୁତ ଲୋକଙ୍କଠାରେ ସର୍ବନିମ୍ନ ସାକ୍ଷରତା ଦକ୍ଷତା ଅଭାବ ରହିଛି। ୫ଜଣ ବୟସ୍କଙ୍କ ମଧ୍ୟରୁ ଜଣେ ଏପର୍ଯ୍ୟନ୍ତ ସାକ୍ଷର ହୋଇ ନାହାନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ମହିଳା ଅଛନ୍ତି। ୟୁନେସ୍କୋର ଶିକ୍ଷା ପାଇଁ ବିଶ୍ୱସ୍ତରୀୟ ମନିଟରିଂ ରିପୋର୍ଟ ୨୦୦୬ ଅନୁଯାୟୀ, ଦକ୍ଷିଣ ଏସିଆରେ ସର୍ବନିମ୍ନ ଆଞ୍ଚଳିକ ବୟସ୍କ ସାକ୍ଷରତା ହାର ୫୮.୬ % ରହିଛି। ଏହା ପଛକୁ ସବ୍ ସାହାରା ଆଫ୍ରିକାର ସାହାରାରେ ଏହା ୫୯.୭ %ରହିଛି। ବିଶ୍ୱରେ ସର୍ବନିମ୍ନ ସାକ୍ଷରତା ହାର ଥିବା ଦେଶଗୁଡ଼ିକ ହେଉଛି ବୁର୍କିନା ଫାସୋ (୧୨.୮ %), ନାଇଜର (୧୪.୪ %) ଏବଂ ମାଲି (୧୯ %)। ଏହି ରିପୋର୍ଟରେ ନିରକ୍ଷରତା ଏବଂ ଭୟଙ୍କର ଦାରିଦ୍ର୍ୟ ମଧ୍ୟରେ ଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ଦିବସ ପାଳନ ଅବସରରେ ସାକ୍ଷରତା ଦ୍ୱାରା ସମାଜରେ କିଭଳି ପରିବର୍ତ୍ତନ ଅଣାଯାଇ ପାରିଥାଏ ସେ ସମ୍ପର୍କରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସ୍ମୃତିରଞ୍ଜନ ମିଶ୍ର (ପପୁ)
ତଡ଼ାସ ରାମହଂସପୁର, ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭ (ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫ (ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମା ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୪୪୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

✓ସ୍ୱର୍ଣ୍ଣଲତା ଜେନା
ଭମାମନଗର, ଜାରକା, ଯାଜପୁର
ଆବିର୍ଭାବ-୦୫।୦୪।୧୯୩୦
ତିରୋଧାନ- ୧୮।୦୯।୨୦୨୧
ହେ ପୁଣ୍ୟାତ୍ମା! ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ଦୁଃଖାଭିଭୂତ କରିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ରମାକାନ୍ତ ଜେନା, ଅନନ୍ତ କିଶୋର, ପବିତ୍ର ମୋହନ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ଅଣନାତୁଣୀ, ବନ୍ଧୁବାନ

ବେଆଇନ ଚାଲାଣ ବେଳେ କାଠ ଜବତ, ୫ ଗିରଫ

ମାଲକାନଗିରି,(ଡି.ଏନ୍.ଏ.): ମାଲକାନଗିରି ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ରାତିରେ ବିପୁଳ ପରିମାଣର କାଠ ଜବତ କରିଯିବ ସହ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବନ ବିଭାଗ ଟିମ୍ ପ୍ରଧାନୀଗୁଡ଼ା ଛକ ଠାରେ ରାତ୍ରୀ ପେଟ୍ରୋଲିଂ କରୁଥିବାବେଳେ ଏକ କାର୍ ଦ୍ରୁତଗତିରେ ଆସୁଥିବା ଦେଖି ଅଟକାଇଥିଲା। ଗାଡ଼ି ନ ଅଟକି ଚାଲିଯାଇଥିଲା। ପରେ ବିଭାଗର ଅନ୍ୟ ଏକ ଟିମ୍ ମାଉଲିମା ମନ୍ଦିର ନିକଟରେ ଗାଡ଼ିକୁ ଅଟକାଇଥିଲା। ଯାଞ୍ଚବେଳେ ଗାଡ଼ିରେ ଏକ ଅର୍ଦ୍ଧନିର୍ମିତ ଖଟ, ୫ ସାଗୁଆନ ପଟା ରହିଥିଲା। କାଠ ବୋଝେଇ ଗାଡ଼ି ଜବତ କରିବା ସହ ଗାଡ଼ି ମାଲିକଙ୍କ ଏବଂ ୪ ସହଯୋଗୀଙ୍କୁ ଗିରଫ କରାଯାଇଛି। ଜବତ କାଠ ବେଆଇନ ଭାବେ ବଡ଼ବୁରୁଡି(ଛତିଶଗଡ଼)ରୁ ମାଲକାନଗିରି ସହରର ଜଣେ ବ୍ୟକ୍ତିଙ୍କ ନିକଟକୁ ଆସୁଥିଲା।

ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ କଲେ ପରୀକ୍ଷାର୍ଥୀ

ଖଣ୍ଡନ କଲେ ବିଭାଗୀୟ ଅଧିକାରୀ

କୋରାପୁଟ,୭।୯(ସ୍ୱ.ପ୍ର.)

ଡିଡବ୍ଲ୍ୟୁଓଙ୍କ ସହ ଅସନ୍ତୁଷ୍ଟ ପରୀକ୍ଷାର୍ଥୀ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲାରେ ମଙ୍ଗଳ ବିଭାଗର ଶିକ୍ଷକ ନିଯୁକ୍ତିରେ ଅନିୟମିତତା ନେଇ ବୁଧବାର ଅଭିଯୋଗ କରିଛନ୍ତି କେତେଜଣ ପରୀକ୍ଷାର୍ଥୀ। କିନ୍ତୁ ଏହି କଥାକୁ ଖଣ୍ଡନ କରିଛନ୍ତି ଜିଲା ମଙ୍ଗଳ ଅଧିକାରୀ ସୁରେଶ କୁମାର ତାଣ୍ଡି। ନିଯୁକ୍ତି ପାଇଥିବା ମୋଟ ୨୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ଜଣ କୋରାପୁଟ ଜିଲାର ନିଯୁକ୍ତି ପାଇଥିବା ଜଣାଯାଇଛି। କୋରାପୁଟ ଜିଲାର ପରୀକ୍ଷାର୍ଥୀ ଆଦିତ୍ୟ ମିଶ୍ର ଓ ଅନ୍ୟମାନେ ବୁଧବାର କୋରାପୁଟ ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟକୁ ଆସି ନିଯୁକ୍ତ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। କୋରାପୁଟ ଜିଲାର ପରୀକ୍ଷାର୍ଥୀଙ୍କୁ ପ୍ରାଧାନ୍ୟ ଦେବା ପାଇଁ ନିୟମ ରହିଥିଲେ ସୁଧା କାହିଁକି ତାଙ୍କୁ ନିଯୁକ୍ତି ମିଳିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅନିୟମିତତା ନେଇ ବୁଧବାର ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ଓ ନିଯୁକ୍ତିରୁ ବଞ୍ଚିତ ହୋଇଥିବା କେତେଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଯୁକ୍ତିତର୍କ କ୍ଷେତ୍ରରେ ହୋଇଥିବା ଦେଖାଯାଇଥିଲା। ନିୟମାନୁଯାୟୀ ନିଯୁକ୍ତି ପକ୍ରୀୟା କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ତାଣ୍ଡି କହିଛନ୍ତି। ଲିଖିତ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ହିଁ ଚୟନ କରାଯାଇଛି ବୋଲି ସେ ସୁଚନା ଦେଇଛନ୍ତି। ଯେଉଁଠି ମାର୍କ ସମାନ ରହିବ ସେହି କୋରାପୁଟ ଜିଲାର ପରୀକ୍ଷାର୍ଥୀଙ୍କୁ ପ୍ରାଧାନ୍ୟ ଦେବାକୁ ନିୟମ କରାଯାଇଛି। କିନ୍ତୁ ମାର୍କ ସମାନ ନଥିବା କାରଣରୁ ଅଧିକା ମାର୍କ ରଖିଥିବା ପରୀକ୍ଷାର୍ଥୀଙ୍କୁ ଚୟନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। କୋରାପୁଟ ଜିଲା ୧୯ ଜଣ ପରୀକ୍ଷାର୍ଥୀଙ୍କୁ ଯୋଗ୍ୟତା ଭିତିରେ ନିଯୁକ୍ତି ମିଳିଥିବା ସେ ସୁଚନା ଦେଇଛନ୍ତି।

କେନାଲରୁ ମିଳିଲା ନବମ ଶ୍ରେଣୀ ପାଠ୍ୟ ପୁସ୍ତକ

ଚନ୍ଦାହାଣ୍ଡି, ୭।୯(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କେନାଲରେ ହାଇସ୍କୁଲର ନବମ ଶ୍ରେଣୀ ୧୫ ବଣ୍ଡଲ ପିଲାଙ୍କ ପଢା ବହି ଚନ୍ଦାହାଣ୍ଡି ଷ୍ଟେଟ ବ୍ୟାଙ୍କ ସମ୍ମୁଖ ସାଲେବିଡି–ମୋହରା କେନାଲରୁ ମିଳିଛି। କେନାଲ ସଫା କରିବା ସମୟରେ ଏହା ମିଳିବାଠାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ବହି କେଉଁ ହାଇସ୍କୁଲର ଏହା କୁ କିଏ ଫିଙ୍ଗିଛି ଏହାକୁ ନେଇ ଏଠାରେ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଚନ୍ଦାହାଣ୍ଡି ଷ୍ଟେଟ ବ୍ୟାଙ୍କ ସମ୍ମୁଖ ସାଲେବିଡି ଏବଂ ମୋହରା କେନାଲରେ ବୁଧବାର ଦିନ ଜେସିବି ସାହାଯ୍ୟରେ କେନାଲ ସଫା କରାଯିବା ସମୟ ରେ ୧୫ ବଣ୍ଡଲ ବହି କେନାଲ ଭିତରୁ ବାହାରିଥିଲା। ଏହା ଦେଖି କେତେଜଣ ଚାଷୀ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଏ ନେଇ ଚନ୍ଦାହାଣ୍ଡି ଏବିଇଓ ବିଜୟାନନ୍ଦ ସୋରିଙ୍କୁ ପଚାରବାରୁ ଆମ ଅଫିସରୁ ପ୍ରାଇମେରୀ ସ୍କୁଲ ବହି ଯାଏ। ଡିଇଓ ଅଫିସରୁ ହାଇସ୍କୁଲ ବହି ଆସେ। ଏବାବଦରେ ଜିଲା ଶିକ୍ଷା ଅଧିକାରୀ ବୁଝିବେ ବୋଲି ସେ କହିଛନ୍ତି। ଡିଇଓଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ ବନ୍ଦ ଥିବାରୁ ପ୍ରତିକ୍ରିୟା ମିଳି ପାରି ନ ଥିଲା। ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

‘ବାଲ୍ୟ ବିବାହକୁ ନାଁ, ସ୍କୁଲ ଯିବାକୁ ହଁ’

ବନିପଦର ଗ୍ରାମରେ ସଚେତନ ରଥକୁ ସ୍ୱାଗତ କରାଯାଉଛି।

ଉମରକୋଟ, ୭।୯(ସ୍ୱ.ପ୍ର.): ବାଲ୍ୟ ବିବାହ ରୋକିବା ପାଇଁ ଉମରକୋଟ ବ୍ଲକର ବିଭିନ୍ନ ଗ୍ରାମକୁ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ସଚେତନ ରଥ ପରିକ୍ରମା କରିଛି। ଲୋକଙ୍କ ମନରେ ଥିବା ଅନ୍ଧ ବିଶ୍ୱାସକୁ ଦୂର କରି କମ ବୟସର ଝିଅ ଓ ପୁଅ ଙ୍କୁ ବିବାହ ବନ୍ଧନରେ ନ ବାନ୍ଧି ବିଦ୍ୟାଳୟକୁ ପଠାଇବା, ଛୋଟ ବୟସରୁ ପିଲାଙ୍କୁ ଶ୍ରମିକ ଭାବେ କାମ ନ କରାଇବା, ଶିଶୁ ଚାଲାଣ, ଲିଙ୍ଗ ଭିତିକ ହିଂସା ଉପରେ ଲୋକଙ୍କୁ ସଚେତନ କରାଯାଇଛି। ‘ବାଲ୍ୟ ବିବାହକୁ ନା, ସ୍କୁଲ ଯିବାକୁ ହଁ’ ଉପରେ ଉପରେ ଗୁରୁତ୍ୱ ଦିଆଯାଇ ସଚେତନ କରାଯାଇଛି। ବାଲ୍ୟ ବିବାହ ସଚେତନ ରଥ ଉମରକୋଟ ବ୍ଲକର ବଡଭରଣ୍ଡି, ସାନଭରଣ୍ଡୀ, ଉମରକୋଟ, ଚିକଲପଦର, ଦରଗାଗୁଡା, ବେହେଡା, ରତନଗୁଡା, ବନିପଦର ଗ୍ରାମରେ ସଚେତନ କରାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ପରିଦର୍ଶିକା ଏବଂ ଗ୍ରାମର ଅନେକ ଭଦ୍ରବ୍ୟକ୍ତି ଉପସ୍ଥିତ ରହି ବାଜା ବଜାଇ ନାଚ ଗୀତ ଗାଇ ରଥକୁ ସ୍ୱାଗତ କରିଥିଲେ।

ଭାରତ ଯୋଡ଼ ପଦଯାତ୍ରାର ସଫଳତା କାମନା କଲା କଂଗ୍ରେସ

ନବରଙ୍ଗପୁର,୭।୯(ବି.ପ୍ର.): ଖିଲ ଭାରତୀୟ ଜାତୀୟ କଂଗ୍ରେସ ଦଳର ପୂର୍ବତନ ସଭାପତି ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ବୁଧବାର ଭାରତ ଯୋଡ଼ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ନବରଙ୍ଗପୁର ଜିଲା କଂଗ୍ରେସ ଭବନରେ ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଦୀପ, ଧୂପ ଓ ପୁଷ୍ପ ମାଲ୍ୟ ଦେଇ ରାମଧୂନ୍ ଗାନ କରାଯାଇ ଏହି ପଦଯାତ୍ରାର ସଫଳତା କାମନା କରାଯାଇଛି। କାଶ୍ମୀର ଠାରୁ କନ୍ୟା କୁମାରୀ ପର୍ଯ୍ୟନ୍ତ ୧୨ ଗୋଟି ରାଜ୍ୟଦେଇ ଦୀର୍ଘ ୩୫୭୦ କି.ମିରୁ ଉର୍ଦ୍ଧ ପଥ,୫ମାସ ସମୟରେ ଅତିକ୍ରମ କରିବ। ପଦଯାତ୍ରା ମାଧ୍ୟମରେ ଲୋକଙ୍କ ପାଖକୁ ପହଞ୍ଚିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏବେ ଦେଶରେ ସାମ୍ପ୍ରଦାୟିକତା ବଢ଼ିଚାଲିଛି। ଦରଦାମ ବୃଦ୍ଧି, ବେକାରୀ ସମସ୍ୟା,ଶିକ୍ଷା,ସ୍ୱାସ୍ଥ୍ୟ ସେବା ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ସାଧାରଣ ଜନତା ବଞ୍ଚିତ। ଦେଶକୁ ଆଗେଇ ନେବା ନା ରେ ଦେଶର ଉତ୍ପାଦନ କ୍ଷମତା ସମ୍ପନ୍ନ କମ୍ପାନୀଗୁଡିକୁ ଘରୋଇ ସଂସ୍ଥାକୁ ବିକ୍ରି ଭଳି ଅନେକ ସମସ୍ୟାକୁ ବିରୋଧ କରି ଏ ପଦଯାତ୍ରା ଭାରତ ଯୋଡ ବୋଲି ଉପସ୍ଥିତ କଂଗ୍ରେସ ନେତା କହିଛନ୍ତି। ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ପିସିସି ଉପ ସଭାପତି ସଦନ ନାୟକ, ପିସିସି ସଭ୍ୟ ଦିଲ୍ଲୀପ କୁମାର ବେହେରା, ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ମଣ୍ଡଳ କଂଗ୍ରେସ ସଭାପତି ନବ କିଶୋର ମନ୍ଦାର, ଦେବକାନ୍ତ ପଣ୍ଡା, ସୁମନ ପାତ୍ର ସୁନା, ନନ୍ଦା ହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ଦିଲ୍ଲୀପ ପ୍ରଧାନ, ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ବରିଷ୍ଠ ନେତା ସତ୍ୟ ନାରାୟଣ ତ୍ରୀପାଠୀ,ସୋସିଆଲ ମିଡ଼ିଆ ମୁଖ୍ୟ ସୁରଜ୍ ଲାଲ, ବାସୁଦେବ ପଟ୍ଟନାୟକ, ବଳରାମ ସ୍ୱାଇଁ ପ୍ରମୁଖଙ୍କ ସହ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ମାଁ ମାଣିକେଶ୍ୱରୀଙ୍କ ବାଲିଯାତ୍ରା ଆରମ୍ଭ

ନୂଆଁଖାଇ ପାଳିତ

ଚନ୍ଦ୍ରପୁର,୭।୯(ଡି.ଏନ୍.ଏ.): ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ଠାରେ ବୁଧବାରଠାରୁ ମାଁ ମାଣିକେଶ୍ୱରୀଙ୍କ ବହୁ ପୁରାତନ ବାଲିଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟ ପୂଜକ ଗଙ୍ଗାଧର ପାତ୍ର, ଆନନ୍ଦ ପାତ୍ର, ସେବକ ବିନୋଦ ଦଣ୍ଡସେନା, ଗ୍ରାମ ମୁଖ୍ୟ କବିରାଜ ପାତ୍ର, ଦୟାନିଧି ପାତ୍ର ପ୍ରମୁଖ ପୂଜା କମିଟି ସଭ୍ୟ ଏବଂ ଗ୍ରାମବାସୀ ମିଶି ସ୍ଥାନୀୟ ବଂଶଧାରା ନଦୀକୁ ଯାଇ ପୂଜାର୍ଚ୍ଚନା କରିବା ସହ ନଦୀ ପାର୍ଶ୍ୱରୁ ବାଲି ଆଣିଥିଲେ। ନଦୀ ପାର୍ଶ୍ୱରେ ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଇ ମାଁ ମାଣିକେଶ୍ୱରୀଙ୍କୁ ଆବାହନ କରାଯାଇଥିଲା। ମୁଖ୍ୟ ପୂଜକଙ୍କୁ ମାଁ ପ୍ରସନ୍ନ ହେବାପରେ ସେଠାରୁ ପାରମ୍ପରିକ ବାଦ୍ୟ ବାଜଣା, ହୁଳହୁଳି ଏବଂ ନୃତ୍ୟର ତାଳେ ତାଳେ ପୂଜକ ଗ୍ରାମର ବାଲିଘର ସମ୍ମୁଖକୁ ଯାଇ ଦୀର୍ଘ ସମୟ ଧରି ବିଭିନ୍ନ ଦେବୀ ଦେବତାଙ୍କୁ ଆବାହନ କରି ନୃତ୍ୟ କରିଥିଲେ।

ଯାତ୍ରାର ପ୍ରଥମ ଦିନ ମାଁଙ୍କ ବାଲି ଆଣିବା ସହ ଗ୍ରାମର ସମସ୍ତ ସାହି ପଡ଼ୋଶୀ ପରିବାର ମାଣିକେଶ୍ୱରୀଙ୍କୁ ସମ୍ମାନ ଜଣାଇ ପୂଜାପାଠ କରିବା ସହ ନୂଆଁଖାଇ ପାଳିଥିଲେ। ଯାତ୍ରା ସେପ୍ଟେମ୍ବର ୭ ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶେଷଦିନ ମାଁ ମାଣିକେଶ୍ୱରୀ ନିଆଁରେ ଚାଲିବେ ଏବଂ କଣ୍ଟାରେ ଝୁଲିବେ।

ପ୍ରଧାନ ଶିକ୍ଷକ ନ ବଦଳିଲେ ସ୍କୁଲ ବନ୍ଦ

କୋରୁକୋଣ୍ଡା,୭।୯(ଡି.ଏନ୍.ଏ.): ପିଲାଙ୍କୁ ସ୍କୁଲ ମୁହାଁ କରାଇବାକୁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ହେଲେ ବିଭିନ୍ନ କାରଣରୁ ଆଦିବାସୀ ଅଞ୍ଚଳରେ ପିଲାମାନେ ସ୍କୁଲ ଯିବାକୁ ଅମଙ୍ଗ ହେଉଛନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ କାଳିଆମୁଣ୍ଡା ସରକାରୀ ୟୁ.ପି. ସ୍କୁଲରୁ ଏଭଳି ଖବର ଆସିଛି। ସ୍କୁଲରେ ମୋଟ ୮ ଶ୍ରେଣୀରେ ୭୭ ଛାତ୍ରୀଛାତ୍ର ଅଛନ୍ତି। ହେଲେ ପିଲାଙ୍କ ପାଇଁ ମାତ୍ର ୪ ଶ୍ରେଣୀଗୃହ ଥିବାବେଳେ ୮ଟି ଶ୍ରେଣୀର ପିଲାଙ୍କ ପାଇଁ କେବଳ ୨ ଜଣ ଶିକ୍ଷକ ରହିଛନ୍ତି। ଗ୍ରାମବାସୀଙ୍କ କହିବା ହେଲା, ପୂର୍ବରୁ ସମସ୍ତ ଛାତ୍ରୀଛାତ୍ର ସ୍କୁଲକୁ ଆସୁଥିଲେ। ନୂତନ ପ୍ରଧାନ ଶିକ୍ଷକ ଆସିବା ଦିନଠାରୁ ପିଲାମାନେ ସ୍କୁଲ ଆସିବାକୁ ଚାହୁଁ ନ ଥିବା ସେମାନେ କହିଛନ୍ତି। ପ୍ରଧାନ ଶିକ୍ଷକଙ୍କ ପାଠପଢ଼ାରେ ଅବହେଳା ଏବଂ ପେଟପୁରା ମଧ୍ୟାହ୍ନଭୋଜନ ଦିଆ ନ ଯିବା, ପିଲାଙ୍କୁ ଗାଳିଗୁଲଜ କରୁଥିବାରୁ ପିଲାମାନେ ସ୍କୁଲ ଯାଉ ନ ଥିବା ସେମାନେ କହିଛନ୍ତି।

ଏପ୍ରିଲରେ ଏ ନେଇ ବୈଠକ କରାଯିବା ସହ ଲିଖିତ ଅଭିଯୋଗ କୋରୁକୋଣ୍ଡା ବିଇଓଙ୍କ ନିକଟରେ କରିଥିଲେ। ନୂତନ ପ୍ରଧାନ ଶିକ୍ଷକଙ୍କୁ ବଦଳି କରି ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅନୁରୋଧ କରିଥିଲେ। ଏ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ନ ଥିବାରୁ ବୁଧବାର ଜିଲା ପରିଷଦ ଜୋନ–୨ ସଦସ୍ୟ ମଙ୍କୁ ଖିଲଙ୍କ ଉପସ୍ଥିତିରେ ଏକ ବୈଠକ କରି ଏବିଇଓ ମଡା ମାଦଡକାମୀ, ସିଆର୍‌ସିସି ନାରଦ ଚନ୍ଦ୍ର ତାଲୁକାଦାରଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଶୀଘ୍ର ପଦକ୍ଷେପ ନ ନେଲେ ସ୍କୁଲରେ ତାଲା ପକାଇବାକୁ ଗ୍ରାମବାସୀ ଚେତାବନି ଦେଇଛନ୍ତି। ମାସେ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ଏବିଇଓ କହିଛନ୍ତି। ବୈଠକରେ ତାର୍ଲାକୋଟା ନଏବ ସରପଞ୍ଚ ପଦ୍ମନାଭ ମାଡକାମୀ, ସ୍କୁଲ କମିଟି ସଭାପତି ଭକ୍ତ ମାଢି, ସୁକୁର ପାଙ୍ଗି, ସାବିତ୍ରୀ, ଚଚମା ପାଙ୍ଗିଙ୍କ ସମେତ ଗ୍ରାମର ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ।



ଶୁଭେଚ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଗୁରୁବାର, ସେପ୍ଟେମ୍ବର ୮/୨୦୨୨ Rayagada, Thursday, September 8/ 2022

ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପ୍ରାକ୍ଟିସ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, ୭।୯ (କ୍ରୀଡ଼ା ପ୍ରତିନିଧି)

ଆଗାମୀ ୨୦୨୩ ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଓ ହକି ଇଣ୍ଡିଆର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବୁଧବାର ରାଉରକେଲାରେ ନିର୍ମାଣାଧିନଥିବା ବିର୍ସା ମୁଣ୍ଡା ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଏଫ୍‌ଆଇଏଚ୍‌ର କାର୍ଯ୍ୟକାରୀ ସଭାପତି ସୈଫ୍ ଅହମଦ, ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ଓ୍ଲେଲ, ହକି ଇଣ୍ଡିଆ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ) ପ୍ରତିନିଧି ଏସ.ୱାଇ କୁରେଶି ଓ ଜାଫର ଇକବାଲ ସାମିଲ ଥିଲେ। ଆଗାମୀ ହକି ବିଶ୍ୱକପ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ହେବ। ହକିର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ସମର୍ଥନ ଏବଂ ବିର୍ସାମୁଣ୍ଡା ଷ୍ଟାଡିୟମ ନିର୍ମାଣ ଅଗ୍ରଗତିରେ ଉକ୍ତ ପ୍ରତିନିଧି ଦଳ ସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ସହ ଇଡ୍‌କୋ ଚେୟାରମ୍ୟାନ ହେମନ୍ତ ଶର୍ମା, ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା, ଇଡ୍‌କୋ ଏମ୍‌ଡି ଭୂପିନ୍ଦର ପୁନିଆ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଦର୍ଶନ ଅବସରରେ ପ୍ରତିନିଧି ଦଳ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିସରରେ ଥିବା ପ୍ରାକ୍ଟିସ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଷ୍ଟାଡିୟମର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହେବ ବୋଲି ପ୍ରକାଶ କରାଯାଇଛି।

ରାଉରକେଲାରେ ଏଫ୍‌ଆଇଏଚ୍ ଓ ହକି ଇଣ୍ଡିଆ ପ୍ରତିନିଧି ଦଳ

"ଭବ୍ୟ ସ୍ୱାଗତ ପାଇଁ ଓଡ଼ିଶା ସରକାଙ୍କୁ ଧନ୍ୟବାଦ। କାର୍ଯ୍ୟ ଯେପରି ଆଗେଇ ଚାଲିଛି ରାଉରକେଲାରେ ଓ ଭୁବନେଶ୍ୱରରେ ଆଗାମୀ ବିଶ୍ୱକପ ସ୍ମରଣୀୟ ହେବ। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ ପାଇଁ ଓଡ଼ିଶାର ଆଗ୍ରହ ଆମ ଆତ୍ମବିଶ୍ୱାସ ବଢ଼ାଇଛି" ବୋଲି ସୈଫ ଅହମଦ ପ୍ରକାଶ କରିଛନ୍ତି। ସିଓଏ ପ୍ରତିନିଧି ଏସ.ୱାଇ. କୁରେଶି କହିଲେ ଯେ, ଆମେ ରାଉରକେଲା ଆସି ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଦେଖି ବହୁତ ଖୁସି। ଏହାକୁ ବଢ଼ିଆଭାବେ ନିର୍ମାଣ କରାଯାଉଛି ଏବଂ ଆମର ସହ ଆୟୋଜକ ଏଫ୍‌ଆଇଏଚ୍ ସନ୍ତୁଷ୍ଟ ଅଛି। ଓଡ଼ିଶାରେ ଯେ କୌଣସି ଇଭେଣ୍ଟ ଅତି ସଫଳତାର ସହ ଆୟୋଜନ ହୋଇଥାଏ। ରାଜନୈତିକ ନେତୃବୃନ୍ଦଙ୍କ ସମ୍ପୃକ୍ତି ଥିବାରୁ ଇତିହାସ ସୃଷ୍ଟି ହେବାକୁ ଯାଉଛି। ସେହିପରି ଜାଫର ଇକବାଲଙ୍କ ମତରେ ଭାରତ ୪ର୍ଥ ଥରପାଇଁ ହକି ବିଶ୍ୱକପ ଆୟୋଜନ କରିବାକୁ ଯାଉଛି। ଅନ୍ୟ କୌଣସି ଦେଶ ଏତେଥର ଆୟୋଜନ କରିପାରି ନାହାନ୍ତି। ଏହା ବିରଳ। ଏଫ୍‌ଆଇଏଚ୍ ଓଡ଼ିଶାକୁ ସୁଯୋଗ ଦେଇଛି ଏବଂ ଆମେ ଏଥିରେ ଅତ୍ୟନ୍ତ ଆନନ୍ଦିତ। ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ସରକାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ହକିପ୍ରତି ସମର୍ଥନ ଅବ୍ୟାହତ ରଖିଥିବାରୁ ଥିଏରୀ ଓ୍ଲେଲ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ଭାରତର ସର୍ବବୃହତ ଏବଂ ବିଶ୍ୱର ଅନ୍ୟତମ ବୃହତ୍ ହକି ଷ୍ଟାଡିୟମ। ଏଠାରେ ପ୍ରତିଯୋଗିତା ଆୟୋଜନକୁ ଆମେ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ। ଆସନ୍ତା ଜାନୁୟାରୀରେ ପ୍ରଶଂସକ ଏବଂ ଗଣମାଧ୍ୟମ ଗୁଡ଼ିକ ରାଉରକେଲା ଆସି ପ୍ରତିଯୋଗିତାକୁ ସାଫଲ୍ୟମଣ୍ଡିତ କରିବେ ବୋଲି ଆମେ ଆଶା ରଖିଛୁ। କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଷ୍ଟାଡିୟମ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ।

ଏଫ୍‌ଆଇଏଚ୍, ହକି ଇଣ୍ଡିଆ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତାମାନେ ବୁଧବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।

ଓମାନରେ ଫସିଥିବା ମହିଳାଙ୍କୁ ଉଦ୍ଧାର କଲେ ହରଭଜନ

ନୂଆଦିଲ୍ଲୀ,୭।୯(ପି.ଟି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ସ୍ପିନର ହରଭଜନ ସିଂ ଓମାନରେ ଫସି ରହିଥିବା ଜଣେ ୨୧ ବର୍ଷୀୟ ମହିଳାଙ୍କୁ ଉଦ୍ଧାର କରିଛନ୍ତି। ରାଜ୍ୟସଭା ସାଂସଦ ଥିବା ହରଭଜନ ବିଦେଶ ମାଟିରେ ଫସି ରହିଥିବା ଭଟିଣ୍ଡାର ଝିଅକୁ ଫେରାଇ ଆଣିବାରେ ବଡ ଭୂମିକା ନିଭାଇଛନ୍ତି। କମଲଜିତ କୌର ନାମକ ମହିଳା ଜଣଙ୍କ ଚାକିରି ପାଇଁ ସ୍ଥାନୀୟ ଏଜେଣ୍ଟ ଜରିଆରେ ଓମାନ ଯାଇଥିବା ବେଳେ ସେଠାରେ ତାଙ୍କୁ ନିର୍ଯାତନା ଦିଆଯାଉଥିଲା। ଯୁବତୀଙ୍କ ପାସପୋର୍ଟ ଓ ସିମ୍ କାର୍ଡକୁ ଜବରଦସ୍ତି ଛଡାଇ ନିଆଯାଇଥିଲା। ଏହି ଘଟଣା ନଜରକୁ ଆସିବା ପରେ ହରଭଜନ ଓମାନ ସ୍ଥିତ ରାଷ୍ଟ୍ରଦୂତ ଅମିତ ନାରଙ୍ଗ ଓ ଭାରତୀୟ ଦୂତାବାସ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ଏହି ଘଟଣାରେ ରାଷ୍ଟ୍ରଦୂତ ଓ ଭାରତୀୟ ଦୂତାବାସ ପକ୍ଷରୁ ଅକୁଣ୍ଠ ଚିତ୍ତରେ ସାହାଯ୍ୟ ପ୍ରଦାନ କରାଯାଇଥିବାରୁ ହରଭଜନ ଧନ୍ୟବାଦ ମଧ୍ୟ ଜଣାଇଥିଲେ। ଭଟିଣ୍ଡାରେ ଥିବା କମଲଜିତ କହିଛନ୍ତି, ପିତା ଜଣେ ଦିନ ମଜୁରିଆ ଥିବାରୁ ପରିବାରକୁ ସାହାଯ୍ୟ କରିବା ପାଇଁ ମୁଁ ଜଗସିର ସିଯ ନାମକ ଜଣେ ଏଜେଣ୍ଟ ଜରିଆରେ ଓମାନ ଯାଇଥିଲି। ସେଠାରେ ଏକ ପଞ୍ଜାବୀ ପରିବାରରେ ରୋଷେୟା ଭାବେ କାମ କରିବା ନେଇ କୁହାଯାଇଥିଲା।

କିର୍ଗିଓସଙ୍କୁ ହରାଇଲେ ଖାଚାନୋଭ୍

ନ୍ୟୁୟର୍କ, ୭।୯(ପି.ଟି.)

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଜଣକ ପରେ ଜଣେ ଟପ୍ ସିଡ୍ ଖେଳାଳି ଟୁର୍ନାମେଣ୍ଟରୁ ବିଦାୟ ନେବାରେ ଲାଗିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ପରାଜିତ ହୋଇଛନ୍ତି ଅଷ୍ଟ୍ରେଲିଆର ନିକ୍ କିର୍ଗିଓସ୍। ୫ ସେଟ୍ ବିଶିଷ୍ଟ କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାକୁ ଜିତି ନେବା ସହ ସେମିରେ ପ୍ରବେଶ କରିଛନ୍ତି କାରେନ୍ ଖାଚାନୋଭ୍। ଡିଫେଣ୍ଡିଂ ଚାମ୍ପିୟନ ଡାନିଲ୍ ମେଡ୍‌ଭେଡେଭ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା କିର୍ଗିଓସ୍ ନିଜ ଫର୍ମ ବଜାୟ ରଖିବାରେ ସମର୍ଥ ହୋଇ ନ ଥିଲେ। ଖେଳ ମଝିରେ ଏକାଧିକ ବାର ନିଜ ଉପରୁ ନିୟନ୍ତ୍ରଣ ହରାଇ ର୍ୟାକେଟ ଭାଙ୍ଗିଥିଲେ ହେଁ ମ୍ୟାଚ୍ ଜିତିପାରି ନ ଥିଲେ। ରୁଷୀୟ ଖେଳାଳି ଖାଚାନୋଭ ଏହି ମ୍ୟାଚ୍‌କୁ ୭-୫, ୪-୬, ୭-୫, ୬-୭(୩) ଓ ୬-୪ରେ ଜିତି ନେଇଥିଲେ। ପ୍ରଥମ ଓ ତୃତୀୟ ସେଟ୍‌କୁ ଜିତି ଖାଚାନୋଭ ୨-୧ରେ ଆଗୁଆ ରହିଥିବା ବେଳେ ୪ର୍ଥ ସେଟ୍‌ଟି ଟାଇବ୍ରେକରକୁ ଯାଇଥିଲା। ଟାଇବ୍ରେକରରେ କିର୍ଗିଓସ୍ ସେଟ୍‌କୁ ଜିତିବା ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ନିର୍ଣ୍ଣାୟକ ମୁକାବିଲାକୁ ୬-୪ରେ ଜିତି ସେମିରେ ପ୍ରବେଶ କରିଥିଲେ କାରେନ୍ ଖାଚାନୋଭ୍। ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ସାଢ଼େ ୩ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ସେମିରେ ସେ ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା କାସ୍ପର ରଡ୍‌ଙ୍କୁ ଭେଟିବେ। ଖାଚାନୋଭ ନିଜ କ୍ୟାରିୟରରେ ପ୍ରଥମଥର ପାଇଁ ସେମିରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଦୁଇଥର କ୍ୱାର୍ଟର ଫାଇନାଲ ପ୍ରବେଶ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଓ୍ଲିମ୍ପେଲଡନ୍ ରନର୍ସଅପ୍ କିର୍ଗିଓସ୍‌ଙ୍କ ପ୍ରଦର୍ଶନ ସାମାନ୍ୟ ଖରାପ ରହିଥିଲେ ହେଁ ଦର୍ଶକଙ୍କ ପକ୍ଷରୁ ତାଙ୍କୁ ବିରୋଧାଭାସର ସମ୍ମୁଖୀନ ହେବାକୁ ପଡିଥିଲା। ଷ୍ଟାଣ୍ଡରେ ଚୁଟି କାଟୁଥିବା ସମୟରେ ଦୁଇଜଣ ଦର୍ଶକଙ୍କୁ ଷ୍ଟାଡିୟମରୁ ବାହାର କରାଯାଇଥିଲା। ଉକ୍ତ ଷ୍ଟାଡିୟମରେ ଖେଳାଯାଇଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ମାଙ୍କେଓ ବେରେଜିନିଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି କାସ୍ପର ରଡ୍। ୬-୧, ୬-୪ ଓ ୭-୬(୭-୪)ରେ ଏହି ମୁକାବିଲାକୁ ଜିତି ସେ ସେମିରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ସେମିରେ ପ୍ରବେଶ କରିଛନ୍ତି ଓନ୍ସ ଜାବୁଏର ଏବଂ କାରୋଲିନା ଗାର୍ସିଆ। ସ୍ଥାନୀୟ ଖେଳାଳି କୋକୋ ଗଫ୍‌ଙ୍କୁ ୬-୩ ଓ ୬-୪ ସେଟ୍‌ରେ ପରାସ୍ତ କରି କାରୋଲିନା ସେମିଫାଇନାଲ ବର୍ଥ ସୁରକ୍ଷିତ କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆଲା ଟମଲାନୋଭିକଙ୍କୁ ହରାଇଛନ୍ତି ଓନ୍ସ ଜାବୁଏର।୭-୪,୭-୬(୭-୪)ରେ ସେ ଏହି ମ୍ୟାଚ୍‌କୁ ଜିତିନେଇଥିଲେ। ଗାର୍ସିଆ ଓ ଜାବୁଏରଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ।

ମ୍ୟାଚ ଜିତିବାପରେ ଉଲ୍ଲସିତ କାରୋଲିନା ଗାର୍ସିଆ।

ୟୁଏସ୍ ଓପନ୍

ଅନୁପମା ନମ୍ବରୱାନ୍

ନୂଆଦିଲ୍ଲୀ,୭।୯(ପି.ଟି): ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଅନୁପମା ଉପାଧ୍ୟାୟ ଜୁନିୟର ବର୍ଗରେ ବିଶ୍ୱ ମାନ୍ୟତାରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ୧୯ ବର୍ଷରୁ କମ ବୟସ ବର୍ଗରେ ଅନୁପମା ଦ୍ୱିତୀୟ ଭାରତୀୟ ଭାବରେ ଏହି କୃତିତ୍ୱ ହାସଲ କରିଛନ୍ତି। ଅନୁପମାଙ୍କ ପୂର୍ବରୁ ତନସିମ ମିର ଏହି କୃତିତ୍ୱ ହାସଲ କରିଥିଲେ। ବୁଧବାର ପ୍ରକାଶିତ ର୍ୟାଙ୍କିଙ୍ଗରେ ଅନୁପମା ୨ଟି ସ୍ଥାନ ଉପରକୁ ଉଠି ତନସିମଙ୍କୁ ପଛରେ ପକାଇଛନ୍ତି। ପଞ୍ଚକୁଲାର ଏହି ୧୭ ବର୍ଷୀୟା ଖେଳାଳି ଜଣକ ଉଗାଣ୍ଡା ଓ ପୋଲାଣ୍ଡରେ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଶୀର୍ଷ ସ୍ଥାନ ଅଳଙ୍କୃତ କରିଛନ୍ତି। ଅନୁପମାଙ୍କ ବ୍ୟତିତ ଆଉ ୩ ଜଣ ମହିଳା ଖେଳାଳି ଟପ୍ ୧୦ରେ ସାମିଲ ଅଛନ୍ତି। ସେମାନେ ହେଲେ ତନସିମ ମିର, ଅନ୍ୱେଷା ଗୌଡା ଓ ଉନ୍ନତି ହୁଡା।

ପାକିସ୍ତାନ ବୋଲର ପ୍ରଭାବୀ

ଦୁବାଇ,୭।୯(ପି.ଟି)

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ସୁପର ଫୋର ମ୍ୟାଚରେ ପାକିସ୍ତାନ ବୋଲରମାନେ ପ୍ରଭାବୀ ବୋଲିଂ କରଛନ୍ତି। ଫଳରେ ଆଫଗାନିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଛି। ଦଳ ପକ୍ଷରୁ ଇବ୍ରାହିମ୍ ଜାଦ୍ରାନ ସର୍ବାଧିକ ୩୫ ରନ କରିଥିବା ବେଳେ ଜଣେ ବି ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଦୁଇ ଓପନର ୩.୫ ଓଭରରେ ୩୬ ରନ ଯୋଡିଥିଲେ ହେଁ ମଧ୍ୟକ୍ରମ ବ୍ୟାଟିଂ ବିପର୍ଯ୍ୟୟ କାରଣରୁ ଦଳ ବଡ ସ୍କୋର କରିପାରି ନ ଥିଲା। ହଜରତଉଲ୍ଲା ଜଜାଇ(୨୧) ଓ ରହମାନଉଲ୍ଲା ଗୁରବାଜ(୧୭) ଭଲ ଆରମ୍ଭ କରିଥିଲେ ମଧ୍ୟ ମାତ୍ର ୭ ରନ ବ୍ୟବଧାନରେ ଆଉଟ ହୋଇଥିଲେ। ଫଳରେ ଦଳର ରନହାରରେ ଅଙ୍କୁଶ ଲାଗିଥିଲା। କରିମ ଜନତ୍(୧୫), ନଜିବୁଲ୍ଲା (୧୦) ଓ ଅଜମତଉଲ୍ଲା(୧୦) ଶୀଘ୍ର ଆଉଟ ହୋଇଥିଲେ। ତେବେ ଶେଷ ଆଡକୁ କିଛି ଆକର୍ଷଣୀୟ ଶଟ୍ ଖେଳି ରଶିଦ୍ ଖାନ୍ ୧୮ ରନ କରିବାରୁ ଦଳ ଏକ ସମ୍ମାନଜନକ ସ୍କୋର କରି ପାରିଥିଲା। ସମସ୍ତ ପାକିସ୍ତାନୀ ବୋଲର ଟାଇଟ୍ ବୋଲିଂ କରିଥିବା ବେଳେ ହରିଶ ରୌଫ୍ ୨ଟି ଉଇକେଟ ନେଇଥିଲେ। ନସିମ ଶାହା, ମହମ୍ମଦ ହସନେନ୍, ମହମ୍ମଦ ନୱାଜ ଓ ଶଦାବ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟି୨୦ ର୍ୟାଙ୍କିଙ୍ଗ୍: ୪ର୍ଥ ସ୍ଥାନକୁ ଖସିଲେ ସୂର୍ଯ୍ୟକୁମାର

ଦୁବାଇ,୭।୯(ପି.ଟି): ବୁଧବାର ଆଇସିସି ପକ୍ଷରୁ ଟି୨୦ ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଭାରତୀୟ ଅଧିନାୟକ ରୋହିତ ଶର୍ମା ୩ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ପହଞ୍ଚିଥିବା ବେଳେ ୪ର୍ଥ ସ୍ଥାନକୁ ଖସିଛନ୍ତି ସୂର୍ଯ୍ୟକୁମାର ଯାଦବ। ଇଂଲଣ୍ଡ ବିପକ୍ଷ ସିରିଜର ପ୍ରଦର୍ଶନକୁ ଦୋହରାଇବାରେ ସୂର୍ଯ୍ୟକୁମାର ବିଫଳ ହୋଇଥିଲେ। ହଂକଂ ବିପକ୍ଷ ୬୮ ରନକୁ ଛାଡିଲେ ତାଙ୍କ ବ୍ୟାଟରୁ ଆଖିଦୃଷ୍ଟିଆ ରନ୍ ଆସିନଥିଲା। ୭୭୫ ରେଟିଂ ପଏଣ୍ଟ ସହିତ ସୂର୍ଯ୍ୟ ୪ର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ରୋହିତ ଶର୍ମା ୩ଟି ସ୍ଥାନ ଉପରକୁ ଉଠିଛନ୍ତି।

ପାକିସ୍ତାନକୁ ୩-୦ରେ ହରାଇଲା ଭାରତ

ନୂଆଦିଲ୍ଲୀ, ୭।୯(ପି.ଟି.)

ନେପାଳର କାଠମାଣ୍ଡୁରେ ଆରମ୍ଭ ହୋଇଛି ମହିଳା ସାଫ୍ ଚାମ୍ପିୟନଶିପ୍। ବୁଧବାର ଦଶରଥ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ବିଜୟରୁ ଏହାର ଅଭିଯାନ ଆରମ୍ଭ କରିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୦ରେ ପରାସ୍ତ କରିଥିଲା ଆଶାଲତା ଦେବୀଙ୍କ ଭାରତୀୟ ଦଳ। ଏହି ବିଜୟ ସହିତ ସାଫ୍ ଚାମ୍ପିୟନଶିପ୍‌ରେ ଭାରତ କ୍ରମାଗତ ୨୭ତମ ମ୍ୟାଚ୍‌ରେ ବିଜୟ ରେକର୍ଡ କରିଛି। ଭାରତୀୟ ଖେଳାଳି ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ଭାବେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଡେଙ୍ଗମେଇ ଗ୍ରେସ୍ ଓ ସୌମ୍ୟ ଗଗୁଲୋଥ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ପାକିସ୍ତାନ ଅଧିନାୟିକା ମାରିଆ ଜମିଲ ଖାନ୍ ଏକ ଆତ୍ମଘାତୀ ଗୋଲ ଦେଇଥିଲେ।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳି ଆକ୍ରମଣାତ୍ମକ ଫୁଟ୍‌ବଲ ଖେଳିଥିଲେ ହେଁ ଗୋଲ ଦେବାରେ ଅସମର୍ଥ ରହିଥିଲେ। ୨୧ତମ ମିନିଟରେ ପାକ୍ ଅଧିନାୟିକା ମାରିଆ ଜମିଲଙ୍କ ଆତ୍ମଘାତୀ ଗୋଲ ବଳରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାର ଦୁଇ ମିନିଟ୍ ମଧ୍ୟରେ ଅନୁ ତମାଙ୍ଗଙ୍କ ପାଶ୍‌କୁ ଗୋଲପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ ଡେଙ୍ଗମେଇ ଗ୍ରେସ୍। ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ରେ ଅଗ୍ରଣୀ ରହିଥିଲା।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ସଂକ୍ଷେପରେ

ହଜିଲା ସାମଗ୍ରୀ ଫେରି ପାଇଲେ ଦମ୍ପତି

ସୁନାବେଡା,୭।୯(ସ୍ୱ.ପ୍ର.): ବିଶାଖାପାଟନମ୍‌ର ଜଣେ ଦମ୍ପତିଙ୍କ ହଜିଯାଇଥିବା ବ୍ୟାଗକୁ ପୋଲିସ ଖୋଜିବାରେ ସଫଳ ହୋଇଛି। ବିଶାଖାପାଟନମ ଦ୍ୱାରିକା ନଗର ଅଞ୍ଚଳର ଜି.ଶ୍ୟାମଲା ଓ ଜି.ଦୁର୍ଗା ରାଓ କୋରାପୁଟସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଆସିବା ବାଟରେ ଗାଡିର ଡିକି ଖୋଲାଥିବାରୁ ତାଙ୍କ ଗୋଟିଏ ବ୍ୟାଗ୍ ରାସ୍ତାରେ ଖସି ପଡିଥିଲା। ସେମାନେ ଏ ନେଇ କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିଥିଲେ। କୋରାପୁଟ ଟାଉନ ପୋଲିସ ଖୋଜାଖୋଜି କରିଥିଲା। ସିସି ଟି ଭି ଫୁଟେଜ ଯାଞ୍ଚ କରିବାରୁ ଉକ୍ତ ବ୍ୟାଗକୁ ଜଣେ କାର୍ ଡ୍ରାଇଭର ପାଇ ସାଙ୍ଗରେ ନେଇଥିବା ଜଣାପଡଇଥିଲା। କୋରାପୁଟ ପୋଲିସ ତୁରନ୍ତ ସେମିଳିଗୁଡା ଥାନାକୁ ଯୋଗଯୋଗ କରିଥିଲା। ସେମିଳିଗୁଡା ଥାନା ସବ୍‌ଇନ୍ସପେକ୍ଟର୍ ଦୀପକ ବାରିକ, ଏଏସ୍‌ଆଇ ଦିଗନ୍ତ ପ୍ରଭୁ ସହାୟ ପ୍ରମୁଖ ଉକ୍ତ କାର ସହ ଡ୍ରାଇଭରଙ୍କୁ ଠାବ କରିଥିଲେ। କୋରାପୁଟ ଟାଉନ ଥାନା ଏଏସଆଇ ଶରତ ଚନ୍ଦ୍ର ବିଷୋଇ ବ୍ୟାଗ ମାଲିକଙ୍କୁ ସାଙ୍ଗରେ ନେଇ ସେମିଳିଗୁଡାରେ ପହଞ୍ଚି ବ୍ୟାଗ୍‌ଟିକୁ ସେମାନଙ୍କୁ ହସ୍ତାନ୍ତର କରିଥିଲେ।

ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୭।୯(ନି.ପ୍ର.): ଗଞ୍ଜେଇ ଚାଲାଣ ବେଳେ ଫେରାର ହୋଇଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ମାଛକୁଣ୍ଡ ଥାନା ଅଧୀନ ବାଲେଲ ଗ୍ରାମର ଯୋଗେଶ ଖରା (୨୦)। ପୋଲିସ ସୂଚନାନୁଯାୟୀ, ଜୁଲାଇ ୨୨ରେ ଜୟପୁର ସଦର ଥାନା ଅଧୀନ ପାତ୍ରପୁଟ ନିକଟରେ ଗାଡି ଯାଞ୍ଚବେଳେ କୋଟାଛକ ଦେଇ ଏକ ବିନା ନମ୍ବର ବୋଲେରୋ ଆସୁଥିବା ଦେଖି ତାହାକୁ ଅଟକାଇ ଥିଲେ। ଗାଡି ଛାଡି ଅଭିଯୁକ୍ତ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲେ। ପୋଲିସ ବୋଲେରୋ ଗାଡିକୁ ଯାଞ୍ଚକରି ୯୧ କେଜି ଗଞ୍ଜେଇ ଜବତ କରିଥିଲା। ଗାଡିର କାଗଜପାତ୍ର ଯାଞ୍ଚ କରି ଅଭିଯୁକ୍ତ ଯୋଗେଶ ଖରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର ୭।୯ (ନି.ପ୍ର.): ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଳାଗୁଡାର ଦେବ ଗରଡା। ଅବକାରୀ ବିଭାଗ ସୂଚନାନୁଯାୟୀ କଳାଗୁଡାର ଦେବ ଗରଡା ଏକ ବାଇକରେ ଦେଶୀ ମଦ ଧରି ଜୟପୁର ସହର ପଟେ ଆସୁଥିବାବେଳେ କୁନ୍ଦାରାଗୁଡା ନିକଟରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ କର ୩ଟି ଟ୍ୟୁବ୍‌ରେ ୪୫ ଲିଟର ଦେଶୀ ମଦ ଓ ବାଇକକୁ ଜୟପୁର ଅବକାରୀ ବିଭାଗ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଅବକାରୀ ନିରିକ୍ଷକ ଦୁବାଦଳ ବିଶ୍ୱାଳ ସୂଚନା ଦେଇଛନ୍ତି।

କାଶୀପୁରରେ କୋସଲ ରାଜ୍ୟ ମାନ୍ୟତା ସ୍ୱର

ଟିକିରି,୭।୯(ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର କୋସଲ ରାଜ୍ୟ ମାନ୍ୟତା ଦାବି ଦୀର୍ଘଦିନର ହୋଇଥିବାବେଳେ ଏହି ସ୍ୱର ପ୍ରଥମ ଥର ଲାଗି ରାୟଗଡ଼ା ଜିଲା କାଶୀପୁର ମାଟିରେ ଶୁଣିବାକୁ ମିଳିଛି। ପଶ୍ଚିମ ଓଡ଼ିଶାବାସୀଙ୍କ ଦାବିକୁ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଥିବା ଅଭିଯୋଗରେ ବୁଧବାର ମହାବନ୍ଦ ପାଳନ କରାଯାଇଥିଲା। ଏଥିରେ ଓଡ଼ିଶାର ୧୦ ଜିଲା ସାମିଲ ହୋଇଥିବାବେଳେ ରାୟଗଡ଼ା ଜିଲାର କାଶୀପୁର ବ୍ଲକ ସଦରଠାରେ ମଧ୍ୟ ସ୍ୱତନ୍ତ୍ର କୋସଲ ରାଜ୍ୟ ମାନ୍ୟତା ଦାବି ଉଠିଥିଲା।

କୋସଲ ରାଏଜ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ସାଗର ଚରଣ ଦାସଙ୍କ ଆହ୍ୱାନକ୍ରମେ କାଶୀପୁର ବ୍ଲକ ଆବାହକ ଅଞ୍ଜନ କୁମାର ନାଏକଙ୍କ ନେତୃତ୍ୱରେ ଶତାଧିକ ଯୁବକ ଏକତ୍ରିତ ହେଇ ବନ୍ଦ ଡାକରାକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। କାଶୀପୁର ଜଗନ୍ନାଥ ମନ୍ଦିର ଛକଠାରୁ ଶୋଭାଯାତ୍ରା ବାହାରି କୋସଲ ରାଏଜ ପ୍ରତିଷ୍ଠା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେବା ସହ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବିଡିଓ ଦେବାଶିଷ କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ, କାଶୀପୁର ବ୍ଲକର ଅଧିକାଂଶ ଗାଁ ପୂର୍ବରୁ କଳାହାଣ୍ଡି ଜିଲାର ଅଭିନ୍ନ ଅଙ୍ଗ ଭାବେ ରହି ଆସିଥିଲା। ସେହିପରି ବିଭିନ୍ନ ନିର୍ବାଚନ ସମୟରେ ମଧ୍ୟ ଏଠାକାର ନେତୃବୃନ୍ଦ ନେତୃତ୍ୱ ନେଇ ଆସୁଥିଲେ। କଳାହାଣ୍ଡି ଜିଲା ଜୟପାଟଣା ନିର୍ବାଚନ ମଣ୍ଡଳୀରୁ ଝାଜରୁ ଝୋଡ଼ିଆ ଓ ମାଣିକ ରାୟ ନାଏକ ସେତେବେଳ ବିଧାୟକ ନିର୍ବାଚିତ ହୋଇ ଆସୁଥିଲେ। ପରବର୍ତ୍ତୀ ସମୟରେ କାଶୀପୁର ପ୍ରଥମେ କଳାହାଣ୍ଡିଠାରୁ ବିଭକ୍ତ ହୋଇ କୋରାପୁଟ ଜିଲାରେ ରହିଥିଲା। ୧୯୯୨ ରେ

କୋସଲ ରାଏଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ମହାବନ୍ଦ ଡାକରାରେ ସାମିଲ ହେଲେ ଶତାଧିକ ଯୁବଗୋଷ୍ଠୀ

ଓଡ଼ିଶାରେ ଲୋକଙ୍କୁ ପ୍ରଶାସନିକ ସେବା ହାତପାହନ୍ତାରେ ଦେବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ୩୦ ଜିଲା ଗଠନ କରାଯାଇଥିଲା। ଉକ୍ତ ନିଷ୍ପତ୍ତି ପ୍ରକାରେ କାଶୀପୁର ବ୍ଲକ ରାୟଗଡ଼ା ଜିଲା ଅନ୍ତର୍ଭୁକ୍ତ ହୋଇଥିଲା। ଏସବୁ ସତ୍ତ୍ୱେ ଏପର୍ଯ୍ୟନ୍ତ କାଶୀପୁର ଓ କଳାହାଣ୍ଡି ମଧ୍ୟରେ ପୂର୍ବ ସମ୍ପର୍କ ନିବିଡ଼ ରହିଛି। ତେଣୁ କୋସଲ ରାଏଜ ମୁକ୍ତି ମୋର୍ଚ୍ଚା ପ୍ରତି ଅନୁପ୍ରାଣିତ ହୋଇ ମହାବନ୍ଦ ଡାକରାକୁ ସମର୍ଥନ ଜଣାଇ ଅଞ୍ଚଳର ଶତାଧିକ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ଜୟଚନ୍ଦ୍ର ମାଝି, ଉମାକାନ୍ତ ନାଏକ, ଜିଲା ଗଉଡ଼, ଲବକାନ୍ତ ଦରା, ପରମେଶ୍ୱର ପ୍ରଧାନୀ, ଅମିତ ନାଏକ, ବିଷ୍ଣୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

୧୦ରେ ରାଜ୍ୟପାଳଙ୍କ କୋରାପୁଟ ଗସ୍ତ

କୋରାପୁଟ,୭।୯(ସ୍ୱ.ପ୍ର.)

ଆସନ୍ତା ୧୦ ତାରିଖରେ ଓଡିଶାର ରାଜ୍ୟାପାଳ ପ୍ରଫେସର ଗଣେଶୀ ଲାଲ କୋରାପୁଟ ଗସ୍ତ କରିବେ। ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ଆଜାଦିକା ଅମୃତ ମହୋତ୍ସବ ଉପଲକ୍ଷେ ସୁନାବେଡା ସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟସ୍ତରୀୟ ଏକ ସେମିନାରରେ ରାଜ୍ୟପାଳ ମୁଖ୍ୟ ଅତିଥିଭାବେ ଯୋଗଦେବେ ବୋଲି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ସୁଚନା ଦେଇଛନ୍ତି। ରାଜ୍ୟପାଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଭାରତର ସ୍ୱାଧୀନତାରେ ଆଦିବାସୀ ନେତାମାନଙ୍କ ଭୂମିକା ସମ୍ପର୍କ ଶିର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ସେହିପରି ଏହି କାର୍ଯ୍ୟକ୍ରମରେ ଏନସିଏସ୍‌ଟି ସଦସ୍ୟ ଅନନ୍ତ ନାୟକ, ଟ୍ରାଇଫାଏଡର ଉପାଧ୍ୟକ୍ଷ ପବିତ୍ର କୁମାର କହଁର, ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତାଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

'ପାଖ ବାଟକୁ ଚାଲିକି, ସାଇକେଲରେ ଯାଅ'

ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁ ଦିବସ ପାଳନ

ଉମରକୋଟ, ୭।୯(ସ୍ୱ.ପ୍ର.)

ଉମରକୋଟ ବ୍ଲକ ଅଧୀନ ପୂଜାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳନ କରାଯାଇଛି। ମେଡିକାଲ ଅଫିସର ଡକ୍ଟର ଅଭୟ କୁମାର ଦେଙ୍କ ନେତୃତ୍ୱରେ ପ୍ରଥମେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଳ୍ପ ଦୂର ଯାତ୍ରା ପାଇଁ ମୋଟର ଯାନ ପରିବର୍ତ୍ତେ ପାଦ ରେ ଚାଲିକି ଯିବା କିମ୍ବା ସାଇକେଲ ବ୍ୟବହାର କରିବା, ଅଳିଆ ଆବର୍ଜନାଗୁଡିକୁ ନ ପୋଡି ବିକଳ୍ପ ପନ୍ଥା ଅବଲମ୍ବନ କରିବା, ପ୍ରତ୍ୟକ ବ୍ୟକ୍ତି ଗୋଟିଏ ଲେଖାଏ ଗଛ ଲଗେଇବା ଓ ତାର ଉପଯୁକ୍ତ ଯତ୍ନ ନେବା ପାଇଁ ବକ୍ତା ମାନେପରାମର୍ଶ ଦେଇଥିଲେ। ପରେ ଜାମରୁଣ୍ଡାରେ ଥିବା ୫-ଟି ସ୍କୁଲ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ସିଂଶାରୀ, ବଡଭରଣ୍ଡି, କୁର୍ସୀ ଓ ସୁନାବେଡ଼ା, ସରକାରୀ ଚିକିତ୍ସାଳୟ ଉମରକୋଟ, ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ସମସ୍ତ ୨୪ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର କର୍ମଚାରୀ, ସମସ୍ତ ଏସ୍‌ଏଚ୍‌ଜି ସଦସ୍ୟା, ସ୍କୁଲ ଛାତ୍ରୀ ଛାତ୍ରଙ୍କ ସହଯୋଗରେ ପ୍ରତ୍ୟେକ ସବ ସେଣ୍ଟରରେ ଏକ ରାଲି ବାହାର କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ପରିଶେଷରେ ସମସ୍ତ ସବ ସେଣ୍ଟର ଓ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୦ ଟି ଚାରାରୋପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହାୟତା କରିଥିଲେ।

ସ୍କୁଲ ଭିତରକୁ ଶିକ୍ଷକ, ପିଲାଙ୍କୁ ଛାଡୁ ନାହାନ୍ତି ଜଣେ ବ୍ୟକ୍ତି

ଦଶମନ୍ତପୁର, ୭।୯(ଡି.ଏନ୍.ଏ.)

ଜଣେ ବ୍ୟକ୍ତିଙ୍କ ଚାଷଜମିକୁ ଲାଗି ତିଆରି ହେଲା ସ୍କୁଲ। କିନ୍ତୁ ସ୍କୁଲ ଗଢ଼ି ଉଠିଥିବା ଜାଗା ମଧ୍ୟ ତାଙ୍କର ବୋଲି କହି ସମ୍ପୃକ୍ତ ବ୍ୟକ୍ତି ପିଲା ଓ ଶିକ୍ଷକଙ୍କୁ ସ୍କୁଲ ଭିତରକୁ ଛାଡୁନାହାନ୍ତି। ଏଣୁ ବାଧ୍ୟ ହୋଇ ଗ୍ରାମବାସୀ ବିଦ୍ୟାଳୟ ସ୍ଥାନ ଚିହ୍ନଟ ନେଇ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍କ ପଞ୍ଚାୟତ ଅଧୀନ ରୁଞ୍ଜାଗୁଡା ଗ୍ରାମରେ ଏଭଳି ଘଟଣା ଘଟିଛି। ରୁଞ୍ଜାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଛି। ଉକ୍ତ ସ୍କୁଲ ଉପରେ ଠେଲଗୁଡା, ବାଡ଼ିଗୁଡା, ଡୁର୍କାଗୁଡା, ଧାଇଗୁଡା, ଭେଜାପଦର ଏବଂ ରୁଞ୍ଜାଗୁଡା ଗ୍ରାମର ପିଲାମାନେ ପଢ଼ନ୍ତି। ରୁଞ୍ଜାଗୁଡ଼ା ଗ୍ରାମର ପୂର୍ଣ୍ଣ ଖରାଙ୍କ ଚାଷଜମି ନିକଟରେ ୫-ଟି ବିଦ୍ୟାଳୟ ସ୍ଥାପନ କରାଯାଇଛି। ସ୍କୁଲ କାମ ସରିବା ପରେ ତାଙ୍କ ଜମିରେ ବିଦ୍ୟାଳୟ ତିଆରି ହୋଇଛି ବୋଲି ପୂର୍ଣ୍ଣ ଦାବି କରିଛନ୍ତି। ମୋ ଜମିରେ ବିଦ୍ୟାଳୟ ନିର୍ମାଣ ହୋଇଥିବାରୁ ମୁଁ ହିଁ ଏହାକୁ ଲିଆର କରିବି ବୋଲି ପୂର୍ଣ୍ଣ କହୁଥିବା ୫ ଖଣ୍ଡ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲ ଭିତରକୁ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କୁ ପୂର୍ଣ୍ଣ ଛାଡି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୁଧବାର ସ୍କୁଲକୁ ପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ଗ୍ରାମବାସୀ ଓ ଅଭିଭାବକ ତାଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବାପରେ ସେମାନେ ତହସିଲଦାରଙ୍କୁ ଭେଟିଥିଲେ। ଜମି ଚିହ୍ନଟ ପାଇଁ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଜମି ଚିହ୍ନଟ ବ୍ୟବସ୍ଥା କରାଇବାକୁ ତହସିଲଦାର ଅଞ୍ଚବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

- ଘରୋଇ ଜମିରେ ସ୍କୁଲ ତିଆରି ହେଲେଥିବା ଅଭିଯୋଗ
- ବିଦ୍ୟାଳୟ ସ୍ଥାନ ଚିହ୍ନଟ ନେଇ ତହସିଲଦାରଙ୍କୁ ଦାବିପତ୍ର

ଝୁଲନ୍ତା ମୃତଦେହ ଜବତ

ବୈପାରୀଗୁଡ଼ା, ୭।୯(ଡି.ଏନ୍.ଏ)

ବୈପାରୀଗୁଡା ଥାନା ଅଧୀନ ମହନ୍ତପୁଟ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ଜବତ କରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଯୁବକ ହେଲେ ସେହି ଗ୍ରାମର ଗୌର ପଣ୍ଡି। ଗୌର ମଙ୍ଗଳବାର ରାତିରେ ଗଣେଶ ବିସର୍ଜନ କରି ଘରକୁ ଫେରିଥିଲେ। ସକାଳେ ଘରଠାରୁ ପ୍ରାୟ ୨ ଶହ ମିଟର ଦୂରରେ ଏକ ଆମ୍ବଗଛ ଡାଳରେ ମୃତଦେହ ଝୁଲୁଥିବା ଦେଖିବା ପରେ ପରିବାର ଲୋକେ ଥାନାରେ ଜଣାଇଥିଲେ। ଘଟଣାସ୍ଥଳକୁ ଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶିବ ଶଙ୍କର ନାୟକ ମୃତଦେହକୁ ଜବତ କରି ପ୍ରାଥମିକ ତଦନ୍ତ କରିଥିଲେ। ତେବେ ମୃତ୍ୟୁ ପଛର କାରଣ ଅସ୍ପଷ୍ଟ ବୋଲି ପୋଲିସ କହିଛି। ଏହା ଆତ୍ମହତ୍ୟା ହୋଇଥାଏ ପାରେ ବୋଲି ପୋଲିସ ସନ୍ଦେହ କରୁଛି। କେସ୍ ନଂ ୩୨/୨୨ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

ଦେଢ଼ କୋଟିର କାଠ ଜବତ

ମାଲକାନଗିରି, ୭।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ବନ ବିଭାଗ ଚଢ଼ାଉ କରି ଏମ୍.ଭି. ୨୩ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ବେଆଇନ ଭାବେ ଗଚ୍ଛିତ ଥିବା ବିପୁଳ ପରିମାଣର କାଠ ଜବତ କରିଛି। ବିଶେଷ ସୁତ୍ରରୁ ଖବର ପାଇ ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋୟୀଙ୍କ ନେତୃତ୍ୱରେ ଗ୍ରାମର ଗୌର ବାଛାରଙ୍କ ଘରେ ଚଢ଼ାଉ କରାଯାଇଥିଲା। ୯୩ ଖଣ୍ଡ କାଠପଟା ସହ ଅର୍ଦ୍ଧନିର୍ମିତ ଖଟ, ସୋଫାସେଟ୍, ଓ ଅନ୍ୟ ଘରୋଇ ଉପକରଣ ଜବତ କରାଯାଇଥିଲା। ଘଟଣାସ୍ଥଳରୁ ଗୌରଙ୍କୁ ଗିରଫ କରାଯାଇଛି। ଜବତ କାଠର ମୂଲ୍ୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ବନପାଳ ଦେବାଶିଷ ପ୍ରଧାନ, ହୃଷିକେଶ ପାଣିଗ୍ରାହି, ମନ୍ତୋଷ ଦେଙ୍କ ସହ ମାଲକାନଗିରି ବନାଞ୍ଚଳର ବନରକ୍ଷୀ ଓ ପାରା ସ୍ନାତ ସହଯୋଗ କରିଥିଲେ।

ଜିଲାସ୍ତରୀୟ କ୍ଷୁଦ୍ରଶିଳ୍ପ ତାଲିମ ଶିବିର

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମାଲକାନଗିରି, ୭।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ କ୍ଷୁଦ୍ରଶିଳ୍ପ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗୀୟ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ଜିଲା ନିୟୋଜନ ଅଧିକାରୀ ମନଘି ସେଠୀ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ବିଷ୍ଣୁ ସ୍ୱାଇଁ, ଚାମ୍ବର ଅଫ୍ କମର୍ସର ସଭାପତି ସୁରେଶ ଚନ୍ଦ୍ର ସୋମାନି ଯୋଗଦେଇ ମାଲକାନଗିରି ଜିଲାରେ କିପରି ଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତି ହୋଇପାରିବ ଏବଂ ଶିଳ୍ପ କ୍ଷେତ୍ରରେ ବିକାଶ ଘଟିବ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟୀ ବାବୁଲା ସାବତ, ଈଶ୍ୱର ପଟ୍ଟନାୟକ, ରତନଲାଲ ଜୈନ, ରୌନକ ଜୈନ, ତରୁଣ ମଜୁମଦାରଙ୍କ ସମେତ ମହିଳା ଏସ୍‌ଏଚ୍‌ଜି ଏବଂ ଅନ୍ୟ ଉଦ୍ୟୋଗୀ ଉପସ୍ଥିତ ରହି ଭିନ୍ନ ଭିନ୍ନ ମତ ଉପସ୍ଥାପନ କରିଥିଲେ। ସଭାରେ ଓଡ଼ିଶା ସରକାରଙ୍କର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପଲିସି-୨୦୧୬ ଏବଂ ୨୦୦୬ ର ବିଭିନ୍ନ ନିୟମାବଳୀ ଏବଂ ମାଲକାନଗିରି ଜିଲାକୁ କିପରି ପ୍ରୋତ୍ସାହନ ରାଶି ଏବଂ ବ୍ୟାଙ୍କ ଋଣ ମିଳିପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଇପିଓ ଶୁଭଶ୍ରୀ ଦଣ୍ଡାପାଟ ପରିଚାଳନା କରିଥିବା ବେଳେ ରବୀନ୍ଦ୍ରନାଥ କୃଷ୍ଣ ଧନ୍ୟବାଦ ଦେଇଥିଲେ।

ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୭।୯(ବି.ପ୍ର.)

ନାବାଳିକା ଅପହରଣ, ବଳାତ୍କାର ଘଟଣା

ଫାଷ୍ଟ ଟ୍ରାକ ସ୍ପେସିଆଲ ପୋକ୍‌ସୋ କୋର୍ଟ ଜଜ୍ ନିରଞ୍ଜନ ସାହୁ ବୁଧବାର ନାବାଳିକା ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ତୁଲାରାମ ହରିଜନ(୩୫)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ ପାଇଛି। ଏହା ସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାପଡ଼ାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତୁଲାରାମ ଅପହରଣ କରି ଶାରୀରିକ ସମ୍ପର୍କ ରଖିଥିଲେ। ପୀଡିତାଙ୍କ ମାଆ ପାପଡାହାଣ୍ଡି ଥାନାରେ ୨୦୧୬ ଅକ୍ଟୋବର ୨୪ରେ ଅଭିଯୋଗ କରିଥିଲେ। କେସ୍ ନମ୍ବର ୧୮୦/୧୬ରେ ମାମଲା ରୁ

ଓଡ଼ିଶା–ଝାଡ଼ଖଣ୍ଡ ସୀମା ବୈତରଣୀ ନଦୀର ଲୁହାପୋଲ

ଭାଙ୍ଗିଗଲାଣି ସମ୍ପର୍କର ସେତୁ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୭।୯

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାରେ ଥିବା ବୈତରଣୀ ନଦୀ ଉପରେ ଶହେ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା ସେତୁ। ଉଭୟ ରାଜ୍ୟ ମଧ୍ୟରେ ସମ୍ପର୍କ ଯୋଡୁଥିବା ବ୍ରିଟିଶ ଅମଳର ଏହି ସେତୁ ଆଜି ଅସୁରକ୍ଷିତ। ଏହା ଉପରେ ପୂର୍ବଭଳି ଲୋକେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ତେଣୁ ଏହି ପୋଲର ମରାମତି କରାଯାଇ ଐତିହ୍ୟ ମାନ୍ୟତା ଦେବା ସହିତ ଏହାର ସୁରକ୍ଷା କରାଯାଇପାରିଲେ ଏହା ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ବିବେଚିତ ହୋଇପାରିବ ବୋଲି ବୁଦ୍ଧଜୀବୀ ମହଲରେ ମତପ୍ରକାଶ ପାଇଛି। ବିଚ୍ଛିନ୍ନାଞ୍ଚଳ ଷଢେଇକଳା, ଖରସୁଆଁ, ଚକ୍ରଧରପୁର, ଚାଇଁବସା ଏକଦା ଅବିଭକ୍ତ ଓଡିଶା ରାଜ୍ୟରେ ରହିଥିଲା । ଏଣୁ ଏହି ପୋଲ ସେ ସମୟରେ ଗୁରୁତ୍ୱ ବହନ କରୁଥିଲା। ପରବର୍ତ୍ତୀ ସମୟରେ ଓଡିଶା ଓ ବିହାର (ବର୍ତ୍ତମାନ ଝାଡ଼ଖଣ୍ଡ) ରାଜ୍ୟକୁ ଏହି ପୋଲ ଲୁହାପଥର ପରିବହନର ମୁଖ୍ୟ ଯାତାୟାତ ପଥ ପାଲଟିଥିଲା। ଏହାର ଅପରପାର୍ଶ୍ୱ ଜୟନ୍ତିଗଡରେ ଥିବା ବ୍ରିଟିଶ ଅମଳର ପଥର ପୋଲର ଅବଶେଷ ଅନେକଙ୍କୁ ଏବେ ମଧ୍ୟ ଆକୃଷ୍ଟ କରୁଛି ।

ପ୍ରାୟ ଦଶ ବର୍ଷ ତଳେ ଏହି ଲୁହା ପୋଲ ବ୍ୟବହାର ହେଉଥିଲା । ଦୁଇ ରାଜ୍ୟ ମଧ୍ୟରେ ଯାତାୟାତରେ ସୁସମ୍ପର୍କ ଗଢି ଉଠିବା ସହ ବ୍ୟବସାୟିକ ସମ୍ପର୍କର ସେତୁ ଭାବରେ ରହିଥିଲା । କୁହାଯାଏ ଓଡିଶାର ଚଞ୍ଚୁଆ ଓ ଝାଡ଼ଖଣ୍ଡ (ତତ୍‌କାଳୀନ ବିହାର ରାଜ୍ୟ)ର ଜୟନ୍ତୀଗଡକୁ ସଂଯୋଗ କରୁଥିବା ଏହି ପୋଲ ସେ ସମୟରେ ମାତ୍ର ୩ ଲକ୍ଷ ୧୦ ହଜାର ୨୭୪ ଟଙ୍କାରେ ନିର୍ମାଣ ହୋଇଥିଲା । ଏଥିରେ ଉଲ୍ଲେଖଥିବା ଫଳକରୁ ଜଣାପଡୁଛି ଯେ, ଏହା ସେ ସମୟର ବ୍ରିଟିଶ ସରକାରଙ୍କ ଏଜେଣ୍ଟ ଷ୍ଟେଟ ସୁପରିଟେଣ୍ଡେଣ୍ଟ ଡି.ଏ. ମ୍ୟାକମିଲନଙ୍କ ସମୟରେ ନିର୍ମାଣ ହୋଇଥିଲା । ୧୯୧୬ ମସିହା ମାର୍ଚ୍ଚ ୨୨ ରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ପାଖାପାଖି ଏକ ବର୍ଷ ସମୟ ଲାଗିଥିଲା। ୧୯୧୭ ମସିହା ମାର୍ଚ୍ଚ ୬ରେ ଏହା ତତକାଳୀନ ବିହାର ଓ ଓଡିଶାର ଗଭର୍ନର ସାର ଏଡୱାର୍ଡ ଆଲବର୍ଟ ଗେଟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ପୋଲର ନିର୍ମାଣ ପାଇଁ ସାମଗ୍ରୀ କଲିକତା ସ୍ଥିତ ଜୋସେଫ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ନାମକ ସଂସ୍ଥାରୁ କିଣାଯାଇଥିଲା ।

ତେଣୁ ଏହି ବ୍ରିଟିଶ ଅମଳର ପୁରୁଣା ଲୁହା ପୋଲକୁ ରକ୍ଷଣାବେକ୍ଷଣ କରାଯାଇ ସୁରକ୍ଷିତ ରଖାଯାଇପାରିଲେ ଆଗାମୀ ପିଢ଼ି ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ସହିତ ଓ ଏହା ଏକ ଐତିହ୍ୟ ସ୍ଥଳୀ ଭାବେ ବିବେଚିତ ହୋଇ ରହିପାରିବ।

ଅଭିନନ୍ଦନ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ।
ଅମ୍ବିକା ଟ୍ରେଡର୍ସ ତରଫରୁ ଧରିତ୍ରୀ ପରିବାର ଓ ସମଗ୍ର ବାଲେଶ୍ୱରବାସୀଙ୍କ ସୁଖ, ସମୃଦ୍ଧି କାମନା କରୁଛୁ ।

ଅମ୍ବିକା ଟ୍ରେଡର୍ସ
ବସ୍ତା, ବାଲେଶ୍ୱର

ଆମେ ସବୁବେଳେ ଆପଣଙ୍କ ସେବାରେ ।

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱରର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକ ଓ ପୌରପାଳିକା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରି ଧରିତ୍ରୀର ଶୁଭ ମନାସୁଛି। ଧରିତ୍ରୀ ତା'ର ନିରପେକ୍ଷତା ବଜାୟ ରଖିଥିବାରୁ ଜଣେ ପାଠକଭାବେ ଗର୍ବ ଅନୁଭବ କରୁଅଛି।
ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ
ବ୍ଲକ ଅଧ୍ୟକ୍ଷ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବର କାଗଜ ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ବାସୁଦେବପୁର ବ୍ଲକ ଓ ପୌରପାଳିକାର ସମସ୍ତ ଜନସାଧାରଣ ଓ ଯୁବତୀ, ଯୁବକ ଓ ଛାତ୍ରମାନଙ୍କର ସୁଖ ସମୃଦ୍ଧି କାମନା କରୁଅଛି।
କାଳନ୍ଦୀ ସାହୁ
ଛାତ୍ର ସଭାପତି, ବିଜୁ ଛାତ୍ର ଜନତା ଦଳ
ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକ ଓ ପୌରପାଳିକା ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ମହିଳା, ଯୁବ, ଛାତ୍ରମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଅଛି।
ରଶ୍ମିତା ନାୟକ
ରାଜ୍ୟ ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା
ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ପୌରପାଳିକାର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି । ବାସୁଦେବପୁର ପୌରପାଳିକାକୁ ସରସ ସୁନ୍ଦର ଭାବରେ ଗଢ଼ି ତୋଳିବାକୁ ପୌରବାସୀଙ୍କ ସହଯୋଗ କାମନା କରୁଅଛି। ଏହି ଅବସରରେ ସହରାଞ୍ଚଳର ଜନସାଧାରଣଙ୍କୁ ସ୍ୱାଗତ କରୁଅଛି।
ନିବେଦିତା ବେହେରା
ପୌରାଧ୍ୟକ୍ଷା, ବାସୁଦେବପୁର ପୌରପାଳିକା, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଆନ୍ଦୋଳା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ବାସୁଦେବପୁର ବ୍ଲକର ପ୍ରତିଟି ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଧରିତ୍ରୀର ଶୁଭ ମନାସୁଛି।
ଜଗବନ୍ଧୁ ଖିଲାର
ପୂର୍ବତନ ସରପଞ୍ଚ, ଆନ୍ଦୋଳା ଗ୍ରାମପଞ୍ଚାୟତ ତଥା ଯୁବ ବିଜେଡି ବ୍ଲକ ସଭାପତି
ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ପଢୁଆଁ ଗ୍ରାମପଞ୍ଚାୟତ ସମେତ ବାସୁଦେବପୁର ବ୍ଲକ ଅଞ୍ଚଳର ସମସ୍ତ ଜନ ସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି।
ଦୀନବନ୍ଧୁ ଦାସ
ପୂର୍ବତନ ସରପଞ୍ଚ ପଢୁଆଁ, ଗ୍ରାମପଞ୍ଚାୟତ ତଥା ବ୍ଲକ ବିଜେଡି ସଭାପତି
ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଜଗନ୍ନାଥ ପ୍ରସାଦ ଗ୍ରାମପଞ୍ଚାୟତ ସମେତ ବାସୁଦେବପୁର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରୁଅଛି। ପୌରପାଳିକାର ପ୍ରତିଟି ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଉଛି।
ଭାଗୀରଥି ବଳ
ପୂର୍ବତନ ସରପଞ୍ଚ, ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତ ତଥା ବ୍ଲକ ବିଜେଡି ଉପସଭାପତି
ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି।
କୃଷ୍ଣଚନ୍ଦ୍ର ଘଡ଼େଇ
ଯୁବନେତା ତଥା ଶିଳ୍ପୋଦ୍ୟୋଗୀ
ବାଲିମେଦ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ କିମ୍ବଦନ୍ତୀପୁର ଗ୍ରାମପଞ୍ଚାୟତ ସମେତ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସୁଖ ଓ ସମୃଦ୍ଧି କାମନା କରୁଅଛି।
ରତିକାନ୍ତ ବାରିକ
ପୂର୍ବତନ ସମିତିସଭ୍ୟ, କିମ୍ବଦନ୍ତୀପୁର, ଗ୍ରାମପଞ୍ଚାୟତ ଓ ଯୁବନେତା
ମାଧୁରୀ ବାରିକ
ବ୍ଲକ ଉପାଧ୍ୟକ୍ଷା
ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିମେଦ ପଞ୍ଚାୟତ ସମେତ ବ୍ଲକ ଅଞ୍ଚଳର ସମସ୍ତ ଜନ ସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି।
ପ୍ରଫୁଲ୍ଲ କୁମାର ପଲିତା
ପୂର୍ବତନ ସରପଞ୍ଚ, ବାଲିମେଦ ଗ୍ରାମପଞ୍ଚାୟତ
ବାସୁଦେବପୁର, ଭଦ୍ରକ

ଅଭିନନ୍ଦନ
JSW PAINTS
ଧରିତ୍ରୀର ଉଚ୍ଚକୋଟୀର ଲେଖା ସମସ୍ତ ପାଠିକା ପାଠକଙ୍କ ହୃଦୟକୁ ଜିଣିପାରିଛି।
asianpaints
ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ ଗ୍ରାହକ, ବ୍ୟବସାୟୀ ଓ ଜନସାଧାରଣଙ୍କୁ ମାତୃଶକ୍ତି ପେଣ୍ଟସ ତରଫରୁ ଅଭିନନ୍ଦନ।
ସର୍ବେଶ୍ୱର ବେହେରା
ପ୍ରୋ: ମାତୃଶକ୍ତି ପେଣ୍ଟସ, ବସ୍ତା, ବାଲେଶ୍ୱର (ଈଶ୍ୱରବର୍ତ୍ତୀ ମନ୍ଦିର ସାମ୍ନା)
ମୋ: ୯୯୩୭୪୮୯୯୩୩

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ
ଅଭିନନ୍ଦନ
ରୂପ୍‌ସା ସାମିଲ ହସନପୁର ଗ୍ରାମପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ପଞ୍ଚାୟତବାସୀଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରୁଛି ।
ଶ୍ରୀମତୀ ମାଳତୀ ପ୍ରଧାନ
ସରପଞ୍ଚ, ରୂପ୍‌ସା ସାମିଲ ହସନପୁର ଗ୍ରା.ପ., ସଦର ବ୍ଲକ, ବାଲେଶ୍ୱର

ଅଭିନନ୍ଦନ
ନିର୍ଭୀକ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସବୁବେଳେ ଚର୍ଚ୍ଚାରେ।
ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ।
ପ୍ରାଧ୍ୟାପକ ମନୋରଞ୍ଜନ ବେହେରା
ଅଧ୍ୟକ୍ଷ, ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ପ୍ରୀତିଭରା
ଅଭିନନ୍ଦନ
ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରର ଶୁଭକାମନା କରୁଛି । ଧରିତ୍ରୀର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
ଡ. ତପନ କୁମାର ବେହେରା
ଅଧ୍ୟକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ବାଲେଶ୍ୱର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ।
ଲକ୍ଷ୍ମୀନାରାୟଣ ହାର୍ଡୱାର ଷ୍ଟୋର ଓ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ସମଗ୍ର ବାଲେଶ୍ୱରବାସୀଙ୍କ ସୁଖ, ସମୃଦ୍ଧି କାମନା କରୁଛି ।
ସୁମନ୍ତ କୁମାର ଜେନା
ବିଶିଷ୍ଟ ସମାଜସେବୀ, ବସ୍ତା, ବାଲେଶ୍ୱର

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଭଉଣୀ, ଭାଇଙ୍କୁ ସାଦର
ଅଭିନନ୍ଦନ
ବୈଦିକ ଗୁରୁକୁଳ ଆଶ୍ରମ, ପିଞ୍ଜାବଣିଆ ଏବଂ ଆର୍ଯ୍ୟ ସେବା ସଂଘ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ ଓ ଅଜସ୍ର ଶୁଭେଚ୍ଛା।
ଆଚାର୍ଯ୍ୟ ବିଜୟ ଜୀ
ସଞ୍ଚାଳକ, ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଜାବଣିଆ, ରୂପ୍‌ସା, ବାଲେଶ୍ୱର

ଅଭିନନ୍ଦନ
ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ।
ବାଲେଶ୍ୱର ୧୭ ନଂ. ଜୋନ୍‌ର ସାମଗ୍ରିକ ବିକାଶ ପାଇଁ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କାମନା କରୁଛି ।
ସୁଜାତାରାଣୀ ଦଣ୍ଡପାଟ
ଜିଲା ପରିଷଦ ସଭ୍ୟା, ୧୭ନଂ. ଜୋନ୍, ବସ୍ତା, ବାଲେଶ୍ୱର

ଅଭିନନ୍ଦନ
ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଅଜସ୍ର ଶୁଭେଚ୍ଛା।
ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।
ପର୍ଶୁରାମ ବେହେରା
ପ୍ରଧାନ ଶିକ୍ଷକ, କସିପଦା ପଞ୍ଚାୟତ ହାଇସ୍କୁଲ, ରୂପ୍‌ସା, ବାଲେଶ୍ୱର

ଅଭିନନ୍ଦନ
ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀ ର ଭୂମିକା ସର୍ବଦା ପ୍ରଶଂସନୀୟ।
ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି ।
ମିନତୀରାଣୀ ବେହେରା
ଅଧ୍ୟକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍କୋ, ରୂପ୍‌ସା, ବାଲେଶ୍ୱର

ସତ୍ୟ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସର୍ବଦା ଆଗରେ। ସ୍ୱନକ୍ଷତ୍ର ଦିବସରେ ସଦର ନିର୍ବାଚନମଣ୍ଡଳୀ ସମେତ ଆଙ୍କୋ ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ।
ଅଭିନନ୍ଦନ
ଜୟକୃଷ୍ଣ ବେହେରା (ବୁଲାଭାଇ)
ସଭାପତି, ସଦର ବ୍ଲକ କଂଗ୍ରେସ କମିଟି, ବାଲେଶ୍ୱର
ଜ୍ୟୋତ୍ସ୍ନାରାଣୀ ବେହେରା
ସରପଞ୍ଚ, ଆଙ୍କୋ ପଞ୍ଚାୟତ, ସଦରବ୍ଲକ

ବାରିପଦାର ଆକର୍ଷଣ

ମୟୂରଭଞ୍ଜ ରାଜପ୍ରାସାଦ

ନୀଳାଦ୍ରି ବିହାରୀ ଦଣ୍ଡପାଟ
ବାରିପଦା ଅଫିସ, ୭।୯

ସ୍ୱାଧୀନତା ପୂର୍ବରୁ ଗଡ଼ଜାତ ମୟୂରଭଞ୍ଜ ରାଜ୍ୟର ପ୍ରଜାବତ୍ସଳ ରାଜାମାନେ ପ୍ରଜାଙ୍କ ସ୍ୱାର୍ଥ ସକାଶେ ଅନେକ କାର୍ଯ୍ୟ କରି ଯଶକୀର୍ତ୍ତି ଅର୍ଜନ କରିଛନ୍ତି। ବାରିପଦାରେ ଅବସ୍ଥିତ ରାଜପ୍ରାସାଦ ମୟୂରଭଞ୍ଜର ଗୌରବମୟ ଇତିହାସର ମୂକସାକ୍ଷୀ। ଏହି ରାଜପ୍ରାସାଦକୁ ଉଚ୍ଚ ଶିକ୍ଷା ନିମନ୍ତେ ଉତ୍ସର୍ଗ କରାଯାଇଛି। ରାଜପ୍ରାସାଦର ସୌନ୍ଦର୍ଯ୍ୟ ଏବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଆଗନ୍ତୁକମାନେ ରାଜପ୍ରାସାଦ ସମ୍ମୁଖରେ ଫଟୋ ଉଠାଇବାକୁ ପସନ୍ଦ କରୁଛନ୍ତି । ସେଲଫି ମାଧ୍ୟମରେ ନିଜର ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି ।

ମୟୂରଭଞ୍ଜ ରାଜପ୍ରାସାଦର ନିର୍ମାଣ ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ। ୧୫ଏକର ପରିମିତ ଜମିରେ ପ୍ରାୟ ୧ଲକ୍ଷ ବର୍ଗଫୁଟର ରାଜପ୍ରାସାଦର ନିର୍ମାଣ ମୟୂରଭଞ୍ଜର ତତ୍କାଳୀନ ମହାରାଣୀ ସୁମିତ୍ରା ଭଞ୍ଜଦେଓ ୧୮୦୨ରେ ଆରମ୍ଭ କରାଇଥିଲେ। ହରିପୁରଗଡ଼ରୁ ରାଜଧାନୀ ସ୍ଥାନାନ୍ତର ପରେ ଏହି ରାଜପ୍ରାସାଦରେ ରାଜ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ରାଜପ୍ରସାଦକୁ ସମ୍ପ୍ରସାରଣ ପୂର୍ବକ ୧୨୬ଟି କୋଠରୀ ସହ ଲଣ୍ଡନର ବକିଂହାମ୍ ପ୍ୟାଲେସର ଅବିକଳ ରୂପ ଦେଇଥିଲେ। ବର୍ମାରୁ କାଠ ଓ କାଠ ମିସ୍ତ୍ରି, ଇଂଲଣ୍ଡର ଟାଇଲ ସହାୟତାରେ ଜର୍ମାନୀର ଇଞ୍ଜିନିୟରଙ୍କ କାରିଗରି, ସ୍ଥାପତ୍ୟ ଓ କଳା ଏହି ଅଟ୍ଟାଳିକାରେ ଦେଖିବାକୁ ମିଳେ। ଶହଶହ ସୁନ୍ଦର କାଠ କବାଟ ଝରକାରେ ତିନି ପର୍ଯ୍ୟାୟରେ ନିର୍ମାଣ କରାଯାଇଥିବା ବେଳେ ମହାରାଣୀ ପ୍ରେମ କୁମାରୀଙ୍କ ଇଣ୍ଡୋର ସୁଇମିଂପୁଲ ମଧ୍ୟ ନିର୍ମାଣ ହୋଇଥିଲା। ଏହି ସୁଇମିଂପୁଲରେ କୌଣସି ଝରକା ନ ଥିବା ବେଳେ ଛାତରୁ ଲେନ୍ସ ସହାୟତାରେ ଆଲୋକୀକରଣ ବ୍ୟବସ୍ଥା ରହିଥିଲା। ରାଜପ୍ରାସାଦ ବିଦ୍ୟୁତୀକରଣ ପାଇଁ ଇଂଲଣ୍ଡରୁ ଜେନେରେଟର ଆସିଥିଲା। ରାଜପ୍ରସାଦର ଉତ୍ତର ଦ୍ୱାର ଚାରମିନାର ସଦୃଶ। ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ତଥା ରାଜବଂଶରର କୁଳ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିର ଏହି ଦିଗରେ ବିରାଜମାନ। ରାଣୀ ମହଲା ଏବେ ଛାତ୍ରାବାସ ଭାବେ ବ୍ୟବହାର କରାଯାଉଛି। ଏଠାରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଓ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଅବସ୍ଥାନ କରିବା ସହିତ ରାଜକାର୍ଯ୍ୟ ତୁଲାଉଥିଲେ। ଉଚ୍ଚଶିକ୍ଷା ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ମହାରାଜା ପ୍ରତାପ ଚନ୍ଦ୍ର ଏହି ଅଟ୍ଟାଳିକାକୁ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ଭାବରେ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ତକତପୁରଠାରେ କାର୍ଯ୍ୟ କରୁଛି। କିନ୍ତୁ ଏଠାରେ ଏବେ ବି ଏମ୍‌ପିସି ଇଉନିୟର ଓ ମହିଳା ମହାବିଦ୍ୟାଳୟ କାର୍ଯ୍ୟ କରୁଛି। ସମ୍ମୁଖ ଭାଗରୁ ଝଲସୁଥିବା ଏହି ରାଜପ୍ରସାଦ ଦେଖିବାକୁ ପର୍ଯ୍ୟଟକ ଆସୁଥିଲେ ହେଁ ତାହା ବର୍ତ୍ତମାନ ବିପଦ ସଙ୍କୁଳ ଅବସ୍ଥାରେ। ପ୍ରସାଦର ୫ଟି ଅଂଶ ବ୍ୟବହାର ଅନୁପଯୋଗୀ ଓ ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ପୂର୍ତ୍ତବିଭାଗ ପକ୍ଷରୁ ଦର୍ଶାଯାଇଛି। ଫଳରେ ୨୦୦ବର୍ଷର ପୁରୁଣା ଏହି ଐତିହାସିକ ଅଟ୍ଟାଳିକା ବର୍ତ୍ତମାନ ଭୁଶୁଡ଼ି ପଡ଼ିବା ସ୍ଥିତିରେ ଥିବା ଜଣାପଡ଼ିଛି। ଏହି ରାଜପ୍ରାସାଦକୁ ଆର୍କୋଲାଜି ସର୍ଭେ ଅଫ୍ ଇଣ୍ଡିଆ ହାତକୁ ନେବା ସହ ସରକାର ଏହାକୁ ଐତିହ୍ୟ ଭାବେ ଘୋଷଣା କରି ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବାକୁ ସାଧାରଣରେ ଦାବି ହେଉଛି ।

ସଙ୍ଗୀତ ହିଁ ଏକମାତ୍ର ବ୍ରତ

କଣ୍ଠଶିଳ୍ପୀ ଅଲରଜା ଖାନ୍

ସନାତନ ରାଉତ
ଭଦ୍ରକ ଅଫିସ,୭।୯

ପାଠପଢ଼ା ସହ ସଙ୍ଗୀତ ସାଧନାକୁ କରିଛନ୍ତି ଜୀବନର ବ୍ରତ। ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ସାରା ଦେଶରେ ପରିଚୟ ସୃଷ୍ଟି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତୁଳସୀ ଦୁଇପତ୍ରରୁ ବାସିବା ପରି ପିଲାବେଳୁ କଣ୍ଠର ଯାଦୁ ତାଙ୍କୁ ପରିଚିତ କରାଇଛି। ତାଙ୍କ କଣ୍ଠସ୍ୱର ସମସ୍ତଙ୍କ ମନ ଜିଣି ନେଇଛି। ଏମିତି ଜଣେ ସୁମଧୁର କଣ୍ଠଶିଳ୍ପୀ ହେଉଛନ୍ତି ଭଦ୍ରକ ସହର ଗୌସିଆନଗରର ଅଲରଜା ଖାନ୍(୧୮)। କେବଳ ଭଦ୍ରକ ନୁହେଁ ଏବେ ସେ ଜାତୀୟସ୍ତରର କଣ୍ଠଶିଳ୍ପୀ ଭାବେ ପରିଚିତ। ଆଗାମୀ ଦିନରେ ସଙ୍ଗୀତରେ କ୍ୟାରିୟର କରିବାକୁ ସେ ଇଚ୍ଛା ରଖିଛନ୍ତି।

ଗୌସିଆନଗରର ସମସୁଦ୍ଦିନ ଖାନ୍ ଏବଂ ସମସାଦ୍ ବେଗମଙ୍କ ଝିଅ ଅଲରଜା। ବାପା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା' ପୁରୁଣାବଜାର ଥାନା ଅଞ୍ଚଳର ଶଙ୍କରପୁର ୟୁଜିଏମ୍‌ଇ ଉର୍ଦ୍ଦୁ ପ୍ରାଇମେରି ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ଅଲରଜା ଏବେ ଭଦ୍ରକର ଏନ୍‌ଆର୍‌ଆଇ ସ୍କୁଲରେ +୨ ବିଜ୍ଞାନର ୨ୟ ବର୍ଷ ଛାତ୍ରୀ। ଅଲରଜା କହନ୍ତି, ପିଲାଟି ବେଳୁ ତାଙ୍କର ସଙ୍ଗୀତ ପ୍ରତି ଆଗ୍ରହ ରହିଛି। ୪ ବର୍ଷ ବୟସରୁ ସେ ଗୀତ ଗାଇବା ଆରମ୍ଭ କରିଥିଲେ। ଆଲି ସାକେରା ଖାତୁନ ଜଣେ ଲେଖିକା ଏବଂ ସଙ୍ଗୀତପ୍ରେମୀ। ପିଲାବେଳୁ ସଙ୍ଗୀତ ପ୍ରତି ଆକର୍ଷଣ ଦେଖି ଆଲି ତାଙ୍କୁ ରିଆଜ ଜାରି ରଖିବାକୁ ସବୁବେଳେ ପରାମର୍ଶ ଦେଇଥିଲେ। ଆଲିଙ୍କଠାରୁ ପ୍ରେରଣା ପାଇ ଗୀତ ଗାଇବା ଜାରି ରଖିଥିଲେ। ଜଣେ ପ୍ରଶିକ୍ଷକ ତାଙ୍କ ଘରକୁ ଆସି କିଛିଦିନ ଗୀତ ଶିଖାଇଥିଲେ। ତେବେ ୟୁଟ୍ୟୁବ୍, ଫେସ୍‌ବୁକ୍‌ରେ କଳାକାରମାନଙ୍କୁ ଅନୁକରଣ କରି ସେ ଗୀତ ଅଭ୍ୟାସ କରୁଥିଲେ। ପ୍ରଥମେ ସ୍କୁଲ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ବହୁ ଟ୍ରଫି ଓ ପ୍ରମାଣପତ୍ର ପାଇଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ୨୦୧୮ରେ ତରଙ୍ଗ ଟିଭି ଚ୍ୟାନେଲରେ ଏକ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। କରୋନା ସମୟରେ ଅନ୍‌ଲାଇନରେ ୪/୫ଟି ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗନେଇ ବିଜେତା ହୋଇଥିଲେ। ଗତ ଜୁନ୍‌ରେ ହରିୟାଣାର ଫରିଦାବାଦଠାରେ ଇଣ୍ଡିଆ ପ୍ରାଉଡ ବୁକ୍ ଅଫ୍ ରେକର୍ଡସ ଅନୁଷ୍ଠାନ ତରଫରୁ ଆୟୋଜିତ ବେଷ୍ଟ ଆଚିଭର୍ସ ଆୱାର୍ଡ-୨୦୨୨ ଗ୍ରାଣ୍ଡ ଫିନାଲେରେ ଜିତି ସେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗଦେଇଥିବା ବଲିଉଡ୍‌ର ଗାୟକ ସଲ୍‌ମାନ ଅଲ୍ଲୀ ସୁନ୍ଦର ଗାଇବା ଶୈଳୀ ପାଇଁ ତାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ପୁରସ୍କୃତ କରିଥିଲେ। ଏହାସହ ମୁମ୍ବାଇରେ ଏକ ରିଆଲିଟି ଶୋ' ପାଇଁ ସଲ୍‌ମାନଙ୍କ ସହ ପ୍ରମୋ ସୁଟିଂ କରାଯାଇଛି, ଯାହାକି ଜାତୀୟ ସ୍ତରର ଟିଭି ଚ୍ୟାନେଲରେ ପ୍ରସାରିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ମା' ବାପାଙ୍କ ସହଯୋଗ ଯୋଗୁ ଆଗକୁ ଯାଇପାରିଛି ବୋଲି ଅଲରଜା କହିଛନ୍ତି।

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ନମତା ମହାପାତ୍ର
ସମ୍ପାଦିକା, ଯୁଗଶ୍ରୀ ଯୁଗନାରୀ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ହ୍ରିତିକ୍ ନାୟକ
ସଭାପତି, ହେଲ୍‌ପିଙ୍ଗ ସୋସାଇଟି,ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ଖବରକାଗଜର ଉତ୍ତରୋତ୍ତର ଉନ୍ନତି ପାଇଁ କାମନା କରିବା ସହିତ ଅଭିନନ୍ଦନ ଜଣାଉଛି ।
B.K.STONE CARVING CO-OP. SOCIETY LTD.
NH-16, Soro, Balasore

ଅଭିନନ୍ଦନ
ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ସୋର ଶାଖା ତରଫରୁ ଶୁଭ ଅଭିନନ୍ଦନ ଜଣାଉଛି ।
ସଞ୍ଜୟ କୁମାର ମହାନ୍ତି
ଶାଖା ପରିଚାଳକ,ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ସୋର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ବିକ୍ରମ ପଣ୍ଡା
ଯୁବ ନେତା ତଥା ସମାଜସେବୀ, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ରାଧା କୃଷ୍ଣ ଆଚାର୍ଯ୍ୟ
ପ୍ରଡ୍ୟୁସର, ବଣିରତ୍ନ ପ୍ରଡକ୍ସନ,ୟୁଟ୍ୟୁବ୍ ଚ୍ୟାନେଲ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସୂର୍ଯ୍ୟକାନ୍ତ କର
ସଭାପତି,ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ,ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସାହିରୁଲ ହକ
ଆଇନଜୀବୀ, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ରଞ୍ଜିତା ମହାପାତ୍ର
କାଉନସିଲର,ମ୍ୟୁନିସିପାଲିଟି,ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ମିନତୀ ସେଠୀ
ଜିଲ୍ଲା ମହିଳା ସମ୍ପାଦିକା,ବିଜେଡି,ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀର ଉତ୍ତର ଓଡ଼ିଶା ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଇଂ. ରାଜେଶ ମହାକୁଡ଼
ଯୁବନେତା,ଖଇରା,ସିମୁଳିଆ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ନିକୁଞ୍ଜ ବିହାରୀ ଦାସ
ବରିଷ୍ଠ ଚିତ୍ରଶିଳ୍ପୀ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଡା. ଅନ୍ତର୍ଯ୍ୟାମୀ ମହାପାତ୍ର
ସାଧାରଣ ସମ୍ପାଦକ,ନେସ୍କୋ ଶକ୍ତି କର୍ମଚାରୀ ସଂଘ,ବାଲେଶ୍ୱର

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଉତ୍ତର ଓଡ଼ିଶାର ସମସ୍ତ ପାଠକ, ପାଠିକାମାନଙ୍କୁ ଶ୍ରୀରାମ ରେସିଡେନସିଆଲ କଲେଜ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଅନେକ ଅନେକ ଶୁଭେଚ୍ଛା ।
SRIRAM GROUP OF INSTITUTIONS
ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ଦେ
ସମ୍ପାଦକ,ଶ୍ରୀରାମ ରେସିଡେନସିଆଲ କଲେଜ,ସୋର
+୨ ବିଜ୍ଞାନ ଓ +୩ ବିଜ୍ଞାନ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରଦୀପ୍ତ କୁମାର ପଣ୍ଡା
ଚାର୍ଟାର୍ଡ ଆକାଉଣ୍ଟାଣ୍ଟ,ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଜୀବନ ପ୍ରଦୀପ ଦାଶ
ପୂର୍ବତନ ବିଧାୟକ,ବାଲେଶ୍ୱର

ପ୍ରଗତି ପଥେ ଖଇରା ବ୍ଲକ ଗୋବିନ୍ଦପୁର ଗ୍ରାମପଞ୍ଚାୟତ
* ନୂତନ ଭାବେ ୩୦୦, ମୋଟ ୭୫୦ଜଣଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ। * ନୂତନ ଭାବେ ୨୫୦, ମୋଟ ୧୩୭୦ଜଣଙ୍କୁ ରେସନ କାର୍ଡ ପ୍ରଦାନ। * ବସୁନ୍ଧରା ଯୋଜନାରେ ପ୍ରତ୍ୟେକ ୱାର୍ଡକୁ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା। * ସ୍ୱଚ୍ଛ ଭାରତ ଯୋଜନାରେ ପ୍ରତ୍ୟେକ ପରିବାର ପାଇଁ ପାଇଖାନା ବ୍ୟବସ୍ଥା। * ପଞ୍ଚାୟତ ଖେଳପଡ଼ିଆର ପୁନରୁଦ୍ଧାର ଓ ଅଧିକାଂଶ ଗ୍ରାମକୁ କଂକ୍ରିଟ ରୋଡ୍ ବ୍ୟବସ୍ଥା। * ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଉତ୍ପାଦନକ୍ଷମ ନିମନ୍ତେ ସହଯୋଗ।
ରଶ୍ମିବାଳା କର
ସରପଞ୍ଚ
ପାର୍ବତୀ ବାରିକ
ସମିତି ସଭ୍ୟା

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଗୋବିନ୍ଦ ଚନ୍ଦ୍ର ଦାସ
ପୂର୍ବତନ ବିଧାୟକ,ରେମୁଣା, ବାଲେଶ୍ୱର

ଅପେକ୍ଷା ଜାନୁୟାରୀକୁ

'ତେଜାସ୍' ଚଳଚ୍ଚିତ୍ରରେ କଙ୍ଗନା

କଙ୍ଗନା ରାଣାଓ୍ୱତଙ୍କ ଅଭିନୀତ 'ତେଜାସ'ର ରିଲିଜ ତାରିଖ ଘୁଞ୍ଚି ଘୁଞ୍ଚି ଚାଲିଛି। ଫିଲ୍ମଟି ଚଳିତ ବର୍ଷ ଅକ୍ଟୋବର ୫ରେ ପରଦା ଉପରକୁ ଆସିଥାଆନ୍ତା। ହେଲେ କେତେକ କାରଣରୁ ତାହାକୁ ବାତିଲ କରିଦିଆଯାଇଛି। ଏହା ପୂର୍ବରୁ ମଧ୍ୟ କେତୋଟି ମୁକ୍ତିଲାଭ ତାରିଖ ଘୋଷଣା ହୋଇଥିଲା, ହେଲେ ଶେଷ ମୁହୂର୍ତ୍ତରେ ତାହାକୁ କ୍ୟାନ୍‌ସଲ କରାଯାଇଥିଲା। ହେଲେ ଏଥର ଫିଲ୍ମର ଫାଇନାଲ ରିଲିଜ ମାସ ଘୋଷଣା କରାଯାଇଛି। ଏହି ଚିତ୍ରଟି ଆସନ୍ତା ବର୍ଷ ଜାନୁୟାରୀରେ ମୁକ୍ତିଲାଭ କରିବ। ଏକ ସତ୍ୟ ଘଟଣାକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଭାରତୀୟ ସୈନ୍ୟବାହିନୀର ଜଣେ କର୍ତ୍ତବ୍ୟନିଷ୍ଠ ସୈନିକ ତେଜାସ ଗିଲ୍‌ଙ୍କ ଜୀବନୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି କଙ୍ଗନା ରାଣାଓ୍ୱତ। ସର୍ଭେସ ମିଓ୍ୱାରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବିଷୟରେ କଙ୍ଗନା କହନ୍ତି, 'ଦେଶପ୍ରେମଭିତ୍ତିକ ସିନେମାରେ ଅଭିନୟ କଲେ ମୋ ମନରେ ଶିହରଣ ଖେଳିଯାଏ। କାରଣ ବାସ୍ତବରେ ନ ହେଲା ନାହିଁ, ଅଭିନୟରେ ଜଣେ ସୈନିକ ଭୂମିକାରେ ଅଭିନୟ କରିବା ଛୋଟିଆ କଥା ନୁହେଁ। ଏହି ଫିଲ୍ମର ଶୁଟିଂ ସମୟରେ ଅନେକ ମଧୁର ଅନୁଭୂତି ମୋ ମନରେ ସାଇତି ହୋଇ ରହିଛି। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ତେବେ 'ତେଜାସ୍' ପରଦା ଉପରେ କି କମାଲ କରୁଛି ତାହା ଜାଣିବାକୁ ହେଲେ ଅନ୍ତତଃ ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

ଛୋଟ ପରଦା

ମା' ଯାହାର ସାହା

ମାତ୍ର କେଇଦିନ ଭିତରେ ଦର୍ଶକଙ୍କ ପ୍ରଥମ ପସନ୍ଦ ସାଜିଛି ଜୀ ସାର୍ଥକର ମେଗା ସିରିଏଲ 'ମା ଯାହାର ସାହା'। ଚଳିତ ବର୍ଷ ଜୁଲାଇ ୧୮ ତାରିଖରୁ ଏହାର ପ୍ରସାରଣ ଆରମ୍ଭ ହୋଇ ଦିନକୁ ଦିନ ସାଉଁଟି ଚାଲିଛି ପ୍ରଶଂସା। ସୋମବାରରୁ ଶନିବାର ରାତି ୮ଟା ୩୦ରେ ଏହା ଜୀ ସାର୍ଥକରେ ପ୍ରସାରିତ ହେଉଛି। ଏହାର କାହାଣୀ ଈଶ୍ୱରଭକ୍ତି ଓ ବିଜ୍ଞାନକୁ ନେଇ ଗତିଶୀଳ। ତେବେ ଏହି କାହାଣୀରେ ଆସିବାକୁ ଯାଉଛି ନୂଆମୋଡ, ଯାହା ଦର୍ଶକଙ୍କ ମନରେ ଆହୁରି ରୋମାଞ୍ଚ ଭରିଦେବ ବୋଲି ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ମହାଦେବଙ୍କ ଅଂଶ, ଆଉ ଜଣେ ମହାକାଳୀଙ୍କ ଅଂଶରୁ ଜାତ। ଶିବ ଆଉ ପାର୍ବତୀ ଦୁହେଁ ପରସ୍ପର ପାଇଁ ଅଜଣା। ଡା. ଶିବପ୍ରସାଦ ତ୍ରିପାଠୀ ଜଣେ ସୁନାମଧନ୍ୟ ଡାକ୍ତର ଅନ୍ୟପଟେ ପାର୍ବତୀ ଗୋଟିଏ ଗାଉଁଲି ଝିଅ। ହେଲେ ସଂସାର କିନ୍ତୁ ଦୁଇ ଦେବଅଂଶଙ୍କ ମିଳନ ଅପେକ୍ଷାରେ। ତେବେ ସଂଯୋଗବଶତଃ ଶିବ ପାର୍ବତୀ ଦୁହେଁ ନିକଟତର ହୋଇ ଉଭୟଙ୍କ ଭିତରେ ସୃଷ୍ଟି ହୋଇଛି ସମ୍ପର୍କ। କିନ୍ତୁ ଏହାରି ଭିତରେ ସେମାନଙ୍କ ସମ୍ପର୍କ ଭିତରେ ପଶି ଆସିଛି ଗାଁ ସରପଞ୍ଚ ସନାତନ। ଶିବ ଓ ପାର୍ବତୀଙ୍କ ମିଳନ ପାଇଁ ଆଗକୁ କ'ଣ ସବୁ ଘଟୁଛି ତାହା କାହାଣୀରେ ଅତି ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ଏହି ଧାରାବାହିକରେ ଜସ୍ମିନ ରଥ (ପାର୍ବତୀ), ଆଲୋକ (ଡା. ଶିବପ୍ରସାଦ), ବୀରେନ ମିତ୍ର (ଶକ୍ତି ପ୍ରସାଦ), ଛନ୍ଦିତା ପାଢ଼ୀ (ଛନ୍ଦିତା) ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।

ଧାରାବାହିକର ଏକ ଦୃଶ୍ୟରେ ଶିବପ୍ରସାଦ-ପାର୍ବତୀ

ଗଞ୍ଜ ମାୟାରେ ରାଜଗୋପାଳ

ରାଜଗୋପାଳ

ପିଲାଦିନରୁ ଅଭିନୟ ମାୟାରେ ପଡ଼ିଥିଲେ ସେ। କଲେଜରେ ପଢ଼ିବା ପରେ ଏହି ଧାରାକୁ ସେ ବଜାୟ ରଖିଥିଲେ। ଏପରି କି ଜାତୀୟ ସ୍ତରରେ ଅନୁଷ୍ଠିତ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଶଂସା ସାଉଁଟିଛନ୍ତି ଗଞ୍ଜାମ ଜିଲା ପାଡ୍ରପୁର ବ୍ଲକ ଜରଡ଼ାଗଡ଼ ଗ୍ରାମର ରାଜଗୋପାଳ ପାଢ଼ୀ। ପେସାରେ ଜଣେ ସାମ୍ବାଦିକ ହେଲେ ମଧ୍ୟ ନିଜକୁ କେବଳ ଅଭିନେତା ଭାବରେ ନୁହେଁ, ଜଣେ ସଫଳ ଉପସ୍ଥାପକ ଭାବେ ପରିଚିତ କରାଇ ପାରିଛନ୍ତି। ଏ ନେଇ ରାଜଗୋପାଳ କହନ୍ତି, ''ମଞ୍ଚ ନାଟକ ପ୍ରତି ମୋର ରହିଛି ଅହେତୁକ ଦୁର୍ବଳତା। ସର୍ବଭାରତୀୟ ନାଟକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ମୋ' ପାଇଁ ବେଶ୍ ପ୍ରେରଣାଦାୟକ ହୋଇଛି। ଗତ କିଛି ବର୍ଷ ହେଲା ମୁଁ ଅଭିନୟ ସହ ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ତୁଲାଉଛି।'' ରାଜଗୋପାଳ ନିଜର 'ଆଶିଷ ଅଂଶୁମାନ ସୌଖୀନ କଳାକାର ସଂଘ' ନାମକ ଏକ ନାଟ୍ୟ ଅନୁଷ୍ଠାନ ମଧ୍ୟ ପ୍ରତିଷ୍ଠା କରିଛନ୍ତି। ବର୍ତ୍ତମାନ ଅଲ୍ ଇଣ୍ଡିଆ ଥିଏଟର୍ କାଉନସିଲ୍‌ର ଓଡ଼ିଶା ପ୍ରଭାରୀ ଏବଂ ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସକ୍ରିୟ ସଦସ୍ୟ ଦାୟିତ୍ୱ ତୁଲାଉଛନ୍ତି ସେ।

ଗୁଡ୍‌ବାଏ କହିବେ ରଶ୍ମିକା

ରଶ୍ମିକା

ରଶ୍ମିକା ମାନ୍ଧାନାଙ୍କୁ ନେଇ ଏବେ ଚର୍ଚ୍ଚା। କାହିଁକି ଜାଣନ୍ତି ? ସେ ଏବେ ଯୁଆଡେ ଗଲେ ଗୁଡ୍‌ବାୟ ବିଷୟରେ କହି ବୁଲୁଛନ୍ତି। ତାହାର ଅର୍ଥ କ'ଣ ଏଇଆ ଯେ ଏହି ଅଭିନେତ୍ରୀ ଅଭିନୟକୁ ଗୁଡ୍‌ବାୟ କରିବାକୁ ଯାଉଛନ୍ତି। ନା, ସତ କଥା ସେଇଆ ନୁହେଁ। ଅସଲ କଥା ହେଲା, ସେ ଏବେ ନିଜର ନୂଆ ସିନେମା 'ଗୁଡ୍‌ବାୟ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତ ରଶ୍ମିକା। ଜଣେ ମହିଳା ମୃତ୍ୟୁବରଣ କରିବା ପରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟାକୁ ନେଇ ପରିବାର ଭିତରେ ଭିନ୍ନ ମତ ସୃଷ୍ଟି ହୋଇଛି। ତେବେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମର ଟ୍ରେଲର ନିକଟରେ ରିଲିଜ ହୋଇ ଭାଇରାଲ ହୋଇଛି। ଏହାର ମୁଖ୍ୟ ଭୂମିକାରେ ରଶ୍ମିକାଙ୍କ ବ୍ୟତୀତ ଅମିତାଭ ବଚ୍ଚନ, ନିନା ଗୁପ୍ତା ଏବଂ ପଲ୍ଲବୀ ଗୁଲାଟି ଅଭିନୟ କରିଛନ୍ତି। ଏକତା କପୁରଙ୍କ ପ୍ରଯୋଜିତ ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ବହଲ। ଫିଲ୍ମଟି ଆସନ୍ତା ମାସ ୭ତାରିଖରେ ପରଦା ଉପରକୁ ଆସିବ।

ଭାଗ୍ୟବତୀ କିଆରା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ବର୍ତ୍ତମାନ ତାଙ୍କର ହାତରେ ଅଫର ପରେ ଅଫର। କେବଳ ହିନ୍ଦୀ ସିନେମା ନୁହେଁ, ଦୁଇଟି ତେଲୁଗୁ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଖାସ୍ କଥା ହେଲା, ଏକ ଅନଟାଇଟଲ୍‌ଡ ତେଲୁଗୁ ଫିଲ୍ମରେ ସେ ଆଙ୍କ୍ଟିଂ କରିବେ, ଯାହାର ନାୟକ ସାଜୁଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତା ରାମ ଚରଣ। ଏହାର ନିର୍ଦ୍ଦେଶନା ଦେବେ ଏସ. ଶଙ୍କର। ଅନ୍ୟପକ୍ଷରେ ଏକ ରୋମାଣ୍ଟିକ, କମେଡି ହିନ୍ଦୀ ସିନେମା 'ଗୋବିନ୍ଦା ମେରା ନାମ'ରେ କିଆରାଙ୍କୁ ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହ ମେଲ୍ ଲିଡ୍‌ରେ ଅଛନ୍ତି ଭିକି କୌଶଲ। ଏ ନେଇ କିଆରା କହନ୍ତି, 'ମୋତେ ଲାଗୁଛି ମୋ ପ୍ରତି ଏବେ ଭାଗ୍ୟଦେବୀ ପ୍ରସନ୍ନ ହୋଇଛନ୍ତି। ମୋ ହାତରେ ଏବେ ଗୁଡାଏ ସିନେମା ରହିଛି। ଏହାର ଶୁଟିଂ କିପରି ଶେଷ କରିବି ସେ ନେଇ ନିଜକୁ ପ୍ରସ୍ତୁତ କରିସାରିଲେଣି।' ଏହାବ୍ୟତୀତ ନାଦିଓ୍ୱାଦଓ୍ୱାଲା ଗ୍ରାଣ୍ଡସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ 'ସତ୍ୟପ୍ରେମ କି କଥା'ର ନାୟିକା ସାଜିଛନ୍ତି କିଆରା। ଏଥିରେ ତାଙ୍କ ସହ ପୁଣି ଥରେ କାର୍ତ୍ତିକ ଆର୍ଯ୍ୟନଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ବର୍ଷ ଜୁନ୍ ୨୯ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।

ଜ୍ୟୋତି-ପୁନମ୍

ଏଥର ଶିଶୁ ଭ୍ରୂଣ ହତ୍ୟା

ଭିନ୍ନ ଭିନ୍ନ ସ୍ୱାଦର କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରି ଇତିମଧ୍ୟରେ ବେଶ୍ ପ୍ରଶଂସା ସାଉଁଟି ସାରିଛି ଜୀ ସାର୍ଥକ ଚାନେଲ। ଏବେ ଏକ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ଚିତ୍ରଟିଏ ପ୍ରସ୍ତୁତ କରାଯାଇଛି। ଏହାର ଟାଇଟଲ ରହିଛି 'ଫେରି ଆସୁଥିବି କୋଳକୁ ତୋର'। ଓଲିଉଡ୍‌ର ଗିମିକ ମାଷ୍ଟର ଭାବରେ ପରିଚିତ ସଞ୍ଜୟ ନାୟକ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଖାସ୍ କଥା ହେଲା ଉକ୍ତ ସିନେମାଟିର ୱାର୍ଲ୍ଡ ଟିଭି ପ୍ରିମିୟର ଚଳିତ ମାସ ୧୮ ତାରିଖ ସନ୍ଧ୍ୟା ୬.୩୦ରେ ଜୀ ସାର୍ଥକରେ ହେବାକୁ ଯାଉଛି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଜ୍ୟୋତି ପଣ୍ଡା ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ପୁନମ୍ ମିଶ୍ର। ଶିଶୁ କଳାକାର ସାଲୋନିଙ୍କୁ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ରବି ମିଶ୍ର ପ୍ରଯୋଜନା ଭାର ସମ୍ଭାଳିଥିବା ବେଳେ ଗୁଡ୍‌ଲୀ ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୂଚନାଯୋଗ୍ୟ ଏହାପୂର୍ବରୁ ଜୀ ସାର୍ଥକ ପକ୍ଷରୁ ଦିଦି ନମସ୍କାର, ଡିଟେକ୍‌ଟିଭ କରନ୍ ଅର୍ଜୁନ, ମୋ ପଣତକାନିରେ ତୁ, ଏଇ ରାଖି ତୋ ରକ୍ଷା କବଚ ଚଳଚ୍ଚିତ୍ର ରିଲିଜ୍ ହୋଇ ବେଶ୍ ଲୋକାଦୃତ ହୋଇସାରିଛି।

ଅପେରା ହାଲ୍‌ଚାଲ୍

ରଞ୍ଜନ

ପ୍ରତିଟି ନାଟକ ମୋ ପାଇଁ ଚାଲେଞ୍ଜ

ଜଲିଉଡ୍‌ର ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ରଞ୍ଜନ ବିଶ୍ୱାଳ। ନିର୍ଦ୍ଦେଶନାକୁ କ୍ୟାରିୟର ଭାବରେ ବାଛି ନେଇଛନ୍ତି ସେ। ଚଳିତ ଯାତ୍ରା ସିଜନ୍‌ରେ ସେ ଦୁଇଟି ନାଟକର ନିର୍ଦ୍ଦେଶନା ଦେଇଛନ୍ତି। ଗୋଟିଏ ହେଲା ମା' ବାଣେଶ୍ୱରୀ ଗଣନାଟ୍ୟ ପରିବେଷିତ ତଥା ପପୁ ବ୍ରହ୍ମଙ୍କ ରଚିତ ନାଟକ 'ତୁ ଯେଉଁଠି ମୁଁ ବି ସେଇଠି'। ଦ୍ୱିତୀୟ ନାଟକଟି ହେଉଛି ଯାତ୍ରା ମାୟାନଗରୀର 'ତୁମେ ହିଁ ସ୍ୱର୍ଗ ମୋର' (ରଚନା-ଅଧ୍ୟାପକ ଡ. ସୁଧାଂଶୁ ନାୟକ)। 'କୌଣସି ନାଟକର ନିର୍ଦ୍ଦେଶନା ଦେବା ପୂର୍ବରୁ ସେ ନେଇ ବେଶ୍ କିଛି ମାସ ପୂର୍ବରୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଏ। କାରଣ ପ୍ରତିଟି ନାଟକ ହେଉଛି ମୋ ପାଇଁ ଚାଲେଞ୍ଜ ବୋଲି କହନ୍ତି ରଞ୍ଜନ। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂହରେ ଜନ୍ମିତ ଏହି ନିର୍ଦ୍ଦେଶକ ଏହାପୂର୍ବରୁ 'କଳିଯୁଗର ରାମାୟଣ', 'କଳା କାହ୍ନୁ ମୋର କାଳିଆ ସୁନା', 'ମୋ ସ୍ତ୍ରୀର ଗପ ନ କହିଲେ ପାପ' 'ତମ ସିନ୍ଦୂର କୋଉ ସ୍ୱାମୀର' 'ସାବତ ସ୍ୱାମୀ' ଆଦି ନାଟକର ନିର୍ଦ୍ଦେଶନା ଦେଇଛନ୍ତି।

୩୫ ଟଙ୍କାରୁ ଆରମ୍ଭ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଭାବରେ ପରିଗଣିତ ହୁଅନ୍ତି ରୋହିତ ସେଟ୍ଟୀ। ଯେତେବେଳେ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କଲେ, ସେତେବେଳେ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ସହ ନିର୍ଦ୍ଦେଶକ ହେବାକୁ ସେ ପାଠପଢ଼ାକୁ ପଛରେ ପକାଇ କାମ ସନ୍ଧାନରେ ଲାଗିପଡ଼ିଥିଲେ। ଅଜୟ ଦେବଗନଙ୍କ ଡେବ୍ୟୁ ସିନେମା 'ଫୁଲ୍ ଔର କାଣ୍ଟେ'ରେ ସହ ନିର୍ଦ୍ଦେଶକ ଭାବରେ କାମ କରିବାର ତାଙ୍କୁ ପ୍ରଥମେ ସୁଯୋଗ ମିଳିଥିଲା। ଏଥିପାଇଁ ତାଙ୍କୁ ପାରିଶ୍ରମିକ ମିଳିଥିଲା ମାତ୍ର ୩୫ ଟଙ୍କା। କିନ୍ତୁ ନିଜକୁ ଜଣେ ନିର୍ଦ୍ଦେଶକ ଭାବରେ ପରିଚିତ କରାଇବାକୁ ସତେ ଯେମିତି ସେ ବଜ୍ର ଶପଥ ନେଇଥିଲେ। ହେଲେ ଏହି ସମୟରେ ଅଜୟ ଦେବଗନଙ୍କ ସହ ତାଙ୍କର ବନ୍ଧୁତା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଅଭିନୟ କରିଥିବା 'ଜମିନ୍'ରୁ ସୋଲୋ ନିର୍ଦ୍ଦେଶକ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ। ଚିତ୍ରଟି ହିଟ୍ ହେବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ସବୁବେଳେ ସାଦାସିଧା ଜୀବନଯାପନ କରନ୍ତି ରୋହିତ। ତାଙ୍କ ନିର୍ଦ୍ଦେଶିତ ହିଟ୍ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଗୋଲମାଲ-ଫନ୍ ଅନଲିମିଟେଡ୍', 'ସଣ୍ଡେ', 'ଗୋଲମାଲ ରିଟର୍ନସ', 'ଗୋଲମାଲ-୩', 'ସିଙ୍ଘମ୍', 'ବୋଲ୍ ବଚ୍ଚନ', 'ଚେନ୍ନାଇ ଏକ୍ସପ୍ରେସ' ଆଦି ଚଳଚ୍ଚିତ୍ର।

ରୋହିତ